# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 3/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 249 | ମୂଲ୍ୟ₹୭/-





KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
No Tobacco, No Nicotine
•Not recommended for minors
•Chewing of pan masala is injurious to health

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ | Bhubaneswar, Sunday, August 3/2025 | ପୃଷ୍ଠା-୧



## ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା

ଭାରତୀୟ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉ ନ ଥିବା କହି ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି।

୦୯

୧୪

## ଜୟସ୍ୱାଲଙ୍କ ଶତକ

ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ।





ଶନିବାର ସକାଳେ ଲଗାତର ଦ୍ୱିତୀୟ ଦିନ ପାଇଁ ଇଣ୍ଡୋନେସିଆର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ମାଉଣ୍ଟ ଲେଓ୍ୱଟୋବି ଲାକି-ଲାକିରେ ଉଦ୍‌ଗିରଣ ହୋଇଛି। ୧୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ଆକାଶରେ ନିଆଁ ସହ ପାଉଁଶ ଉଡୁଥିବା ଦେଖିବାକୁ ମିଳିଥିଲା।

# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

**ଜୁଲାଇ ୧୯ରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେବାରୁ ଗୁରୁତର ଆହତ ହୋଇ ନୂଆଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର(ନୂଆ ଗୋପାଳପୁର) ଗ୍ରାମର ୧୫ ବର୍ଷୀୟା ନାବାଳିକା ସମିଦା ଖାତୁନଙ୍କ ଶନିବାର ମୃତ୍ୟୁ ଘଟିଛି। ସମିଦାଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଘଟଣାଦିନ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି ହୋଇଥିବା ସମିଦାଙ୍କୁ ସରକାର ଉଚ୍ଚତର ଚିକିତ୍ସା ପାଇଁ ଜୁଲାଇ ୨୦ରେ ନୂଆଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ କରିଥିଲେ। ୧୫ ଦିନ ଧରି ଜୀବନ ପାଇଁ ସଂଗ୍ରାମ ଚଳାଇଥିବା ପୀଡ଼ିତା ଶେଷରେ ଆଖିବୁଜିଛନ୍ତି। ଅନ୍ୟପକ୍ଷରେ ତାଙ୍କ ହତ୍ୟାକାରୀମାନଙ୍କୁ ଧରିବାରେ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଏଯାଏ ସଫଳ ହୋଇନାହିଁ। ଘଟଣା ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ।**



ସମିଦା ଖାତୁନ

ବଳଙ୍ଗା,୨।୮(କେଦାରେଶ୍ୱର ନନ୍ଦ)

### ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନାହିଁ: ପୋଲିସ

ସେହିଦିନ ଥିଲା ଜୁଲାଇ ୧୯ ଶନିବାର। ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ବାୟାବର ଗ୍ରାମର ହିମତ ଅଲ୍ଲୀଙ୍କ ଝିଅ ସମିଦା ଖାତୁନ ସକାଳ ୮ଟାରେ ବହି ଦେବାକୁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହିସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ସମିଦାଙ୍କୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ପୋଡ଼ି ମାରିଦେବା ପାଇଁ ତିନିଜଣ ଦୁର୍ବୃତ୍ତ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସମିଦା ଦୁର୍ବୃତ୍ତଙ୍କ କବଳରୁ ଖସି ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍କ୍ଷଣାତ ତାଙ୍କୁ ଉଦ୍ଧାର କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ☞ପୃଷ୍ଠା-୨

# ଆପୋସ ସମାଧାନ ମୁହାଁ ମହାନଦୀ ଜଳ ବିବାଦ

ନୂଆଦିଲ୍ଲୀ,୨।୮(ରାମ ଚନ୍ଦ୍ର ନାଥ)

### ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି



ମହାନଦୀ ଜଳ ବିବାଦର ସମାଧାନ ନେଇ ଓଡ଼ିଶା ଓ ଛତିଶଗଡ଼ ଆପୋସ ଆଲୋଚନା ମାଧ୍ୟମରେ ନେଉଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଶନିବାର ଦୁଇ ରାଜ୍ୟର ପ୍ରତିନିଧି ଟ୍ରିବ୍ୟୁନାଲକୁ ଜଣାଇଛନ୍ତି। ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ବିଚାରପତି ରବି ରଞ୍ଜନ ଏବଂ ବିଚାରପତି ଇନ୍ଦ୍ରମିତ କୌର କୋଚରଙ୍କୁ ନେଇ ଗଠିତ ପୀଠରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏବଂ ଅନ୍ୟ ୧୩ ଜଣ ଓକିଲଙ୍କୁ ନେଇ ଏକ ଟିମ୍ ଉପସ୍ଥିତ ରହିଥିଲେ। ଟ୍ରିବ୍ୟୁନାଲରେ ଏଜି ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାସ ୨୫ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମହାନଦୀ ଜଳ ବିବାଦର ଆପୋସ ସମାଧାନ ନିମନ୍ତେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପଠାଇଥିଲେ। ଓଡ଼ିଶାର ଏହି ପ୍ରସ୍ତାବକୁ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଜଳ ବିବାଦର ଆପୋସ ସମାଧାନ ଉପରେ ଚିନ୍ତା କରାଯାଉଛି ବୋଲି ଅଗଷ୍ଟ ୧ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ସାଇ ଜଣାଇଛନ୍ତି। ଏଥିସହିତ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ରାଜନୈତିକସ୍ତରରେ ଆଲୋଚନା କରି ଆପୋସ ବୁଝାମଣା ଦିଗରେ କଥା ଆଗକୁ ବଢ଼ିଥିବାରୁ ସମାଧାନ ପାଇଁ ଉଭୟ ପକ୍ଷ ରାଜିଥିବା ଶୁଣାଣି ସମୟରେ ଏଜି ଆଚାର୍ଯ୍ୟ କହିଥିଲେ। ଓଡ଼ିଶା ଏଜିଙ୍କ ଏହି ତଥ୍ୟକୁ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ସିନିୟର ଆଡଭୋକେଟ ଏ.କେ. ଗାଙ୍ଗୁଲି ମଧ୍ୟ ସହମତ ହୋଇଥିଲେ। ଟ୍ରିବ୍ୟୁନାଲ କହିଥିଲେ ଯେ, ଯେହେତୁ ଉଭୟ ପକ୍ଷ ଆପୋସ ସମାଧାନ କରିବାକୁ ଅଗ୍ରସର ହେଉଛନ୍ତି, ତେଣୁ ସେପ୍ଟେମ୍ବର ୬ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ସେହି ଦିନ ଉଭୟ ରାଜ୍ୟର ମୁଖ୍ୟଶାସନ ସଚିବ ଉପସ୍ଥିତ ରହିବାକୁ ଟ୍ରିବ୍ୟୁନାଲ୍ କହିଛନ୍ତି। ଟ୍ରିବ୍ୟୁନାଲ ବାହାରେ ଆଡଭୋକେଟ ଜେନେରାଲ ଆଚାର୍ଯ୍ୟ ଖବରଦାତାଙ୍କୁ କହିଥିଲେ, ପୂର୍ବ ବିଜେଡି ସରକାର ମହାନଦୀ ପ୍ରସଙ୍ଗକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବାକୁ ଯାଇ ପ୍ରାୟ ୩୦ କୋଟି ଟଙ୍କା ରାଜ୍ୟ ରାଜସ୍ୱରୁ ଅଯଥା ବ୍ୟୟ କରିସାରିଛନ୍ତି। ଏପର୍ଯ୍ୟନ୍ତ କୋର୍ଟ ମାଧ୍ୟମରେ କୌଣସି ଜଳ ବିବାଦର ତ୍ୱରିତ ସମାଧାନ ହେବା ଦେଖାଯାଇ ନାହିଁ। ଅଦାଲତ ବାହାନାରେ ରାଜ୍ୟର ଅର୍ଥକୁ ଅଯଥା ଅପବ୍ୟୟ କରିବାକୁ ଆମେ ଚାହୁଁ ନାହୁଁ। ଏହି ବିବାଦ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଦ୍ୱାରା ସମାଧାନ ହୋଇଯିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଆତ୍ମାହୁତି: ମହିଳା ମୃତ, ପୁରୁଷବନ୍ଧୁ ଗୁରୁତର

### ପରକୀୟା ପ୍ରୀତିରୁ ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ

ବାରିପଦା,୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭିନ୍ନ ଭିନ୍ନ କାରଣକୁ ନେଇ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଆତ୍ମାହୁତି ଘଟଣା ଘଟିଚାଲିଥିବା ବେଳେ ମୟୂରଭଞ୍ଜ ଜିଲା ରଘୁଆଁ ଥାନା ଅଞ୍ଚଳରେ ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ପରକୀୟା ପ୍ରୀତିରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ମହିଳା ଜଣକ ୯୦% ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁରୁଷବନ୍ଧୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ ଥାନାଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପେଟ୍ରୋଲ ଅଣାଯାଇଥିବା ଏକ ପାଣି ବୋତଲ ଜବତ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ☞ପୃଷ୍ଠା-୨

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲ ବିକିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

### ସବୁ ଜିଲାପାଳଙ୍କୁ ଯୋଗାଣ ସଚିବଙ୍କ ଚିଠି

ପ୍ଲାଷ୍ଟିକ୍ ବୋତଲ ତଥା ନିଷିଦ୍ଧ ହୋଇଥିବା କଣ୍ଟେନରରେ ପେଟ୍ରୋଲିୟମ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟର ସବୁ ଜିଲାପାଳଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଲାଗି ସେ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସରକାରଙ୍କ ଦୃଷ୍ଟିକୁ ଆସିଛି ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲିୟମ ଉତ୍ପାଦ ବିଶେଷକରି ପେଟ୍ରୋଲ ଏବଂ ଡିଜେଲ - ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ☞ପୃଷ୍ଠା-୨

# ବଳାତ୍କାର ମାମଲାରେ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ ଜେଲ



ବେଙ୍ଗାଲୁରୁ,୨।୮(ପି.ଟି.)

ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ପୂର୍ବତନ ଏମ୍‌ପି ତଥା ଜେଡିଏସ୍‌ର ନିଲମ୍ବିତ ନେତା ପ୍ରଜ୍ୱଳ ରେଭନ୍ନାଙ୍କୁ ସ୍ୱତନ୍ତ୍ର ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ତାଙ୍କ ଉପରେ ମୋଟ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୩୪ ବର୍ଷୀୟ ପ୍ରଜ୍ୱଳଙ୍କ ନାମରେ ୪ଟି ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ରହିଥିବାବେଳେ ସେଥିରୁ ଗୋଟିଏ ମାମଲାରେ ଶୁକ୍ରବାର ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ପ୍ରଜ୍ୱଳଙ୍କ ପରିବାରର ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିବା ୪୮ ବର୍ଷୀୟ ସହାୟିକାଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ☞ପୃଷ୍ଠା-୨

# ସ୍କୁଲରେ ପାଠ ପଢ଼ାଇବେ ୬୩୮୭ ଅବସରପ୍ରାପ୍ତ ଶିକ୍ଷକ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

### ଅତିଥି ଶିକ୍ଷକ ଭାବେ ମିଳିବ ନିଯୁକ୍ତି

ରାଜ୍ୟରେ ଲାଗି ରହିଥିବା ଶିକ୍ଷକ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ୬୩୮୭ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ଏମାନେ ଅତିଥି ଶିକ୍ଷକ ଭାବେ ଅନୁଦାନପ୍ରାପ୍ତ, ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲ୍ ସ୍କୁଲ୍‌ରେ ପାଠ ପଢ଼ାଇବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ନୂଆ ଟିଜିଟି ନିଯୁକ୍ତ ହେବା ଯାଏ ଏମାନେ ଶିକ୍ଷକତା କରିବେ। ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବୀ ବିଷୟରେ ଜିଲା ଶିକ୍ଷାଧିକାରୀ (ଡିଇଓ) ଅବଗତ କରାଇବେ। ଖାଲିପଦ ଅନୁଯାୟୀ ଅତିଥି ଶିକ୍ଷକଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ। ଖାଲିପଦର ସ୍ଥିତି ଏବଂ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଜିଲାପାଳଙ୍କ ଅନୁମୋଦନ ପରେ କରାଯିବ। ଅତିଥି ଶିକ୍ଷକଙ୍କ କାର୍ଯ୍ୟକାଳ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ କିମ୍ବା ଖାଲି ପଦବୀରେ ଟିଜିଟି ନିଯୁକ୍ତ ହେଲେ ଅତିଥି ଶିକ୍ଷକ ଅପସାରିତ ହେବେ। ତେବେ ସେମାନଙ୍କୁ ଅନ୍ୟ ସ୍କୁଲରେ ଖାଲିପଦ ଥିବା ସ୍ଥଳେ ପୁନଃ ନିଯୁକ୍ତ କରାଯାଇପାରିବ, ଯାହା ଡିଇଓଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ଖାଲିପଦ ମଧ୍ୟରେ ସୀମିତ ରହିବ। ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ଅବସରପ୍ରାପ୍ତ ଆଇଏସିଟି ଏବଂ ମାଟ୍ରିକ-ସିଟି ସଂସ୍କୃତ ଟୋଲ ଶିକ୍ଷକମାନଙ୍କୁ ବିଚାରକୁ ନିଆଯାଇପାରିବ। ଅତିଥି ଶିକ୍ଷକଙ୍କ ନିଯୁକ୍ତି ସମ୍ବନ୍ଧୀୟ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

**ଆଜିର ସମ୍ପାଦକୀୟ**

**ଆମେ ପାଇଛୁ କ'ଣ**

# ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ମିଳିବ ଫଳ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଏଣିକି ଫଳ ମିଳିବ। ପିଏମ୍ ପୋଷଣ ଯୋଜନାରେ ଆମିଷ ଖାଉ ନ ଥିବା ଛାତ୍ରୀଛାତ୍ରଙ୍କୁ ଅଣ୍ଡା ବଦଳରେ ଫଳ ଦିଆଯିବ। ଭୋଜନରେ ଋତୁକାଳୀନ ଫଳ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ପିଏମ୍ ପୋଷଣ ନୋଡାଲ ଅଫିସର ଚିଠି ଲେଖିଛନ୍ତି। ତେଣୁ ଅଣ୍ଡା ଖାଉ ନ ଥିବା ପିଲାଙ୍କ ଖାଦ୍ୟରେ କଦଳୀ, ସେଓ ଆଦି ସାମିଲ କରାଯିବ। ଶିଶୁବାଟିକାରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ପୋଷକ ଓ ସ୍ୱାସ୍ଥ୍ୟକର ଖାଦ୍ୟ ନିଶ୍ଚିତ କରିବ। ଏହି ପରିବର୍ତ୍ତନ ଛାତ୍ରୀଛାତ୍ର ଏବଂ ମାତାପିତାଙ୍କ ମଧ୍ୟରେ ସ୍କୁଲରେ ଉପସ୍ଥାନ ବଢାଇବାରେ ସହାୟକ ହେବ। ଫଳରେ ☞ପୃଷ୍ଠା-୨

# ୩୦ ବର୍ଷର ପୁରୁଣା ଭ୍ରୂଣରୁ ଜନ୍ମନେଲା ସବୁଠୁ ବୟସ୍କ ଶିଶୁ

ଓ୍ୱାଶିଂଟନ,୨।୮

ଆମେରିକାର ଓହିୟୋଠାରେ ବିଶ୍ୱର ସବୁଠାରୁ ବୟସ୍କ ଶିଶୁ ୩୦ ବର୍ଷ ପରେ ଜନ୍ମ ନେଇଛି। ଏହି ଶିଶୁର ନାମ ଥାଡିୟସ ଡାନିଏଲ ପିୟର୍ସ ରଖାଯାଇଛି। ୧୯୯୪ରେ ଏକ ଭ୍ରୂଣକୁ ବିକଶିତ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ବ୍ୟବହାର ପାଇଁ ସେତେବେଳେ ଏହାକୁ ଫ୍ରିଜରରେ ସଂରକ୍ଷିତ କରି ରଖାଯାଇଥିଲା। ଦୀର୍ଘ ୩୦ ବର୍ଷ ଧରି ସଂରକ୍ଷିତ ହୋଇ ରହିବା ପରେ ଉକ୍ତ ଭ୍ରୂଣରୁ ଥାଡିୟସ୍ ଜନ୍ମ ହୋଇଛନ୍ତି।

ରିପୋର୍ଟ ଅନୁଯାୟୀ, ଓହିୟୋ ନିବାସୀ ଲିଣ୍ଡସେ (୩୪) ଏବଂ ଟିମ୍ ପିୟର୍ସ (୩୫) ହେଉଛନ୍ତି ଥାଡିୟସଙ୍କ ମାତାପିତା। ଗତ ଜୁଲାଇ ୨୬ରେ ଜନ୍ମ ହୋଇଥିବା ଥାଡିୟସଙ୍କ ଭ୍ରୂଣକୁ ୩୦ ବର୍ଷ ତଳେ ଏକ ସ୍ଥାନୀୟ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍ କେନ୍ଦ୍ର)ରେ



ବିକଶିତ କରାଯାଇଥିଲା। ସେବେଠାରୁ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଉକ୍ତ ଭ୍ରୂଣ ଫ୍ରିଜରରେ ସଂରକ୍ଷିର ହୋଇ ରହିଥିଲା।

ଜନ୍ମ ହେବା ପରେ ଥାଡିୟସ୍ ସବୁଠାରୁ ବୟସ୍କ ଶିଶୁର ରେକର୍ଡ ଭାଙ୍ଗିଛନ୍ତି। ତାଙ୍କ ମା' ଲିଣ୍ଡ୍‌ସେ କହିଛନ୍ତି, ଯେତେବେଳେ ଭ୍ରୂଣର ବୟସ ସମ୍ପର୍କରେ ତାଙ୍କୁ କୁହାଯାଇଥିଲା, ସେତେବେଳେ ଏହା ତାଙ୍କୁ ଅଜବ ଲାଗିଥିଲା। ସେ ଏବଂ ତାଙ୍କ ସ୍ୱାମୀ ଟିମ୍ କେବଳ ଏକ ଶିଶୁ ଚାହୁଁଥିଲେ। କୌଣସି ରେକର୍ଡ କରିବା ତାଙ୍କର ଲକ୍ଷ୍ୟ ନ ଥିଲା। ୭ ବର୍ଷ ଧରି ଗର୍ଭଧାରଣ ପାଇଁ ସଂଘର୍ଷ କରିବା ପରେ ଉଭୟଙ୍କୁ ଥାଡିୟସ୍‌ଙ୍କ ଭ୍ରୂଣ ମିଳିଥିଲା। ଯେତେବେଳେ ଥାଡିୟସ୍‌ଙ୍କ ଭ୍ରୂଣ ବିକଶିତ ହୋଇଥିଲା, ସେତେବେଳେ ସେ ମାତ୍ର ୩ରୁ ୪ ବର୍ଷର ହୋଇଥିବା ଲିଣ୍ଡ୍‌ସେ କହିଛନ୍ତି। ୧୯୯୪ରେ ଲିଣ୍ଡା ଆଚାର୍ଡ ନାମ୍ନୀ ଜଣେ ମହିଳା ଏବଂ ତାଙ୍କ ☞ପୃଷ୍ଠା-୨




No.T-61

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.04.08.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0178/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମ୍ଭାବନା ପକ୍ଷରୁ ବେନହୁର୍ ବିଶେଷ କାର୍ଯ୍ୟକ୍ରମ, ସ୍ଥାନ:ଗୀତଗୋବିନ୍ଦ ସଦନ, ସମୟ: ସଂନ୍ଧ୍ୟା ୬ଟା ୩୦ ।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର, ଡି.ଏଲ୍.କଲୋନୀ, ଭି.ଏସ୍.ଏସ୍.ନଗର, ସମୟ:ଅପରାହ୍ଣ ୪ଟା ୩୦ ।
- ତୃତୀୟ ଏନ୍‌ଭିଏସ୍ ଭୋପାଲ୍ ରେଜିଅନ୍ ଆଲୁମ୍ନି ମିଟ୍ ଏବଂ ଅଷ୍ଟମ ଏନ୍ଏଏଓ ଆନୁଆଲ୍ ମିଟ୍, ସ୍ଥାନ: ରେଲ୍ ଅଡିଟୋରିୟମ୍, ସମୟ: ପୂର୍ବାହ୍ଣ ୧୦ଟା ।
- ଓଡିଶା ଆରଥ୍ରାଇଟିସ୍ ଓ ରୁମାଟୋଲୋଜି ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ, ସ୍ଥାନ : ହୋଟେଲ୍ ମେଫେଆର୍, ସମୟ: ସକାଳ ୯ଟା ୩୦ ।
- ଏମ୍ ଡି କ୍ରିଏଶନ୍ ଏବଂ ଗ୍ରୁପ୍ ପକ୍ଷରୁ ଏକ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରବିନ୍ଦ୍ର ମଣ୍ଡପ, ସମୟ: ଅପରାହ୍ଣ ୪ଟା ।
- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ମୃତି ସଭା, ସ୍ଥାନ: ଲିଙ୍ଗରାଜ ମନ୍ଦିର ସମୟ:ସକାଳ ୮ଟା ।

## କଟକ

- ଆୟକର ବିଭାଗ ପକ୍ଷରୁ ଆୟକର ଦିବସ–୨୦୨୫ ପାଳନ, ସ୍ଥାନ: ଆୟକର ଭବନ, ସେଲଟର ଛକ, ସମୟ: ସକାଳ ୬ଟା ୩୦ ।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠର ତୃତୀୟ ଦିବସ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସକାଳ ୭ଟା ।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୧ଟା ।
- ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ଣ ୧୧ଟା ।
- ଚୌଦ୍ୱାର ଗୋଡିପାଟଣାସ୍ଥିତ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀୟୁ ସେବା ସମିତିର ବୋଲବମ୍ ଭକ୍ତ ସେବା, ସ୍ଥାନ: ଚଷାପଡ଼ା ଘାଟ ଛକ, ସମୟ: ଅପରାହ୍ଣ ୩ଟା ।

- ଦରଜୀ ମହାସଂଘ (ଚାନ୍ଦୁଆ ଶିଳ୍ପୀ) ପକ୍ଷରୁ କାଉଡ଼ିଆମାନଙ୍କୁ ପାନୀୟ ଜଳ, ଚା, ଜଳଖିଆ ସେବା, ସ୍ଥାନ: ବାଲିଯାତ୍ରା ତଳପଡ଼ିଆ, ସମୟ: ଅପରାହ୍ଣ ୩ଟା ୩୦ ।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ।

## ପୁରୀ

- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ମୃତି ସଭା, ସ୍ଥାନ: ପୁରୀ ଜଗନ୍ନାଥ ମନ୍ଦିର, ସମୟ: ସଂନ୍ଧ୍ୟା ୬ଟା ।

## ବାଲେଶ୍ୱର

- ଓଡିଶା ରାଜସ୍ୱ ଅମଲା ସଂଘର ସାଧାରଣ ସଭା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୧ଟା ।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ସାଙ୍ଗଠନିକ ବୈଠକ, ସ୍ଥାନ: ଖଇରା ସତସଙ୍ଗ କେନ୍ଦ୍ର, ସମୟ: ଅପରାହ୍ଣ ୨ଟା ୩୦ମିନିଟ୍ ।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ଣ ୪ଟା ।

## ଭଦ୍ରକ

- ସ୍ମୃତିସଭା, ସ୍ଥାନ: ସରିଫପୁର, ବାରିକପୁର, ସମୟ: ପୂର୍ବାହ୍ଣ ୧୧ଟା ।
- ରମାକାନ୍ତ ଫାଉଣ୍ଡେଶନ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଇରୁଆ, ନାଲଗୁଣ୍ଡା, ଚାନ୍ଦବାଲି, ସମୟ: ପୂର୍ବାହ୍ଣ ୧୧ଟା ।

## କେନ୍ଦୁଝର

- ସାହାଣୀ କପ୍ ଫାଇନାଲ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ଅପରାହ୍ଣ ୩ଟା ।
- ଏକଲ ଶ୍ରୀ ହରି ମନ୍ଦିର ରଥ ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ମାଇନିଂ ରୋଡ୍, ସମୟ: ଅପରାହ୍ଣ ୩ଟା ।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା ସମୟ: ପୂର୍ବାହ୍ଣ ୧୧ଟା ।
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ସ୍ଥାନ: ସାଇ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା ।
- ବର୍ଷାକାଳୀନ ବାଣିଜ୍ୟ ମେଳା ଉଦ୍‌ଘାଟନୀ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଗଞ୍ଜାମ

- ସବିତା ଆରୋଗ୍ୟ କୁଟିର ଉଦ୍‌ଘାଟନ, ସ୍ଥାନ: ଶ୍ରୀ ଭେଙ୍କେଟ ମହାଲକ୍ଷ୍ମୀ କୋଠଘର, ସମୟ: ଅପରାହ୍ଣ ୫ ଟା ।

## ଜଗତ୍‌ସିଂହପୁର

- ଦାରୁବ୍ରହ୍ମ କ୍ଲବ ପକ୍ଷରୁ ସମୂହ କାଉଡ଼ିଆ ଯାତ୍ରା ଆରମ୍ଭ, ସ୍ଥାନ: ଶିବ ମନ୍ଦିର, ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ସକାଳ ୬ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ସମୂହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା ।
- ବ୍ୟାସ ଫାଉଣ୍ଡେଶନ ତରଫରୁ ପରିବେଶ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ ପରିସର, ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ଣ ୧୧ଟା ।
- ନିଶାରୁ ମୁକ୍ତି ପାଇଁ ସଚେତନତା, ସ୍ଥାନ: ମଣ୍ଡାସାହି, ଜଗତ୍‌ସିଂହପୁର, ସମୟ: ଅପରାହ୍ଣ ୩ଟା ।

## କେନ୍ଦ୍ରାପଡ଼ା

- ଜୁଏଲ ଇଲେଭେନ କ୍ଲବ ପକ୍ଷରୁ ଇଶାଣେଶ୍ୱର ପର୍ଯ୍ୟନ୍ତ ବୋଲବମ ପଦଯାତ୍ରା, ସ୍ଥାନ:ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା ।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା ।

## ନୟାଗଡ଼

- ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଲୋଚନା ଚକ୍ର, ସ୍ଥାନ:ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ର ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା ।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ଦୁନିଗୁଡ଼ା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ଣ ୧୦ଟା
- ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ, ସ୍ଥାନ: ରାୟଗଡ଼ା ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏଶନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ୩୦ ।

## ମାଲକାନଗିରି

- ଓଡିଶା ରାଜସ୍ୱ ଅମଲା ସଂଘ ମାଲକାନଗିରି ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ:ସମୟ:ମଧ୍ୟାହ୍ନ ୧୨ଟା ୩୦ ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ସାଓଲିନ କୁଙ୍ଗ୍ଫୁ ଉସୁ ଏସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ୪୫ ।
- ଦଲେଇପଡା ଗଣେଷ ପୂଜା କମିଟି ଓ ଅନନ୍ତରାମ ବ୍ଲକ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ରଂରୋଡ ସ୍ଥିତ ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ଣ ୧୦ଟା ।

## ରାଉରକେଲା

- ରୋଟାରୀ ଲିଡରଶିପ୍, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ସକାଳ ୯ଟା ୩୦ ।
- ଗାନ୍ଧୀୟାନ ବସ୍ତି ପକ୍ଷରୁ କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା
- ଅଲ ଇଣ୍ଡିଆ ଅଭିଭାବକ ଆସୋସିଏଶନ ବୈଠକ, ସ୍ଥାନ: ଉଦିତନଗର ଆଇଟିଡିଏ ହଲ, ସମୟ: ପୂର୍ବାହ୍ଣ ୧୦ଟା ।
- ଏକତ୍ର ପକ୍ଷରୁ ଏକକ ଅଭିନୟ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ଣ ୩ଟା ।

## କଳାହାଣ୍ଡି

- ଇନ୍ଦ୍ରପୂଜା ଉପଲକ୍ଷେ ଋଶ୍ୟ ଶୃଙ୍ଗ ଋଷିଙ୍କ ଡଙ୍ଗାରେ ଜଳକ୍ରୀଡା ଓ ଇନ୍ଦ୍ରଙ୍କୁ ଆବାହନ, ପୁରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା ।

## ବୌଦ୍ଧ

- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସଂଗଠନ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ମନ୍ଦିର ସୁବର୍ଣ୍ଣମେରୁ ମନ୍ଦିର ପରିସର, ସମୟ: ସକାଳ ୬ଟା ।
- ସମାଜସେବୀ ଶଙ୍ଖନିଧି ରାୟଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ସକାଳ ୯ଟା ।

## ନୂଆପଡ଼ା

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ଣ ୫ଟା ।
- ଉପନୟନ ଓ ବେଦାରମ୍ଭ ସଂସ୍କାର ତଥା ୧୬ତମ ଚତୁର୍ବେଦ ଯଜ୍ଞ ଆରମ୍ଭ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ସକାଳ ୮ଟା ।

# ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

**ମୋହନା,୨।୮ (ମନ୍ମଥ ମିଶ୍ର)**

ପୋଖରୀକୁ ଶୌଚ ହେବାକୁ ଯାଇ ବୁଡ଼ିଯାଇ ଦୁଇଜଣ ନାବାଳକ ଶିଶୁଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଅଧୀନ କେନ୍ଦୁଗଣ୍ଡା ଗ୍ରାମରେ ଏପରି ଘଟିଛି। ଉଭୟେ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି। ମୋହନା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି, ଶନିବାର ମଧ୍ୟାହ୍ନରେ ଗ୍ରାମର ଆକାଶ ନାୟକଙ୍କ ପୁଅ ଆଦିତ୍ୟ (୧୨) ଓ ଅଜୟ ନାୟକଙ୍କ ପୁଅ ଆଇଜାୟା (୧୨) ଦୁହେଁ ମିଶି ଗାଁ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ମାତ୍ର ସେମାନେ ପୋଖରୀର ଗଭୀରତା ଜାଣି ନ ଥିଲେ। ଶୌଚବେଳେ ଗୋଡ ଖସିଯିବାରୁ ଉଭୟେ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଆଦିତ୍ୟ ଓ ଆଇଜାୟା ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀକୁ ଆସି ଖୋଜିଥିଲେ। ଏହି ସମୟରେ ଉଭୟଙ୍କ ପ୍ୟାଣ୍ଟ ଓ ଶାର୍ଟ ସେଠାରେ ଥିବା ଦେଖି ପରିବାର ଲୋକେ ସନ୍ଦେହ କରିଥିଲେ। ପରେ ସେମାନେ ପୋଖରୀରେ ପଶି ଖୋଜାଖୋଜି କରି ଉଭୟଙ୍କୁ ପାଣି ଭିତରୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନିରୁପମା ପାଢ଼ୀ ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଅଡ଼ବା ଥାନାରେ କୌଣସି ସୂଚନା ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମୁଖେ ମଧୁ ମଧୁ
ପେଟେ ଛୁରି ।**

ମୁହଁରେ ଚାଟୁ ବଚନ, ପ୍ରଶଂସା। କିନ୍ତୁ ଭିତରେ ଶତ୍ରୁତା ଆଚରଣ। କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ ଚିକ୍କଣିଆ କଥା କହି ବିଶ୍ୱାସ ଜନ୍ମାଇଥାନ୍ତି। କିନ୍ତୁ ପଛରେ ଗାତ ଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳାଇଥାନ୍ତି। ମୁହଁରେ ହସ, ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଳି ଠକ ଠକ ଭଜନ ଟାଣ,
ଭୋକ କଲେ ଭାତ ପାଖକୁ ଆଣ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ତଥା ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆଖିବୁଜିଲେ ବଳଙ୍ଗା...

ଦେଇଥିଲେ। ତାଙ୍କଠାରୁ ଘରର ଠିକଣା ବୁଝି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ କେତେଜଣ ଲୋକ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପରେ ସମିଦାଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନା ପରେ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ନିଆଯାଇଥିଲା। ଘଟଣାକୁ ନେଇ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଘେରାଯାଇଥିଲା। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗୋଟେ ପରେ ଗୋଟେ ଘଟଣା ଘଟୁଛି ଏବଂ ଅପରାଧୀମାନେ ନିର୍ଭୟରେ ଅପରାଧ କରିଚାଲିଛନ୍ତି ବୋଲି ବିଜେଡି ଏବଂ କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଘଟଣାକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଶରୀରର ୭୫% ପୋଡ଼ିଯାଇଥିବା ପୀଡ଼ିତାଙ୍କ ଚିକିତ୍ସା ଏବଂ ଅପରାଧୀଙ୍କୁ ଧରିବା ପାଇଁ ତତ୍‌କ୍ଷଣାତ ପଦକ୍ଷେପ ନେଇଥିଲେ। କିନ୍ତୁ ଜୁଲାଇ ୨୦ ତାରିଖରୁ ନୂଆଦିଲ୍ଲୀ ଏମ୍‌ସର ବର୍ନ ୟୁନିଟ୍‌ରେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କୁ ବଞ୍ଚାଇବାରେ ଡାକ୍ତରୀ ଦଳ ସକ୍ଷମ ହୋଇପାରି ନାହାନ୍ତି।

ପୀଡ଼ିତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି। ସେ 'X'ରେ ଲେଖିଛନ୍ତି, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍‌ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ମୁଁ ଝିଅଟିର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।' ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଶୋକପ୍ରକାଶ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ସହିତ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, 'ସରକାରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଜୀବନ ବଞ୍ଚାଇ ପାରି ନ ଥିବାରୁ ମୁଁ ଦୁଃଖିତ'। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଗଭୀର ଦୁଃଖପ୍ରକାଶ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଶୋକପ୍ରକାଶ କରିଛନ୍ତି। ବଳଙ୍ଗା ପୀଡ଼ିତାଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାସହ ସେ କହିଛନ୍ତି ଯେ, ୭ ଦିନ ଭିତରେ ଅଭିଯୁକ୍ତ ଧରା ନ ପଡ଼ିଲେ ଡିଜିପି ଅଫିସ ଘେରିବୁ। ଓଡ଼ିଶାରେ ବଡ଼ ଆନ୍ଦୋଳନ କରିବୁ।

ଅନ୍ୟପକ୍ଷରେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଓଡ଼ିଶା ପୋଲିସ ପକ୍ଷରୁ 'X'ରେ ସୂଚନା ଦିଆଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ। ଏହି ଘଟଣାରେ



Odisha Police
@odisha_police
Follow
Translate post
ବଳଙ୍ଗା ଘଟଣାରେ ପୀଡିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ। @CMO_Odisha @DGPOdisha
Last edited 21:29 · 02 Aug 25

ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ, ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ।'

### ଆତ୍ମାହୁତି: ମହିଳା ମୃତ...

ନିମନ୍ତେ କରଞ୍ଜିଆ ଡାକ୍ତରଖାନା ପଠାଇଛି। ମୃତ ମହିଳା ହେଲେ ରରୁଆଁ ଥାନା ଅଧୀନ ଖିଚିଂ ପଣସି ଅଞ୍ଚଳର ଭାରତୀ ପାତ୍ର(୩୪) ଓ ଗୁରୁତର ପୁରୁଷବନ୍ଧୁ ହେଲେ ରାଇରଙ୍ଗପୁର ଥାନା ଛନପାଳ ଗ୍ରାମର ହରିଶଙ୍କର ଆଚାର୍ଯ୍ୟ(୩୮)।

ଖିଚିଂସ୍ଥିତ ପଣସି ଗ୍ରାମରେ ଭାରତୀ ନିଜ ପରିବାର ସହ ରହୁଥିଲେ। ସେହି ଗ୍ରାମରେ ବିବାହ କରିଥିବା ରାଇରଙ୍ଗପୁର ଛନପାଳ ଅଞ୍ଚଳର ହରିଶଙ୍କର ଶ୍ୱଶୁର ଘରକୁ ଯିବାଆସିବା କରିଥାନ୍ତି। ହରିଶଙ୍କରଙ୍କ ସ୍ତ୍ରୀ ଓ ଭାରତୀ ଦୁଇ ସାଙ୍ଗ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ତେବେ ଶନିବାର ସକାଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଉଭୟେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବାହ୍ଣ ପ୍ରାୟ ୧୦ଟା ବେଳେ ଭାରତୀ ଓ ହରିଶଙ୍କର ପାତାସାହି ନିକଟସ୍ଥ ଏକ ଖୋଲା ପଡ଼ିଆରେ ପହଞ୍ଚି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ଉଭୟେ ଦୌଡ଼ି ଯାଇ ଏକ ବିଲ ମଧ୍ୟରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକ୍ରୁଳି ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭାରତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହରିଶଙ୍କରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ୮୦% ପୋଡ଼ିଯାଇଥିବା ଜଣାପଡ଼ିଛି। ଉଭୟଙ୍କ ପରିବାର ସଦସ୍ୟ ଡାକ୍ତରଖାନାରେ ପହଞ୍ଚିଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

### ପ୍ଲାଷ୍ଟିକ୍ ବୋତଲରେ...

ପରିବହନ କରାଯାଉଛି। ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ ବରଂ ଜନସାଧାରଣଙ୍କ ସୁରକ୍ଷା, ଅଗ୍ନି ବିପଦ ଏବଂ ପରିବେଶଗତ ବିପଦ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ ଆଇନ ୧୯୩୪, ପେଟ୍ରୋଲିୟମ ନିୟମ ୨୦୦୨, ବିସ୍ଫୋରକ ଆଇନ ୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇ-ସ୍ପିଡ୍ ଡିଜେଲ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ, ୨୦୦୫, ପରିବେଶ(ସୁରକ୍ଷା) ଆଇନ, ୧୯୮୬ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାରକରି ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ଲାଷ୍ଟିକ୍ ବୋତଲ କିମ୍ବା ସେଭଳି କିଛି ପାତ୍ରରେ ପେଟ୍ରୋଲିୟମ ଉତ୍ପାଦର ବିକ୍ରୟ, ଯୋଗାଣ ଏବଂ ପରିବହନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଖୁଚୁରା ଦୋକାନ, ଇନ୍ଧନ ଷ୍ଟେଶନ ଏବଂ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍ସପେକ୍ଟର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ପୋଲିସ, ତହସିଲଦାର ଏବଂ ଅନ୍ୟ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନ୍ୟ ଅନୁମୋଦିତ ପ୍ୟାକେଜିଂରେ ପେଟ୍ରୋଲିୟମ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ସମସ୍ତ ଇନ୍ଧନ ଯୋଗାଣ କେନ୍ଦ୍ର ଏବଂ ପେଟ୍ରୋଲିୟମ ଡିଲରମାନଙ୍କୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନଧିକୃତ ପାତ୍ରରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣରୁ କଡ଼ାକଡ଼ି ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ସେମାନଙ୍କ ପରିସରରେ ପ୍ରମୁଖ ସ୍ଥାନରେ ଦୃଶ୍ୟମାନ ବୋର୍ଡ ଲଗାଇ ସତର୍କତା ପ୍ରଦର୍ଶନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯିବ। ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ ଏବଂ ପ୍ରବର୍ତ୍ତନର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ। ଯେଉଁଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଯାଞ୍ଚ ସଂଖ୍ୟା, ଉଲ୍ଲଂଘନ ମିଳିଥିବା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉଲ୍ଲେଖ ରହିବ ବୋଲି ଚିଠିରେ କୁହାଯାଇଛି।

### ବଳାତ୍କାର ମାମଲାରେ...

୨୦୨୧ରେ ପ୍ରଜ୍ୱଳ ତାଙ୍କୁ ହାସନସ୍ଥିତ ଫାର୍ମ ହାଉସ୍ ଏବଂ ବେଙ୍ଗାଲୁରୁ ବାସଭବନରେ ୨ ଥର ବଳାତ୍କାର କରିବା ସହ ଏହି ଦୃଶ୍ୟକୁ ନିଜ ମୋବାଇଲ୍ ଫୋନ୍‌ରେ ରେକର୍ଡ କରିଥିବା ଅଭିଯୋଗ ହୋଇଥିଲା। ଶନିବାର ଅଦାଲତରେ ସରକାରୀ ଓକିଲ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବାକୁ ନିବେଦନ କରିବା ବେଳେ ଦଣ୍ଡ କୋହଳ କରିବାକୁ ପ୍ରଜ୍ୱଳ ଅନୁରୋଧ କରିଥିଲେ। ସେ କୌଣସି ଭୁଲ୍ କରିନାହାନ୍ତି, କେବଳ ତାଙ୍କର ଭୁଲ୍ ହେଲା ରାଜନୀତିରେ ଦ୍ରୁତ ଉତ୍ଥାନ ବୋଲି ଦାବି କରିଥିଲେ। ଦଣ୍ଡ କୋହଳ କରିବାକୁ କହିବା ବେଳେ ପ୍ରଜ୍ୱଳ କାନ୍ଦୁଥିବା ଦେଖାଯାଇଥିଲା।

### ମଧ୍ୟାହ୍ନଭୋଜନରେ...

ଥିବା ଭିଟାମିନ, ଖଣିଜ ଓ ଫାଇବର ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସହାୟକ ହେବ। ସରକାରଙ୍କ ଏହି ପଦକ୍ଷେପ ସ୍କୁଲ ଛାତ୍ରୀଛାତ୍ରଙ୍କ ପୋଷଣସ୍ତର ଉନ୍ନତି କରିବା ସହିତ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଭାତ ସହ ପିଲା କିପରି କେବଳ ଫଳ ଖାଇବେ ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି।

### ୩୦ ବର୍ଷର ପୁରୁଣା...

ପୂର୍ବ ସ୍ୱାମୀଙ୍କ ଆଇଭିଏଫ୍ ଚିକିତ୍ସା ସମୟରେ ଥାଡିୟସଙ୍କ ଭ୍ରୂଣକୁ ଅନ୍ୟ ୩ଟି ଭ୍ରୂଣ ସହ ବିକଶିତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଭ୍ରୂଣକୁ ଲିଣ୍ଡାଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା, ଯାହାର ୯ ମାସ ପରେ ଲିଣ୍ଡା ଏକ ସୁସ୍ଥ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଏବେ ସେହି କନ୍ୟାଜଣଙ୍କୁ ୩୦ ବର୍ଷ ହୋଇଥିବାବେଳେ ତାଙ୍କର ଏକ ୧୦ ବର୍ଷର ଶିଶୁକନ୍ୟା ରହିଛନ୍ତି। ତେବେ ୧୯୯୪ରେ ଶିଶୁକନ୍ୟାକୁ ଜନ୍ମଦେବା ପରେ ଲିଣ୍ଡା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା। ଫଳରେ ସ୍ଥାନୀୟ ଆଇଭିଏଫ୍ କେନ୍ଦ୍ରରେ ଥିବା ଅନ୍ୟ ୩ଟି ଭ୍ରୂଣକୁ ଦାନ କରିବା ପାଇଁ ଲିଣ୍ଡା ନିଷ୍ପତ୍ତି ନେଇଥିଲେ। ୨୦୨୪ ନଭେମ୍ବରରେ ସଂରକ୍ଷିତ ଥିବା ଉକ୍ତ ଭ୍ରୂଣକୁ ଲିଣ୍ଡସେ ଏବଂ ଟିମ୍‌ଙ୍କୁ ଦିଆଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରିଦେଇପାରେ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣରେ ବନ୍ଧୁଙ୍କ ନିକଟରୁ ପାଇପାରନ୍ତି।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭ କାମନାରୁ ଖୁସି ରହିବେ। ବ୍ୟବସାୟୀ ପରିଶ୍ରମ ତୁଳନାରେ ଫଳ ଲାଭ କରି ଆନନ୍ଦ ଅନୁଭବ କରିପାରନ୍ତି।

**କର୍କଟ** କର୍ମଚାରୀଙ୍କ ସହଯୋଗ କ୍ରମେ କାମଟିକୁ ସୁରୁଖୁରୁରେ କରି ପାରିବାରୁ ଟେନ୍‌ସନ୍ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିପାରେ। ପ୍ରତିକୂଳ ପରିସ୍ଥିତି ଯୋଗୁ ନିର୍ମାଣ କିମ୍ବା ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ପରିବାରରେ ପାରସ୍ପରିକ ସହଯୋଗ ମାନସିକ ଶାନ୍ତି ଆଣିବାରେ ସହାୟକ ହେବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ବିବାଦରେ ପଡ଼ିପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, କଳାକ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

**କନ୍ୟା** ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ଏହା ସାଙ୍ଗକୁ ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ଦୁଃଖର ମାତ୍ରାକୁ ଦ୍ୱିଗୁଣିତ କରିବ। ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ଆଜି କୌଣସି ବନ୍ଧୁମିଳନ ଅବସରରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମନକୁ ଉତ୍ସାହିତ କରିବ। ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ବିରକ୍ତି ଅନୁଭବ କରିପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ।

**ବିଛା** ପରିବର୍ତ୍ତିତ ପରିସ୍ଥିତି ଆପଣଙ୍କ କାମକୁ ସଂଯମ ଓ ଶୃଙ୍ଖଳିତ କରିବାର ଆଶା ରହିଛି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଯେଉଁ ବିଷୟକୁ ନେଇ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଭଲରୂପେ ବିଚାର ନ କରି ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ଆଲୋଚନା ପରିସରରେ ସତ କହିବା କାରଣରୁ ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତା କରି ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିନପାରନ୍ତି। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କାମଟି ବନ୍ଧୁଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ କରିପାରିବେ। ପରିବାରର ଆବଶ୍ୟକତା ଅନୁଭବ କରି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ପରିସ୍ଥିତିକୁ ବଦଳାଇ ଦେଇପାରେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିବା ଠିକ୍ ହେବ ନାହିଁ।

**ମୀନ** ଆଜିର କର୍ମକ୍ଷେତ୍ରକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ। ଉପରିସ୍ଥଙ୍କ ପରାମର୍ଶକ୍ରମେ ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି।

ଆଜି ଅଗଷ୍ଟ ୩ ତାରିଖ, ରାଷ୍ଟ୍ରୀୟ ବନ୍ଧୁତା ଦିବସ (ଅଗଷ୍ଟ ପ୍ରଥମ ରବିବାର), ଶ୍ରୀମନ୍ଦିରରେ ବଡ଼ି ନୃସିଂହ ବିଜେ। ରାଶିନକ୍ଷତ୍ର- ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨/୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୪୨ ଗତେ ଘ.୦୬/୧୮ ମଧ୍ୟେ ରାହୁକାଳ।



ସିଫାଠାରେ ଶନିବାର ଆୟୋଜିତ ପିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିଧାୟକ ଓ ଅଧିକାରୀମାନେ।

# ଏନ୍ଆଇଏ ଏସ୍‌ପି ହେଲେ ସାଗରିକା ନାଥ

ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)

**ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ**



କେନ୍ଦ୍ରୀୟ ଡେପୁଟେଶନରେ ଯିବେ ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସାଗରିକା ନାଥ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସାଗରିକା ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ତେବେ ସାଗରିକାଙ୍କୁ ଏନ୍ଆଇଏ ଏସ୍‌ପି ଭାବେ ନିଯୁକ୍ତି ମିଳିବା ନେଇ କାର୍ମିକ ଏବଂ ତାଲିମ ବିଭାଗ (ଡିଓପିଟି) ଦ୍ୱାରା ଜୁଲାଇ ୩୧ରେ ନିର୍ଦ୍ଦେଶ ଜାରି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେଶନ ପଦବୀରେ ଯୋଗଦେବା ପାଇଁ ତାଙ୍କୁ ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




# ଓଡ଼ିଶାର ୩୪ ଲକ୍ଷ କୃଷକଙ୍କୁ ପିଏମ୍ କିଷାନର ୬୯୭ କୋଟି ଟଙ୍କା ସହାୟତା

ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)

- **ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୦ ତମ କିସ୍ତିର ଶୁଭାରମ୍ଭ**
- **ପିଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଚାଷୀମାନଙ୍କୁ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀଠାରେ ଉପସ୍ଥିତ ରହି ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଉପକଣ୍ଠସ୍ଥିତ ସିଫାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨,୦୦୦ ଟଙ୍କା ଲେଖାଏ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଲୋକଙ୍କ ସରକାର କାମ କରୁଛି। ସରକାର ମାତ୍ର ବର୍ଷକରେ ସମସ୍ତଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମସ୍ତେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଉକ୍ତ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ଚାଷୀ– ସେ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ ପିଏମ୍ କିଷାନ ଦିବସ ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। ପିଏମ୍ କିଷାନ ଯୋଜନାରେ ସବୁ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦ୍ୱିଗୁଣିତ ନୁହେଁ, ବରଂ ବହୁଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ। ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛୁ। ଗତବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରବିରତୁରେ ମଧ୍ୟ ୩ ଲକ୍ଷରୁ ଅଧିକ ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କେବଳ ଧାନଚାଷ ନ କରି ବିଭିନ୍ନ ଚାଷକରି ଅର୍ଥ ଉପାର୍ଜନ ସହ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଜୈବିକ ଉପାୟରେ ଚାଷକରିବା ଆବଶ୍ୟକ ବୋଲି ସିଂଦେଓ କହିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବୋର୍ଡ ସଭାପତି, ଉପସଭାପତିଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

କଟକ,୨।୮ (କାର୍ତ୍ତିକ ସାହୁ)

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚଳାଇଛି। ଓଟିଇଟି ପରୀକ୍ଷା ସହ ସମ୍ପୃକ୍ତ ବୋର୍ଡର କର୍ମଚାରୀ, ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରି ଗୁମର ଖୋଲିବାକୁ ଉଦ୍ୟମ କରୁଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଶନିବାର ଦୀର୍ଘ ସମୟ ପଚରାଉଚୁରା କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ହେବାରେ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ମୁଖ୍ୟ କାର୍ପଟଦାର ବୋଲି କ୍ରାଇମବ୍ରାଞ୍ଚ ତଥ୍ୟ ଉନ୍ମୋଚନ କରିଥିବା ବେଳେ ଏସବୁ କିପରି ସମ୍ଭବ ହେଲା ତାକୁ ନେଇ ଖୋଳତାଡ଼ ଚାଲିଛି। ରାଜ୍ୟର ବିଭିନ୍ନ ଜିଲାକୁ ଏହି କାରନାମାର ଚେର ଲମ୍ବିଥିବା ଓ ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବା ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଖୋଜିବାରେ ଲାଗିଛି। ଯଦିଓ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରଦାନ କରିଛି, ଗିରଫଦାରି ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି।





# ଆପୋସ ସମାଧାନ ବିଷୟ ନେଇ ରାଜନୈତିକ ଚର୍ଚ୍ଚା

**ମହାନଦୀ ଜଳ ବିବାଦ**

- **ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ: ମନମୋହନ**
- **ଟ୍ରିପଲ ଇଞ୍ଜିନ ଭାଜପା ସରକାରର ଆନ୍ତରିକତା ନାହିଁ: ଦେବୀପ୍ରସାଦ ମିଶ୍ର**
- **କେବଳ ସମୟ ଗଡ଼ାଇବାକୁ ଚାହୁଁଛନ୍ତି ସରକାର: ଜୟଦେବ**

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)



विष्णु देव साय
मुख्यमंत्री
Vishnu Deo Sai
CHIEF MINISTER

Mantralaya, Mahanadi Bhawan, Nava Raipur Atal Nagar, Raipur, 492002, Chhattisgarh
Ph: +91 (771) 2221000, 2221001
E-mail : cmcg@nic.in

Do. No. 77
Date 01.08.25

Dear Shri Mohan Charan Majhi Ji,

I am in the receipt of your D.O. letter No. 405/CM/2025, dated 25th of July 2025 regarding the proposal for an amicable settlement of the Mahanadi water disputes between our states and the same is under consideration.

With regards,

Yours sincerely,
(Vishnu Deo Sai)

Shri Mohan Charan Majhi
Hon'ble Chief Minister of Odisha,
Lok Seva Bhawan,
Sachivalaya Marg,
Bhubaneswar,
Odisha 751001

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠିର ଉତ୍ତର ଦେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଲେଖିଥିବା ପତ୍ର।

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଟ୍ରିବ୍ୟୁନାଲରେ ହେବାକୁ ଥିବା ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ତେବେ ମହାନଦୀ ଜଳବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି କୁହାଯିବା ପରେ ରାଜ୍ୟରେ ରାଜନୈତିକ ଚର୍ଚ୍ଚା ବଢ଼ିଛି। ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ବିବାଦର ସମାଧାନ ଲାଗି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖିଥିଲେ। ଅଗଷ୍ଟ ୧ରେ ବିଷ୍ଣୁଦେଓ ପ୍ରତ୍ୟୁତ୍ତରରେ ମୋହନଙ୍କୁ ପତ୍ର ଲେଖି ସେହି କଥାରେ ଗୋଟିଏ ପ୍ରକାର ସହମତି ଥିବା କୁହାଯାଉଛି।

ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ। ଏନେଇ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି। ଟ୍ରିବ୍ୟୁନାଲ ତାରିଖ ବନ୍ଦ ହେବ, ଆପୋସ ଆଲୋଚନାରେ ସବୁ ସମାଧାନ ହେବ। ଛତିଶଗଡ଼ର ଏହାକୁ ନେଇ ବିଶେଷ କିଛି ସମସ୍ୟା ଥିଲା ପରି ମନେହେଉନାହିଁ। ଛତିଶଗଡ଼ ଓ କେନ୍ଦ୍ର ସହ ଆପୋସ ସମାଧାନ ନେଇ ଆମେ ଆଶାବାଦୀ। ଗତ ସରକାର ସେ ଦିଗରେ ଚିନ୍ତା କଲେ ନାହିଁ, ଯେଉଁଥିଲାଗି ଓଡ଼ିଶା ଆଜି ଏଭଳି ସ୍ଥିତିରେ ବୋଲି ମନମୋହନ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପରମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ କରିବା ପରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା । ହେଲେ ସେହି ସମୟର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନେତୃତ୍ୱାଧୀନ ଭାଜପା ସରକାର କର୍ଣ୍ଣପାତ କରି ନ ଥିଲେ । ପରେ ୨୦୧୬ରେ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନ ମିଳିବାରୁ ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିଲା । ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି । ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଆପୋସ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ବୋଲି କୁହାଯାଉଛି। କିନ୍ତୁ ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡ଼ା ଓଡ଼ିଶା ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟହେବା ଦରକାର ବୋଲି ଦେବୀ କହିଛନ୍ତି।

କଂଗ୍ରେସ ପକ୍ଷରୁ ଏ ନେଇ ପ୍ରତିକ୍ରିୟା ରଖି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଭାଜପା ସରକାର ଏ ଘଟଣାର ସମାଧାନ କରିବାକୁ ଚାହୁଁ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଆପୋସ ସମାଧାନ କଥା ଲେଖିନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରରେ ସଙ୍ଗେ ସଙ୍ଗେ ମହାନଦୀ ପ୍ରସଙ୍ଗରେ ସମାଧାନ ହେବା କଥା। କେବଳ ଆପୋସ ସମାଧାନ ନାମରେ ସମୟ ଗଡ଼ାଇବାକୁ ରାଜ୍ୟ ସରକାର ଚାହୁଁଛନ୍ତି। ସମାଧାନ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଆନ୍ତରିକତା ନାହିଁ ବୋଲି ଜୟଦେବ କହିଛନ୍ତି।

ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ- ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ- ସେଥିରେ ଦୁଃଖ କରନାହିଁ । କାରଣ- ସେହିଠାରେ ହିଁ ତୁମ ନିକଟକୁ ଉତ୍ତରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା । -ଶ୍ରୀମା



# ଆମେ ପାଇଛୁ କ'ଣ



ଆକାର ପଟେଲ

ଆମେରିକାର ଜନସଂଖ୍ୟା ୩୪ କୋଟି । ବିଶ୍ୱ ଜନସଂଖ୍ୟାର ୪% ହେଉଛନ୍ତି ଆମେରିକୀୟ ଏବଂ ତଥାକଥିତ ରୁଲ୍‌ସ ବେସ୍‌ଡ ଅର୍ଡର ବା ନିୟମ ଆଧରିତ (ବୈଶ୍ୱିକ) ବ୍ୟବସ୍ଥାର ସେମାନେ ସବୁଠୁ ବଡ଼ ହିତାଧିକାରୀ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ବ୍ୟବସ୍ଥା ଆମେରିକା ଓ ଏହାର ୟୁରୋପୀୟ ମିତ୍ରଙ୍କ ଦ୍ୱାରା ଲାଗୁ କରାଯାଇଥିଲା । ଏହି ବ୍ୟବସ୍ଥା ଚାହେଁ ଜାତିସଂଘ ଓ ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ) ଭଳି ସଂସ୍ଥାଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସହଯୋଗ । କିନ୍ତୁ ବିଡ଼ମ୍ବନାର ବିଷୟ, ଆମେରିକୀୟମାନେ ସେମାନଙ୍କ ରାଷ୍ଟ୍ରପତିଙ୍କୁ ମୁକ୍ତ ବିଶ୍ୱର ନେତା ଭାବେ ଅଭିହିତ କରନ୍ତି । ନିୟମ ଆଧାରିତ ବ୍ୟବସ୍ଥାର ସଂସ୍ଥା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ଅନୁଯାୟୀ, ଆମେରିକାର ବାର୍ଷିକ ମୁଣ୍ଡ ପିଛା ଆୟ ୯୦,୦୦୦ ଡଲାର । ଭାରତର ମୁଣ୍ଡ ପିଛା ଆୟ ଏହାର ୩୦ ଭାଗରୁ ୧ଭାଗ ଅର୍ଥାତ୍ ୩,୦୦୦ ଡଲାରରୁ କମ୍ । ଗତ କିଛି ଦଶନ୍ଧି ମଧ୍ୟରେ ଆମେରିକାର ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇଛି, କାରଣ ଏହାର କମ୍ପାନୀଗୁଡ଼ିକ ବିମାନ, ଫୋନ୍ ଓ କମ୍ପ୍ୟୁଟର ଭଳି ଉତ୍ପାଦ ରପ୍ତାନି କରୁଛନ୍ତି । ସାରା ବିଶ୍ୱରେ ଏହାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସେବା ଯୋଗାଇବା ସହ ପ୍ରଭାବ ବିସ୍ତାରକରି ରହିଛନ୍ତି । ଏପରିକି ନିକଟରେ ଚାକିରି ସଂଖ୍ୟା ହ୍ରାସ କରିଥିଲେ ମଧ୍ୟ ଆମେରିକାକୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରଦାନକାରୀ ଦେଶ ବୋଲି କୁହାଯାଉଛି । ସେଠାରେ ବେରୋଜଗାର ପାଖାପାଖି ୪%, ଯାହା ଏକ ଭଲ ସ୍ଥିତି । ଏଥିରୁ ବୁଝାପଡୁଛି, ଆୟ ଓ ନିଯୁକ୍ତି ଦୃଷ୍ଟିକୋଣରୁ ଦାରିଦ୍ର୍ୟ ତଥା ବେରୋଜଗାର ଭଳି ଗମ୍ଭୀର ସମସ୍ୟାରେ ଜଡ଼ିତ ଭାରତ ଭଳି ଦେଶଗୁଡ଼ିକ ତୁଳନାରେ ଆମେରିକା ଅତ୍ୟନ୍ତ ଭଲ ସ୍ଥିତିରେ ଅଛି । ତଥାପି ଆମେରିକା ଅସନ୍ତୁଷ୍ଟ । ଏହା ବିଶ୍ୱସ୍ତରରେ ଠକାମିର ଶିକାର ହେଉଛି ଓ ତାହାକୁ ରୋକିବା ଲାଗି ପଦକ୍ଷେପ ନେଇଛନ୍ତି ବୋଲି ଏହାର ରାଷ୍ଟ୍ରପତି କହୁଛନ୍ତି । ମୁଖ୍ୟତଃ, ଅନ୍ୟ ଦେଶଗୁଡ଼ିକର ଉତ୍ପାଦ ରପ୍ତାନି (ଆମେରିକାକୁ)ରେ ସେ ଅତ୍ୟନ୍ତ କଠିନ ସ୍ଥିତି ଉପୁଯାଇଛନ୍ତି । ଭାରତର ସବୁଠୁ ବଡ଼ ରପ୍ତାନି ବଜାର ହେଉଛି ଆମେରିକା ଏବଂ ଆମ ସାମଗ୍ରୀ ଉପରେ ୨୫% ଟାରିଫ୍ ଆମ ରପ୍ତାନିକୁ କ୍ଷତି ପହଞ୍ଚାଇବ । ଯଦି ଏହି ଟାରିଫ୍ ଜାରି ରହେ ଆମ ସ୍ୱାର୍ଥରେ ଘୋର ବାଧା ଆସିବ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେଉଥିବା ପଦକ୍ଷେପ ରୁଲ୍‌ସ ବେସ୍‌ଡ ଅର୍ଡରକୁ ଏବଂ ତାହାର ମିତ୍ର ଦେଶ ଓ ମେକ୍ସ ତଥା ଗରିବ ଦେଶଗୁଡ଼ିକର ହାରାହାରି କ୍ଷତି କରିବ ନା ନାହିଁ, ସେ ସମ୍ପର୍କରେ ଆମେରିକାରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିତର୍କ ହେଉନାହିଁ । ଡବ୍ଲ୍ୟୁଟିଓର ନିୟମ ଓ ନିୟାମକ ଅଧୀନରେ ଥିବା ଏବଂ ଉପଯୋଗ ହେଉଥିବା ଟାରିଫ୍ ବ୍ୟବସ୍ଥାକୁ ଆମେରିକା ଭାଙ୍ଗିଦେବା ପାଇଁ ପଦକ୍ଷେପ ନେଇଛି । ଆମେରିକା ତାହାକୁ ଅମାନ୍ୟ ବା ଉପେକ୍ଷା କରିଛି ଏବଂ ଯେଉଁ ବ୍ୟବସ୍ଥାକୁ ଅନେକ ଦଶନ୍ଧି ଧରି ଭଲ ଭାବେ ଚଳାଇ ଆସିଥିଲା ତାହାକୁ ଏବେ ଦୁର୍ବଳ କରିଛି । ଫଳରେ ଆମେରିକା ସାରା ବିଶ୍ୱର କ୍ଷତି କରୁଛି ।

ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାକୁ ଅଣଦେଖା କରିବାର ଦ୍ୱିତୀୟ ଉଦାହରଣ ରହିଛି । ଗାଜାରେ ଗଣହତ୍ୟା ପାଇଁ ଇସ୍ରାଏଲକୁ ଆମେରିକା ସାହାଯ୍ୟ ସହଯୋଗ କରିଆସୁଛି । ଆମେରିକା ଅନେକ ହଜାର ପାଲେଷ୍ଟାଇନୀଙ୍କୁ ଭୋକିଲା ରଖିବା ସହ ଗଣହତ୍ୟାରେ ଜଡ଼ିତ ଇସ୍ରାଏଲକୁ ସୁରକ୍ଷା ଦେଇଆସୁଛି । ଏହା ସହ ଇରାନ ଉପରେ ବେଆଇନ ଭାବେ ଆକ୍ରମଣ କରିଛି । ବିଶ୍ୱର ଅଧିକାଂଶ ଦେଶ ଗାଜାରେ ଆତଙ୍କର ଅନ୍ତ ସକାଶେ ଜାତିସଂଘ ସାଧାରଣ ସଭାରେ ଭୋଟ ମାଧ୍ୟମରେ ଜଣାଇଛନ୍ତି । କିନ୍ତୁ ଆମେରିକା ତାହାର ଭିଟୋ ପ୍ରୟୋଗକରି ଏକବିଂଶ ଶତାବ୍ଦୀରେ ଗଣହତ୍ୟା ଜାରି ରଖିବା ପାଇଁ ଅନୁମତି ଦେଇଛି । ସେହିଭଳି ଟାରିଫ୍ ବିଷୟରେ ଆମେରିକା ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଛି ଯେ, ତାହା ମଧ୍ୟ ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାରୁ ଦୂରେଇଯାଇ ଶକ୍ତି ବଳରେ ଧମକଚମକ ଦେଇ ତାହାକୁ ହଟାଇଦେବାକୁ ଚାହୁଁଛି । ଏହିସବୁ ପଦକ୍ଷେପରୁ ଆଉ କିଛି ବିଷୟ ଆମେ ଆକଳନ କରିପାରିବା । ପ୍ରଥମରେ, ଆମେରିକା ଏବେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି । ଆରକୁ ଦୁର୍ବଳ କରିବାକୁ ଯେଉଁ ଦେଶ କ୍ଷମତାଶାଳୀ ହେବ ତାହା ମଧ୍ୟ ଆମେରିକା ଭଳି ଦୁର୍ବଳ ଦେଶଗୁଡ଼ିକୁ ବ୍ୟବହାର କରିବ । 'ଜୋର ଯାର ମୁଲକ ତାର' ବୈଧ ହୋଇଯିବ । ବିଶ୍ୱର ଧନୀ ଦେଶଗୁଡ଼ିକ ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଉନାହିଁ ଏବଂ ବ୍ରିକ୍ସରେ ଦେଖାଯାଉଥିବା ବିଭେଦ ମଧ୍ୟ ଆମେରିକାର ବଦମାସିକୁ ଖୋରାକ ଯୋଗାଉଛି । ଦ୍ୱିତୀୟରେ, ଆମ ବହୁକେନ୍ଦ୍ରିକ କୂଟନୀତିର କ'ଣ ଲାଭ ହୋଇଛି ସେ ବିଷୟରେ ବିଚାର କରାଯିବା ଦରକାର । ଇସ୍ରାଏଲ ନେତାଙ୍କୁ କୋଲେଇନେବା ଯୋଗୁ ଆମେ ଦଶନ୍ଧି ବ୍ୟାପୀ ଚାଲିଆସିଥିବା ସମ୍ପର୍କଗତ ସମ୍ମତିକୁ ଅଣଦେଖା କରିଛୁ । ଭାରତରେ ହେଉ କିମ୍ବା ଆମେରିକାରେ, ସବୁ ସମ୍ମାନ ଆମେ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଅଜାଡ଼ି ଦେଇଛୁ ଏବଂ ତାଙ୍କୁ ଭୋଟଦେବା ପାଇଁ ଭାରତୀୟ-ଆମେରିକୀୟଙ୍କୁ ଉତ୍ସାହିତ କରିଛୁ । ହେଲେ ତା'ବଦଳରେ ଆମେ କୌଣସି ଲାଭ କିମ୍ବା ଅନୁକମ୍ପା ପାଇନାହୁଁ ।

ଶେଷକଥା ହେଉଛି, ଏଭଳି ସ୍ଥିତିରେ ଏହି ସମୟରେ ଆମେରିକାକୁ ଏହା କରିବା ପାଇଁ କେଉଁସବୁ ବିଷୟ ଉତ୍ସୁକାଉଛି, ସେ ସମ୍ପର୍କରେ ବିଚାରକରିବା ଉଚିତ । ଆମେରିକାର କ୍ଷମତା, ଧନ ଓ ଭଲ ଆର୍ଥିକ ସ୍ଥିତିକୁ ଦେଖିଲେ ଏହା କାହିଁକି ହେଉଛି ? ଆମେରିକା ଏବେ ବାତାଳମୀ ବା ପାଗଳାମି ଦେଇ ଗତିକରୁଛି କି ? ଏହାର ଉତ୍ତର ହେଉଛି, ବିକାଶଶୀଳ ଦେଶଗୁଡ଼ିକ ବିଶେଷକରି ଚାଇନାର ଉତ୍ଥାନ । ବିଗତ ୩୦ ବର୍ଷ ମଧ୍ୟରେ ସେମାନଙ୍କର ଯେଉଁଭଳି ଉତ୍ଥାନ ହେଉଛି ଓ ତାହା ଯଦି ଜାରି ରହେ, ତେବେ ଗୋଟିଏ କିମ୍ବା ଦୁଇ ଦଶନ୍ଧି ମଧ୍ୟରେ ଆମେରିକା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହୋଇ ରହିବ ନାହିଁ, ଯାହା ପ୍ରଥମ ଥର ପାଇଁ ଘଟିବ । ଏହା ପାଶ୍ଚାତ୍ୟ ପାଇଁ ଗ୍ରହଣୀୟ ହେଉନାହିଁ । ଅନେକ ଶତାବ୍ଦୀ ଧରି ଯେଉଁ ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା କିମ୍ବା ଏବେ ଯାହା ପାଲେଷ୍ଟାଇନ୍‌ରେ କରୁଛି, ତାହା କରିବାକୁ ଏହା ସକ୍ଷମ ହେବ ନାହିଁ । ପାଶ୍ଚାତ୍ୟ ଭଳି ବିଶ୍ୱର ଅନ୍ୟ ସବୁ ଦେଶର ବିକାଶ ହେଉଥିବାରୁ ପାଶ୍ଚାତ୍ୟର ଏମାନଙ୍କ ଉପରେ ନିୟନ୍ତ୍ରଣ ଓ ପ୍ରାଧାନ୍ୟ ହ୍ରାସ ପାଉଛି । ଏହିକାରଣରୁ ଆମେରିକା ନିୟମ ଆଧାରିତ ବ୍ୟବସ୍ଥାଠାରୁ ଦୂରେଇ ଯାଉଛି ଓ ତା' ଶକ୍ତିର ସାହାରା ନେଉଛି । ବିଶ୍ୱ ପାଇଁ ବିଶେଷକରି ସ୍ଥାୟିତ୍ୱ ଓ ଦାରିଦ୍ର୍ୟରୁ ମୁକ୍ତିଲାଭ ସକାଶେ ଆଉ କିଛି ବର୍ଷ ବୈଶ୍ୱିକ ସହଯୋଗ ଚାହୁଁଥିବା ଦେଶଗୁଡ଼ିକ ପାଇଁ ଏହି ସମୟ ସବୁଠୁ ବିପଜ୍ଜନକ ।

Email:aakar.patel@gmail.com

# ଭାରତର ଜନସାଂଖ୍ୟକୀୟ ଲାଭାଂଶ



ବିଦ୍ୟାଧର ମହାରଣା

ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଞ୍ଚିଲାଣି ଏବଂ ଦେଶ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ହାସଲ କରି ଚତୁର୍ଥ ଆଡ଼କୁ ମୁହାଁଇଲାଣି । ଦେଶରେ କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫-୬୪ ବର୍ଷ) ପ୍ରାୟ ୬୮% । ଏମାନଙ୍କ ହାରାହାରି ବୟସ ୨୮ ହୋଇଥିବାରୁ ଏହି ଶ୍ରେଣୀର ଅଧିକ ହେଉଛନ୍ତି ଯୁବ ଗୋଷ୍ଠୀ । ଏଣୁ ଆମ ଦେଶରେ ଜନସାଂଖ୍ୟକୀୟ ଲାଭାଂଶ (ଡେମୋଗ୍ରାଫିକ ଡିଭିଡେଣ୍ଡ) ଉଠାଇବାର ଏକ ଅପୂର୍ବ ସୁଯୋଗ ରହିଛି । କାରଣ ଦେଶର କାର୍ଯ୍ୟକ୍ଷମ ଲୋକବଳ ଯେତେବେଳେ କାର୍ଯ୍ୟହୀନ ଲୋକ (ଶିଶୁ ଓ ବୟସ୍କ)ଙ୍କ ତୁଳନାରେ ଅଧିକ ଥାଏ, ସେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭାବନା ଅଧିକ ହୁଏ । ଏହାକୁ ଜନସାଂଖ୍ୟକୀୟ ଲାଭାଂଶ କୁହାଯାଏ । ଡେଭିଡ୍ ବ୍ଲୁମ୍ ଜନସାଂଖ୍ୟକୀୟ ଲାଭାଂଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହାର ଉପାଦେୟତା ପ୍ରଥମେ ପ୍ରକାଶ କରିଥିଲେ ।

ଜନସାଂଖ୍ୟକୀୟ ଲାଭାଂଶ ସେତିକିବେଳେ ଦେଖାଯାଏ, ଯେତେବେଳେ ମୋଟ ଜନସଂଖ୍ୟାର ବଡ଼ ଭାଗ କାର୍ଯ୍ୟକ୍ଷମ ହିସାବରେ ସମ୍ଭାବ୍ୟ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ କରିପାରିବେ । ଏହାକୁ ଜନସଂଖ୍ୟାର ଉପହାର ମଧ୍ୟ କୁହାଯାଏ । ତେବେ ଏପରି ଯୁବକ ଶକ୍ତି ଅଧିକ ଶିକ୍ଷିତ ଓ ସ୍ୱାସ୍ଥ୍ୟବାନ୍ ହେବା ଆବଶ୍ୟକ । ଏହାର ଏକ କାରଣ ହୋଇପାରେ, ଭାରତର ମୋଟ ପ୍ରଜନନ ହାର ହ୍ରାସ; ଯାହାକି ମହିଳାମାନଙ୍କ ସନ୍ତାନ ଜନ୍ମ ହାରକୁ ବୁଝାଏ । ବିଶ୍ୱରେ ଏହି ହାର ୨.୪ ଥିବାବେଳେ ଭାରତରେ ଏହା ୨.୨ । ଯଦିଓ ଏହା ହ୍ରାସ ପାଉଛି, ଏହାର ହାର ବିଭିନ୍ନ ରାଜ୍ୟରେ ଅଲଗା ରହିଛି । ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଏହି ହାର ୨.୫ ଥିବାବେଳେ ଦିଲ୍ଲୀ, ମହାରାଷ୍ଟ୍ର ଓ ତାମିଲନାଡୁରେ ଏହି ହାର ୧.୫ । ଏହା ଅଧିକ ପ୍ରଜନନକ୍ଷମ ଗ୍ରାମ୍ୟ ଅର୍ଥନୀତିରୁ ନ୍ୟୂନ ପ୍ରଜନନ ଓ ନିମ୍ନ ମୃତ୍ୟୁହାର ଥିବା ସହରାଞ୍ଚଳ ଶିଳ୍ପ ଅର୍ଥନୀତିକୁ ପରିବର୍ତ୍ତନ ଯୋଗୁ ସମ୍ଭବ ହୋଇଥାଏ । ଏପରି କାର୍ଯ୍ୟକ୍ଷମ ଲୋକବଳ ଯେତେ ଅଧିକ ହେବ, ଦେଶରେ ଦ୍ରୁତଗତି ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି ହେବ । ତେବେ ଏହା ସୁଯୋଗ ସୃଷ୍ଟି କରିବା ସହିତ ବିଭିନ୍ନ ଆହ୍ୱାନ ସମ୍ମୁଖୀନ ମଧ୍ୟ ହୋଇଥାଏ । ଅଧିକ କାର୍ଯ୍ୟକ୍ଷମ ଲୋକଶକ୍ତି ଦେଶରେ ଉତ୍ପାଦନ, ଉପଭୋଗ ଓ ନିବେଶ କ୍ଷେତ୍ରରେ ବେଶି ଯୋଗଦାନ କରିପାରନ୍ତି । ଅଧିକ ଶ୍ରମବଳ ଅଧିକ ଉତ୍ପାଦକତା ଏବଂ ନବସୃଜନ ବା ନବୋନ୍ମେଷ ସହାୟକ ମଧ୍ୟ ହୋଇପାରନ୍ତି । ଏମାନଙ୍କ ମାନବୀୟ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ ହେଲେ ଜନସାଂଖ୍ୟକୀୟ ଲାଭାଂଶ ଦେଶର ନିରନ୍ତର ବିକାଶ ଆଡ଼କୁ ରୂପାନ୍ତରିତ ହେବା ନିଶ୍ଚିତ ।

ଏପରି ଲାଭାଂଶର ସଦୁପଯୋଗ କରିବାକୁ ହେଲେ ପ୍ରଥମେ ଆମ ଆଗରେ ଥିବା ସମସ୍ୟାଗୁଡ଼ିକ ଅନୁଧ୍ୟାନ କରି ସଠିକ ରଣନୀତି ସ୍ଥିର କରିବାକୁ ହେବ । ହାରାହାରି ୪୫% କାର୍ଯ୍ୟକ୍ଷମ କୃଷି କ୍ଷେତ୍ରରେ ନିୟୋଜିତ



ହେଲେହେଁ ସାମଗ୍ରିକ ଘରୋଇ ଉତ୍ପାଦର ମାତ୍ର ୧୮% କୃଷିରୁ ଆସେ । ପ୍ରାୟ ୧୯% କାର୍ଯ୍ୟକ୍ଷମ ଅସଂଗଠିତ ଓ ଏମାନେ କୃଷି କ୍ଷେତ୍ରରେ କାର୍ଯ୍ୟରତ । ଦେଶରେ ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ବେରୋଜଗାରି, ଶିକ୍ଷା ଓ କୌଶଳ ଅଭାବ ଏବଂ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ଅଭାବ । ଏପରି ଜନସାଂଖ୍ୟକୀୟ ଲାଭାଂଶ ଆମ ଦେଶରେ ୨୦୫୦ ପର୍ଯ୍ୟନ୍ତ ରହିପାରେ ଏବଂ ଏହା ପରେ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧି ପାଇବ ।

ଏପରି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ସରକାର କେତେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ୨୦୧୫ ମସିହାରେ ଆରମ୍ଭ କରାଯାଇଥିବା କୌଶଳ ଭାରତ ମିଶନ । ଯୁବକମାନଙ୍କୁ କୌଶଳ ବିକାଶ ତାଲିମ ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ । ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ବିନିର୍ମାଣ ଓ କର୍ମସଂସ୍ଥାନ ଏହାର ଉଦ୍ଦେଶ୍ୟ । ୨୦୨୦ରେ ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇଛି । ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀରେ ସଂସ୍କାର ଆଣି ଉତ୍ତମ ଓ ଆବଶ୍ୟକୀୟ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆୟୁଷ୍ମାନ୍ ଭାରତ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ଡିଜିଟାଲ ସାକ୍ଷରତା ବିକାଶ କରାଯାଇ ବିଭିନ୍ନ ସୁଯୋଗ ସହିତ ଯୋଡ଼ି ହେବା ପାଇଁ ପ୍ରୟାସ କରାଯାଉଛି । ସୁତରାଂ ଦେଶର ଜନସାଂଖ୍ୟକୀୟ ଲାଭାଂଶ ହାସଲ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ବିକାଶ ଓ ଆତ୍ମନିଯୁକ୍ତି ପାଇଁ ବ୍ୟାପକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । ଦେଶର ନିରନ୍ତର ବିକାଶ ପାଇଁ ରଣକୌଶଳ ଓ ନୀତି ଅନୁପାଳନ ମାଧ୍ୟମରେ ଏପରି ଲାଭାଂଶକୁ ବିନିଯୋଗ କରାଯାଇ ପାରିବ । ଆଲୋଚନା କରିବା ଆଗକୁ କ'ଣସବୁ ରାସ୍ତା ରହିଛି । ରାଜ୍ୟଗୁଡ଼ିକ ଅବକାରୀ ଖର୍ଚ୍ଚ ହ୍ରାସ କରି ଏକ ପୁଞ୍ଜି ନିବେଶ ବାତାବରଣ ସୃଷ୍ଟି କରିବା ଆବଶ୍ୟକ । ଏହାଦ୍ୱାରା ବହୁଶ୍ରମ ବିଭବ ସୃଷ୍ଟି ହୋଇପାରିବ । କୃଷି ସହିତ ଶ୍ରମପ୍ରଧାନ ଶିଳ୍ପ ବିକାଶ ପାଇଁ ପ୍ରୋତ୍ସାହନ ଯୋଗାଇବା ମଧ୍ୟ ଜରୁରୀ । ଔପଚାରିକ ଶିକ୍ଷା ଓ ବ୍ୟବସାୟିକ ପ୍ରଶିକ୍ଷଣ ଦ୍ୱାରା ଶିଳ୍ପ ସଂକ୍ରାନ୍ତ କୌଶଳ ବିକାଶକୁ ଏକୀକରଣ କରିବା ପାଇଁ ସରକାରୀ-ବେସରକାରୀ ଭାଗୀଦାରୀକୁ ଉତ୍ସାହିତ କରାଗଲେ ଅଧିକ ସୁଫଳ ମିଳିପାରିବ । କୃତ୍ରିମ ମେଧା ଓ ମେସିନ ଲର୍ଣ୍ଣ (ଏ. ଆଇ/ ଏମ୍.ଏଲ) ମଧ୍ୟରେ ଶ୍ରମିକମାନଙ୍କର କୌଶଳ ବିକାଶ କରାଗଲେ ଅଧିକ ଦକ୍ଷ ଶ୍ରମିକ ବାହାରିବେ । ବିଭିନ୍ନ କମ୍ପାନୀ ସହାୟତାରେ ପ୍ରଶିକ୍ଷଣସମ୍ପନ୍ନ ଶ୍ରମିକ ସମୂହ ବାହାର କରାଯିବା ଆବଶ୍ୟକ ।

ମଧ୍ୟମ ଓ କ୍ଷୁଦ୍ରଶିଳ୍ପ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଯୋଗାଇଦେଲେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ । ଏଥିପାଇଁ ସହଜରେ ଅଧିକ ଋଣ ମଧ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ । ଅଣକୁଶଳୀ ଶ୍ରମିକଙ୍କ ପାଇଁ ଖେଳନା, ପୋଷାକ ଓ ପର୍ଯ୍ୟଟନ ଆଦି କର୍ମନିଯୁକ୍ତି କ୍ଷେତ୍ରର ବିକାଶ କରାଗଲେ ବେକାରି ସମସ୍ୟା ସମାଧାନ ହୋଇପାରିବ । ଶ୍ରମିକମାନଙ୍କ କୌଶଳ ବୃଦ୍ଧି ପରେ ଉତ୍ପାଦଗୁଡ଼ିକର ମୂଲ୍ୟ ଶୃଙ୍ଖଳାରେ ଉନ୍ନତି କରାଗଲେ ଶ୍ରମିକମାନେ ଅଧିକ ପାରିଶ୍ରମିକ ପାଇବେ । ପ୍ରଧାନମନ୍ତ୍ରୀ ଗତିଶକ୍ତି ପରି ଯୋଜନାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ମିଳିତ ସହଯୋଗ ଆବଶ୍ୟକ ।

ଜନସାଂଖ୍ୟକୀୟ ଲାଭାଂଶ ପାଇଁ ଭାରତ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ଅଛି । ପ୍ରଥମରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ନିବେଶ କରିପାରିଲେ କାର୍ଯ୍ୟକ୍ଷମ କର୍ମନିଯୁକ୍ତି ପାଇପାରିବେ । ଦ୍ୱିତୀୟରେ ନିର୍ମାଣ ବା ମାନୁଫାକ୍ଚରିଂ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କଲେ ଅଧିକ ସଂଖ୍ୟକ କର୍ମଯୋଗାଣ ସୃଷ୍ଟି ହେବ । ତୃତୀୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଯୁବଗୋଷ୍ଠୀ ପାଇଁ ଅଧିକ ସମ୍ଭାବନା ସୃଷ୍ଟି କରିପାରିବେ । ରାଜ୍ୟଗୁଡ଼ିକର ଉନ୍ନତି ସହଯୋଗ ଆବଶ୍ୟକ । ଚତୁର୍ଥରେ ମାନବୀୟ ବିକାଶ ପାଇଁ ଭାରତରେ ଅଧିକ ଅର୍ଥ ବିନିଯୋଗ କରାଯିବା ଦରକାର । ଅର୍ଥନୈତିକ ଉତ୍ପାଦକତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଶକ୍ତୀକରଣ ପାଇଁ ଏହିବିନିଯୋଗ ଆବଶ୍ୟକ । ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ସାମଗ୍ରିକ ଘରୋଇ ଉତ୍ପାଦର ୬% ବ୍ୟୟ ହେବା ଜରୁରୀ । ପଞ୍ଚମରେ ନିରନ୍ତର ବିକାଶ ଲକ୍ଷ୍ୟରେ ସ୍ଥିରୀକୃତ ୧୭ଟି ଲକ୍ଷ୍ୟ ପୂରଣ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆବଶ୍ୟକ । ସର୍ବୋପରି ମାନବୀୟ ବିକାଶ ସୂଚକାଙ୍କରେ ଭାରତରେ ନୈରାଶ୍ୟଜନକ ପ୍ରଦର୍ଶନକୁ ଉନ୍ନତ କରିବାକୁ ହେବ । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି ମାଧ୍ୟମରେ ରୋଜଗାର ବୃଦ୍ଧି ଏବଂ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଆବଶ୍ୟକ ।

ଜନସାଂଖ୍ୟକୀୟ ଲାଭାଂଶର ଫାଇଦା ମଧ୍ୟରେ ପ୍ରଥମ ହେଲା ଅର୍ଥନୈତିକ ଅଭିବୃଦ୍ଧି । ଏପରି ଲାଭାଂଶ ମାଧ୍ୟମରେ ସାମଗ୍ରିକ ଘରୋଇ ଉତ୍ପାଦ କ୍ଷେତ୍ରରେ ବାର୍ଷିକ ୨-୩% ଅଭିବୃଦ୍ଧି ସମ୍ଭବପର । ଦେଶରେ ଅଧିକ ଉପଭୋକ୍ତା ଥିବାରୁ ଅଧିକ ପୁଞ୍ଜି ନିବେଶ ସୁଯୋଗ ମିଳିପାରିବ । ଉପଯୁକ୍ତ ଶିକ୍ଷା ଓ କୌଶଳ ବିକାଶ କରାଗଲେ ଯୁବକମାନେ ନୂତନ ଅଭିନବକରଣରେ ଅଂଶଗ୍ରହଣ କରିପାରିବେ; ଫଳରେ ଏହାଦ୍ୱାରା ଉତ୍ପାଦନ ଅଧିକ ହୋଇପାରିବ । ଆମ ଦେଶରେ ଜନସାଂଖ୍ୟକୀୟ ଲାଭାଂଶ ୨୦୪୦ ପର୍ଯ୍ୟନ୍ତ ରହୁଥିବାରୁ ଏହାର ଲାଭ ନିମନ୍ତେ ସମସ୍ତ ଯୋଜନା ଆଗାମୀ ୧୫ ବର୍ଷ ମଧ୍ୟରେ ନିଷ୍ଠାର ସହିତ କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ ମନେହୁଏ ।

କଳିଙ୍ଗନଗର, ୭/୪୫୨, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

# ସମନ୍ୱିତ ପ୍ରୟାସ ଲୋଡ଼ା



ବରେଣ୍ୟ ଦାସ

ଜଳବାୟୁ ପରିବର୍ତ୍ତନ ସମଗ୍ର ପୃଥିବୀରେ ଗଭୀର ପ୍ରଭାବ ପକାଉଛି । ଏହା ପରିବେଶ, ଅର୍ଥନୀତି, କୃଷି, ସ୍ୱାସ୍ଥ୍ୟ ଓ ଜୈବ ବୈଚିତ୍ର୍ୟ ଉପରେ ମାରାତ୍ମକ ପ୍ରତିକ୍ରିୟା ସୃଷ୍ଟିକରୁଛି । ବିଶ୍ୱର ହାରାହାରି ତାପମାତ୍ରା ୨୦୧୧ରୁ ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରାୟ ୧.୧ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧିପାଇଛି, ଯାହା ମୁଖ୍ୟତଃ ମାନବ କାର୍ଯ୍ୟକଳାପ ଯେପରିକି ଜୀବାଶ୍ମ ଇନ୍ଧନ (କୋଇଲା, ତୈଳ ଓ ଗ୍ୟାସ) ଜାଳିବା ଓ ବନସଂହାର ଯୋଗୁ ଘଟିଛି । ଏହି ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ରସ୍ତର ୧୯୦୧ରୁ ୨୦୧୮ମସିହା ମଧ୍ୟରେ ପ୍ରାୟ୨୦ସେଣ୍ଟିମିଟର (୮ଇଞ୍ଚ) ବୃଦ୍ଧିପାଇଛି । ଗତ ୨ ଦଶନ୍ଧିରେ ଏହାର ହାର ପୂର୍ବଶତାବ୍ଦୀ ତୁଳନାରେ ଦ୍ୱିଗୁଣିତ ହୋଇଛି । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ପୁରୀ, ବାଲେଶ୍ୱର ଓ ଗଞ୍ଜାମରେ ଏହା ବନ୍ୟା ଓ ଜମି କ୍ଷୟର ବିପଦ ହୋଇଛି, ଯାହା ସ୍ଥାନୀୟ ଜନଜୀବନ ଓ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଉଛି ।

ଜଳବାୟୁ ପରିବର୍ତ୍ତନ ଚରମ ପାଗଘଟଣାକୁ ତୀବ୍ର କରୁଛି । ୨୦୧୮ରେ ଉତ୍ତର ୟୁରୋପରେ ଘଟିଥିବା ଗ୍ରୀଷ୍ମଲହରି ଜଳବାୟୁ ପରିବର୍ତ୍ତନ ଯୋଗୁ ଦ୍ୱିଗୁଣ ବୃଦ୍ଧିପାଇଥିଲା । ଓଡ଼ିଶାରେ ଘୂର୍ଣ୍ଣିଝଡ଼ ଯେପରି କି ଫନୀ ଓ ଅମ୍ଫାନ ତୀବ୍ରତା ମଧ୍ୟ ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ, ଯେଉଁଥିରେ ସମୁଦ୍ର ତାପମାତ୍ରା ବୃଦ୍ଧି ଏହି ଝଡ଼ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିଛି । ଏହି ସବୁ ଝଡ଼ ଓଡ଼ିଶାରେ ଅର୍ଥନୈତିକ ଓ ସାମାଜିକ ସ୍ଥିରତାକୁ ପ୍ରଭାବିତ କରିଥିଲା ।

ମାନବ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅନୁଯାୟୀ, ୨୦୩୦ରୁ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅପପୁଷ୍ଟି, ମ୍ୟାଲେରିଆ, ଝାଡ଼ାବାନ୍ତି ଓ ଗ୍ରୀଷ୍ମଲହରି ଯୋଗୁ ପ୍ରତି ବର୍ଷ ଅତିରିକ୍ତ୨,୫୦,୦୦୦ମୃତ୍ୟୁ ହୋଇପାରେ । ଓଡ଼ିଶାରେ ଗ୍ରୀଷ୍ମଲହରି ଯୋଗୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇଛି । ଜଳବାୟୁ ପରିବର୍ତ୍ତନ ସାମାଜିକ ଓ ଅର୍ଥନୈତିକ ଅସମାନତାକୁ ଆହୁରି ବୃଦ୍ଧିକରୁଛି । କାରଣ ଗରିବ ଓ ଅସୁରକ୍ଷିତ ଜନଗୋଷ୍ଠୀ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି ।

ଜୈବବିବିଧତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ଗଭୀର । ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ତଥ୍ୟ(୨୦୨୦) ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଜୈବବିବିଧତା ହ୍ରାସର ମୁଖ୍ୟ କାରଣ । ୧୯୭୦ରୁ୨୦୧୬ମଧ୍ୟରେ ବିଶ୍ୱବ୍ୟାପୀ ମେରୁଦଣ୍ଡପ୍ରାଣୀଙ୍କ ସଂଖ୍ୟାରେ ୬୮% ହ୍ରାସ ଘଟିଛି । ଅନେକ ଅଞ୍ଚଳରେ୨୦୫୦ମସିହା ସୁଦ୍ଧା ବହୁ ପ୍ରଜାତି ଜଳବାୟୁ ପରିବର୍ତ୍ତନ ଯୋଗୁ ବିଲୁପ୍ତିର ବିପଦରେ ରହିଛନ୍ତି । ଓଡ଼ିଶାର ଚିଲିକା ହ୍ରଦ ଓ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଜୈବବିବିଧତା ସମୁଦ୍ରସ୍ତର ବୃଦ୍ଧି ଓ ତାପମାତ୍ରା ପରିବର୍ତ୍ତନ ଯୋଗୁ ବିପଦରେ ଅଛି ।



ଏହି ସଙ୍କଟର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ଓ ସ୍ଥାନୀୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ୨୦୧୫ରେ ପ୍ୟାରିସ ଚୁକ୍ତି ଜରିଆରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ଡିଗ୍ରୀ ସେଲ୍‌ସିଅସ୍‌ରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଛି । ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ଦେବା ଏକ ମୁଖ୍ୟ ସମାଧାନ । ୨୦୨୨ମସିହାରେ ବିଶ୍ୱବ୍ୟାପୀ ନବୀକରଣୀୟ ଶକ୍ତିରେ ୫୦୦ବିଲିୟନ ଡଲାର ନିବେଶ କରାଯାଇଥିଲା । ଓଡ଼ିଶାରେ ସୌରଶକ୍ତି ପ୍ରକଳ୍ପରେ ୨୦୨୪ ସୁଦ୍ଧା ୫୦୦ ମେଗାୱାଟ ଉତ୍ପାଦନ କ୍ଷମତା ଯୋଗକରାଯାଇଛି, ଯାହା ରାଜ୍ୟର କାର୍ବନଫୁଟ୍ ପ୍ରିଣ୍ଟ ହ୍ରାସକରିଛି ।

ଅନୁକୂଳନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶାରେ ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲା ପାଇଁ ଉନ୍ନତ ପୂର୍ବ ଚେତାବନୀ ବ୍ୟବସ୍ଥା ଓ ସ୍ଥିତିସ୍ଥାପକ ଭିତ୍ତିଭୂମି ନିର୍ମାଣ କରାଯାଉଛି । ଉପକୂଳ ଅଞ୍ଚଳରେ ସମୁଦ୍ରଜଳ ପ୍ରବେଶରୁ ଗ୍ରାମଗୁଡ଼ିକୁ ରକ୍ଷାକରିବା ପାଇଁ ବନ୍ଧ ନିର୍ମାଣ କରାଯାଉଛି, ଯାହା ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲାରେ ସହାୟକ । ଏହାସହ ପ୍ରକୃତି ଆଧାରିତ ସମାଧାନ, ଯେପରିକି ଜଳାଶୟ ଓ ସବୁଜ ଛାତ, ବନ୍ୟା ଏବଂ ଗ୍ରୀଷ୍ମଲହରିର ମୁକାବିଲା କରିବାରେ ସହାୟକ ଭୂମିକା ପାଳନକରେ । କାର୍ବନଟ୍ୟାକ୍ସ ଓ ନିର୍ଗମନ ବାଣିଜ୍ୟ ପ୍ରଣାଳୀ ଭଳି ବଜାର ଆଧାରିତ ପଦ୍ଧତି ମଧ୍ୟ କାର୍ବନ ନିର୍ଗମନ ହ୍ରାସକରୁଛି । ୨୦୨୪ସୁଦ୍ଧା ୭୫ଟି କାର୍ବନ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ ବିଶ୍ୱବ୍ୟାପୀ କାର୍ଯ୍ୟକାରୀ ହୋଇସାରିଛି । ଆଇପିସିସି(୨୦୨୨)ର ତଥ୍ୟ ଅନୁଯାୟୀ, ୧୭୦ରୁ ଅଧିକ ଦେଶ ଓ ଅନେକ ସହର ନିଜର ଜଳବାୟୁନୀତି ଓ ଯୋଜନା ପ୍ରକ୍ରିୟାରେ ଅନୁକୂଳନ ଅନ୍ତର୍ଭୁକ୍ତକରିଛନ୍ତି । ଫସଲ ସୁଧାର, ଜଳ ପରିଚାଳନା ଓ ସଂରକ୍ଷଣ, ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ, ଜଳସେଚନ ଉତ୍ପାଦୀ ପ୍ରଭାବୀ ଅନୁକୂଳନ ବିକଳ୍ପ ହିସାବରେ ପ୍ରମାଣିତ ହୋଇଛି ।

ଜନସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଇବା ମଧ୍ୟ ଅତ୍ୟନ୍ତ ଜରୁରୀ । ଓଡ଼ିଶାରେ ସ୍କୁଲ ଓ ଗୋଷ୍ଠୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜୀବନଶୈଳୀ ପରିବର୍ତ୍ତନ ଓ କାର୍ବନ ଫୁଟପ୍ରିଣ୍ଟ ହ୍ରାସରେ ସହାୟକ ହେବ । ବର୍ତ୍ତମାନର ଆବଶ୍ୟକତା ହେଉଛି ଏକ ବ୍ୟାପକ ଓ ସମନ୍ୱିତ ପ୍ରୟାସ, ଯାହା ଅନୁକୂଳନ ବିଶ୍ୱକୁ ଏକା ସାଙ୍ଗରେ ସମାଧାନ କରିପାରିବ । ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ସହ ଅନ୍ତର୍ଜାତୀୟ ସହଯୋଗ ଏବଂ ଆର୍ଥିକ ସହାୟତା ବୃଦ୍ଧି ହେଲେ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇପାରିବ । ନବୀକରଣୀୟ ଶକ୍ତିର ଦ୍ରୁତ ଅଗ୍ରଗତି ଓ ମୂଲ୍ୟହ୍ରାସ ସହ ଅନୁକୂଳନ ପ୍ରଯୁକ୍ତିର ବିକାଶ ଏକ ସୁସ୍ଥ ପୃଥିବୀ ପାଇଁ ଆଶା ଜଗାଇଛି । ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମସ୍ତ ଦେଶ, ସମୁଦାୟ ଓ ବ୍ୟକ୍ତିର ସମନ୍ୱିତ ପ୍ରୟାସ ଆବଶ୍ୟକ, ଯାହାକି ଆଗାମୀ ପିଢ଼ି ପାଇଁ ଏକ ବାସଯୋଗ୍ୟ ପୃଥିବୀ ନିଶ୍ଚିତ କରିପାରିବ ।

ଆଇଆଇଏମ୍, କଲିକତା
ମୋ: ୮୩୩୫୯୪୯୪୭୭

## ଏଇ ଭାରତରେ

ଏବେ ସିଙ୍ଗଲ ୟୁଜ୍ଡ ପ୍ଲାଷ୍ଟିକ ବ୍ୟବହାର ବଢ଼ିଚାଲିଛି । ଯିଏ ବାହାରକୁ ଯାଉଛନ୍ତି ଶୋଷ ହେଲେ ପ୍ଲାଷ୍ଟିକ ପାଣି ବୋତଲ କିଣି ପିଉଛନ୍ତି ଓ ପରେ ତାହାକୁ ଫିଙ୍ଗି ଦେଉଛନ୍ତି । ଏହା ଅନେକ ବର୍ଷ ଧରି ପଡ଼ିରହି ମାଟି, ପାଣି ଓ ପବନ ସର୍ବୋପରି ପରିବେଶକୁ କ୍ଷତି କରିଚାଲିଛି । ଏଣୁ ଏଭଳି ସମସ୍ୟା ଦୂର କରିବା ଲାଗି ଆଗକୁ ଆସିଛନ୍ତି କେରଳର ପ୍ରଦୀପ କୋକାଟ ଏବଂ ଅଲି ଅସ୍ଗର । ସେମାନେ ଅବିକଳ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ଏକ ପ୍ରକାର ବୋତଲ ତିଆରି କରୁଛନ୍ତି । ମକା ଓ ଆଖୁ ବର୍ଜ୍ୟରୁ ଏକ ପ୍ରକାର ପଲିଲାକଟାଇଡ (ଏକ ପ୍ରକାର ଜୈବିକ ପଦାର୍ଥ) ପ୍ରସ୍ତୁତ କରି ସେଥିରୁ ବାୟୋ ପ୍ଲାଷ୍ଟିକ ତିଆରି କରୁଛନ୍ତି । ସେମାନେ ୧୦୦ ମିଲିଲିଟରରୁ ୧ ଲିଟର ପାଣି ରହୁଥିବା ବୋତଲ ତିଆରି କରୁଛନ୍ତି । ପ୍ରଦୀପ ଓ ଅଲି 'ବାୟୋ ଗ୍ରିନ୍' ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି । ଏହି ବାୟୋ ପ୍ଲାଷ୍ଟିକ ବୋତଲଗୁଡ଼ିକ ୩ ମାସ ମଧ୍ୟରେ ମାଟିରେ ମିଶିଯାଉଛି ।

## ୫୦ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୭୬

- ମହାରାଷ୍ଟ୍ରର ପୂର୍ବତନ ଉପମନ୍ତ୍ରୀ ଗୁପ୍ତ ଦେଶପାଣ୍ଡେ ପାଟିଲଙ୍କ ୫୫ ବର୍ଷ ବୟସରେ ପରଲୋକ ।
- ପ୍ରେଗଠାରେ ଭାରତ ଓ ଚେକୋସ୍ଲୋଭାକିଆ ମଧ୍ୟରେ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ ।

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିତ ଶୁଣ
ନିର୍ଘୃଣ ଜନ ଦୟିତ !
ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ ! -(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 6 | | 1 | 2 |
| | | | | | | | | 9 |
| | | 5 | | | | | | 3 |
| | | | 7 | | | | | 6 |
| | 9 | | 2 | | 3 | 5 | | |
| | | | | | | | 8 | |
| | | | | | 1 | | 6 | 8 |
| 5 | 2 | 8 | | 9 | | | | |
| | | 6 | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 6 | 4 | 7 | 2 | 3 | 5 |
| 2 | 7 | 6 | 8 | 3 | 5 | 1 | 4 | 9 |
| 4 | 5 | 3 | 1 | 2 | 9 | 8 | 7 | 6 |
| 3 | 6 | 7 | 5 | 8 | 1 | 4 | 9 | 2 |
| 5 | 8 | 4 | 2 | 9 | 3 | 7 | 6 | 1 |
| 1 | 9 | 2 | 7 | 6 | 4 | 5 | 8 | 3 |
| 6 | 2 | 9 | 4 | 5 | 8 | 3 | 1 | 7 |
| 7 | 4 | 5 | 3 | 1 | 6 | 9 | 2 | 8 |
| 8 | 3 | 1 | 9 | 7 | 2 | 6 | 5 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କଳକାରଖାନାର ପୁନରୁଦ୍ଧାର ଜରୁରୀ

ମହାଶୟ,

ଓଡ଼ିଶାକୁ ଭାରତର ବୟନ ଶିଳ୍ପର ରାଜଧାନୀରେ ପରିଣତ କରିବା ଲକ୍ଷ୍ୟ ନେଇ ଓଡ଼ିଶାଟେକ୍ସ-୨୦୨୫ କନ୍‌କ୍ଲେଭ ଆୟୋଜନ କରାଯାଇ ଶିଳ୍ପୋଦ୍ୟୋଗୀଙ୍କ ପୁଞ୍ଜିନିବେଶର ଚୁକ୍ତିନାମା ଉଦ୍ୟମକୁ ସ୍ୱାଗତଯୋଗ୍ୟ । ଓଡ଼ିଶା ସରକାର ଯଦି ଶିଳ୍ପ ପ୍ରଗତିରେ ନିଷ୍ଠା ଓ ଆନ୍ତରିକତା ରଖନ୍ତି, ତେବେ ରାଜ୍ୟରେ ଆତ୍ମନିଯୁକ୍ତ ବୃଦ୍ଧି ପାଇବା ସହ ବେକାର ସମସ୍ୟା ଦୂର ହେବ । ରାଜନୈତିକ କ୍ଷେତ୍ରରେ ସରକାରଙ୍କ ଇଚ୍ଛାଶକ୍ତି ଓ ଦୂରଦର୍ଶିତା ଅଭାବରୁ ଯେଉଁସବୁ ଛୋଟବଡ଼ ଶିଳ୍ପ କଳକାରଖାନା ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି ସେସବୁକୁ ପୁନରୁଦ୍ଧାର କରିବାରେ ଚେଷ୍ଟା କରିବା ଆବଶ୍ୟକ । ସୂଚନାଯୋଗ୍ୟ, ଓଡ଼ିଶାରେ କଳ କାରଖାନା ଚଳାଇବା ନିମିତ୍ତ ପ୍ରଚୁର ମୂଲ୍ୟବାନ ଖଣିଜସମ୍ପଦ ଗଚ୍ଛିତ ଅଛି, ଯାହାର ଠିକ୍ ବିନିଯୋଗ ହେବା ଦରକାର । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରଥମ ଓଡ଼ିଆ ଶିଳ୍ପପତି ଭାବରେ କଟକର ଚୌଦ୍ୱାରରେ କଳିଙ୍ଗ ଟ୍ୟୁବସ, ଓଟିଏମ୍-ଓଡ଼ିଶା ଟେକ୍ସଟାଇଲ ମିଲ ଏବଂ ଏକ କାଗଜକଳ ପ୍ରତିଷ୍ଠା କରିଥିଲେ । ଓଡ଼ିଶା ଏକଦା ଥିଲା ସିମେଣ୍ଟ, ସୂତାକଳ, ଚିନିକଳ, ଫେରୋକ୍ରୋମ, ଆଇବେଷ୍ଟସ, ଚମଡ଼ା ଆଦି ବିଭିନ୍ନ ଶିଳ୍ପ ସମୃଦ୍ଧର ରାଜ୍ୟ । ତେଣୁ ଶିଳ୍ପକୁ ସକ୍ରିୟ କରିବା ପାଇଁ ସରକାରଙ୍କ ଉଦ୍ୟମ ଲୋଡ଼ା ।

-ଅଶୋକ କୁମାର ଆଢ୍ୟ, ମରାଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ମଧ୍ୟାହ୍ନଭୋଜନରେ ଝିଟିପିଟି
# ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ବଲାଙ୍ଗୀର/ଟିଟିଲାଗଡ/ମୁରିବାହାଲ,୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର/ ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ବଡତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ଭୋଜନ ଖାଇ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣା ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ଉପଖଣ୍ଡସ୍ତରୀୟ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଛି। କେତେଜଣ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ପରେ ଛାଡି ଦିଆ ଯାଇଥିବା ବେଳେ ଆଉ କେତେକଙ୍କୁ ଅବ୍‌ଜରଭେଶନ୍‌ରେ ରଖାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ବଡତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ କରୁଥିଲେ। ଏହି ସମୟରେ ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଏକ ମଲା ଝିଟିପିଟି ବାହାରିଥିଲା। ଖାଦ୍ୟରେ ଝିଟିପିଟି ଦେଖିବା ପରେ ଛାତ୍ରୀ ଜଣକ ବାନ୍ତି କରିଥିଲେ। ଏହାପରେ ଭୋଜନ କରି ସାରିଥିବା ବହୁ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ଅନେକ ଛାତ୍ରୀଛାତ୍ରଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇବାରୁ ଅସୁସ୍ଥ ହୋଇ ପଡିଥିଲେ। ଘଟଣା ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କିଭଳି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡିଲା ଓ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ବୋଲି ପ୍ରଶ୍ନ କରିଥିଲେ। ସେଠାରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା। ତେବେ ସ୍କୁଲ ଶିକ୍ଷକ ଏବଂ ଅଭିଭାବକଙ୍କ ଠାରୁ ଫୋନ କଲ୍ ପାଇ ଆମ୍ବୁଲାନ୍ସ ଆସିବା ପରେ ଗୁରୁତର ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଟିଟିଲାଗଡ ହସ୍ପିଟାଲକୁ ପଠାଯାଇଥିଲା। ତେବେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିବାରୁ ବହୁ ସଂଖ୍ୟକ ଆମ୍ବୁଲାନ୍ସ ଆବଶ୍ୟକ ପଡିଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ଦେଖି କେତେଜଣ ଅଭିଭାବକ ନିଜ ପିଲାଙ୍କୁ ବାଇକ୍‌ରେ ହସ୍ପିଟାଲ ନେଇଥିବା ଦେଖିବାକୁ ମିଳିଥିଲା। ପରେ ଏକ ଡାକ୍ତରୀ ଟିମ୍ ଗାଁକୁ ଆସି ଛାତ୍ରୀଛାତ୍ରଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କିଭଳି ପରିସ୍ଥିତିରେ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ତା'ର ତଦନ୍ତ କରାଯିବ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚରାଯିବାରେ ଖାଦ୍ୟରେ ମଲା ଝିଟିପିଟିର ଏକ ଲାଞ୍ଜ ଦେଖିବା ପରେ ଜଣେ ଛାତ୍ରୀ ବାନ୍ତି କରିଥିଲେ। ଏହାପରେ ଅନ୍ୟ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି।


ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

# ଖବରଦାତାଙ୍କୁ ଆକ୍ରମଣ ଘଟଣା, ଥାନାରେ ମାମଲା

- ଏସ୍‌ପିଙ୍କୁ ଭେଟିଲା ସଂଘ, କାର୍ଯ୍ୟାନୁଷ୍ଠାନ ଦାବି
- ଜଏଣ୍ଟ ଇନ୍‌କ୍ୱାରି କରାଯିବ : ଏସ୍‌ପି
- ବିଭିନ୍ନ ମହଲରେ ନିନ୍ଦା, ରାଜରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସର ଧମକ

ଖୋର୍ଦ୍ଧା,୨।୮(ପ୍ରଭାତ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଏବଂ ବାଣପୁର ବ୍ଲକ ଗମ୍ଭାରିମୁଣ୍ଡା ଖଜୁରିଆ ଗ୍ରାମରେ ପୂର୍ବ ଶତ୍ରୁତାରୁ ଗାଁ ଦାଣ୍ଡରେ ୩ ଯୁବକଙ୍କୁ ଆକ୍ରମଣ ଘଟଣାର ଖବର ପରିବେଷଣ କରିବାରୁ ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲୀପ ସ୍ୱାଇଁ ଆକ୍ରୋଶର ଶିକାର ହୋଇଛନ୍ତି। ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ଉଭୟ ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ସହଯୋଗୀ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଠି ହୋଇ ତାଙ୍କୁ ଗୋଇଠା ମାରିବା ସହ ତଳେ ପକାଇ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଦିଲୀପ ଏନେଇ ନାରୁଣୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ.୨୨୮/୨୫) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖୋଦ୍ ଆଇନ୍ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାକୁ ବିଭିନ୍ନ ସାମ୍ବାଦିକ ସଂଘ ଯଥା ଉତ୍କଳ ସାମ୍ବାଦିକ ସଂଘ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ରାଜ୍ୟ ଶାଖା, ଆଇନଜୀବୀ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ, ବିରୋଧୀ ବିଜେଡି ଏବଂ କଂଗ୍ରେସ ଏହି ଘଟଣାକୁ ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଓୟୁଡବ୍ଲୁଜେ ଏବଂ ଜିଲାରେ କାର୍ଯ୍ୟରତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପୃଥକ ଭାବେ ଦାବିପତ୍ର ଦେଇଛନ୍ତି।

ଦିଲୀପଙ୍କ ଅଭିଯୋଗ ଅନୁଯାୟୀ, ଗତ ମେ ମାସରେ ନାରୁଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେହି ସମୟରେ ଖଜୁରିଆ ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଟୁଟୁ ଉକ୍ତ ଖବର ପରିବେଷଣ ନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଶୁକ୍ରବାର ରାତି ପାୟ ୯ଟା ସମୟରେ ଗମ୍ଭାରିମୁଣ୍ଡା ବଜାରରେ ଥିବା ଦୋକାନ ବନ୍ଦ କରି ଦିଲୀପ ଘରକୁ ଫେରୁଥିବା ବେଳେ ହଠାତ୍ ସୌମ୍ୟ ପହଞ୍ଚି ବେଶି ସାମ୍ବାଦିକ ଦେଖାଇ ହେଉଛି, ଜୀବନରେ ମାରିଦେବି, କିଏ ତୋ ପିଠିରେ ପଡ଼ିବେନି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦିଲିପ ଏହାର ପ୍ରତିବାଦ କରିବାବେଳେ ପୂର୍ବ ପ୍ରସ୍ତୁତି କ୍ରମେ ସୌମ୍ୟଙ୍କ ଠାରୁ ଖବରପାଇ ଖଜୁରିଆ ଗ୍ରାମର ଗାଣ୍ଡୁ ପାଇକରାୟ, ବାପି ପାଇକରାୟ, ପପୁନି ଦାଶ, ପଠାଣୀ ପ୍ରଧାନଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ଘେରିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁହଁ, ଛାତି, ପେଟ, ଶରୀରର ଅନ୍ୟ ସ୍ଥାନକୁ ବିଧା, ଗୋଇଠା, ମୁଥ ମାରିଲେ। ଏପରି କି ଜୀବନରେ ମାରିଦେବାକୁ ଉଦ୍ୟମ କରି ସୌମ୍ୟ ଦୁଇ ହାତରେ ଦିଲୀପଙ୍କ ତଣ୍ଟି ଚିପି ଦେଇଥିଲେ। ସୌମ୍ୟ ତାଙ୍କ ବେକରୁ ୩ଭରି ଓଜନର ସୁନା ଚେନ ଭିଡ଼ି ନେଇଥିଲେ ବୋଲି ଦିଲୀପ ଅଭିଯୋଗରେ ଦର୍ଶାଇଛନ୍ତି। ଦିଲୀପଙ୍କ ଉପରେ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖି ଏସପି ସାଗରିକା ନାଥ କହିଛନ୍ତି, ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ପୂର୍ବରୁ ନାରୁଣୀ ଥାନା ପରିସରରେ ଗିରଫ ଅଭିଯୁକ୍ତମାନେ ଦିଲୀପଙ୍କୁ ଧମକ ଦେଇଥିବା ନେଇ ଆଣିଥିବା ଅଭିଯୋଗର ମଧ୍ୟ ଥାନାର ସିସିଟିଭି ଯାଞ୍ଚ କରାଯାଇ ପ୍ରାଇମ ଏଭିଡେନ୍ସ ଭାବେ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଏସପି ନାଥ କହିଛନ୍ତି।

# ରାସ୍ତାକଡ଼ରୁ ମିଳିଲା ନବଜାତ ଶିଶୁପୁତ୍ର ମୃତଦେହ

ଧର୍ମଶାଳା,୨।୮(ବଟକୃଷ୍ଣ ପରିଡ଼ା): ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ପୋଲ ନିକଟ ରାସ୍ତାକଡ଼ରୁ ଶନିବାର ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ମିଳିଛି। ପୋଲିସ ମୃତଦେହ ଜବତ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୨ ଘଣ୍ଟା ପାଇଁ ଅବଜରଭେଶନ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି। କେହି ପରିବାର ଲୋକ ମୃତ ଶିଶୁଟିକୁ ରାସ୍ତାକଡ଼ରେ ପକାଇଦେଇ ଯାଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ନଂ.୨୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ୨ ମହିଳାଙ୍କ ଜୀବନ ଗଲା

ଉଦଳା, ୨।୮ (ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା କପ୍ତିପଦା ଓ ଉଦଳା ଥାନା ଅଞ୍ଚଳରେ ବିଷାକ୍ତ ସାପ କାମୁଡ଼ାରେ ୨ ମହିଳାଙ୍କ ଜୀବନ ଯାଇଛି। ମୃତ ୨ ମହିଳା ହେଲେ କପ୍ତିପଦା ଥାନା ଅଧୀନ ଗୋଳାଗଡିଆ ଗ୍ରାମର ଜୟନ୍ତୀ ବେହେରା(୪୫) ଓ ଉଦଳା ଥାନା ମଉଦା ଗ୍ରାମର ସୁକାନ୍ତିବାସ୍କେ(୪୨)। ସୂଚନା ଅନୁଯାୟୀ, ଜୟନ୍ତୀ ଶୁକ୍ରବାର ରାତିରେ ଘର ଚଟାଣରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ଚିତି ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ସେ ତାଙ୍କ ସ୍ୱାମୀଙ୍କୁ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର ପାଇଁ ଉଦଳା ଡାକ୍ତରଖାନାରୁ ବାହାରିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ସେହିପରି ସୁକାନ୍ତି ଶନିବାର ସକାଳେ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ପୂଜା ସାରି ଘରକୁ ଫେରିବା ପରେ ରୋଷେଇ ପାଇଁ କାଠ ଆଣିବାକୁ ଯାଇଥିଲେ। କାଠ ଭିତରେ ରହିଥିବା ଏକ ନାଗସାପ ତାଙ୍କୁ ଚୋଟ ମାରିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦଳା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦୁଇ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବୋଲ୍‌ବମ୍ ଭ୍ୟାନ୍ ସହ ବାଇକ୍ ଧକ୍କା: ଜଳିଗଲେ ବାପପୁଅ


ଜଳିଯାଇଥିବା ବାଇକ୍।

କୋରାପୁଟ,୨।୮(ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ପଞ୍ଚାୟତ ଅଧୀନ ୩୨୬ ନଂ. ଜାତୀୟ ରାଜପଥସ୍ଥିତ ବାଳିକା ସେବାଶ୍ରମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବୋଲ୍‌ବମ ଭ୍ୟାନ୍ ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ବାପପୁଅ ଜଳିଯାଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ କୋରାପୁଟସ୍ଥିତ ଟିଂକିରାସାହିର କୈଳାସ ଖରା(୪୫) ଓ ତାଙ୍କ ୫ ବର୍ଷର ପୁଅ। ଗୁରୁତର ହେଲେ ଅମନ ରେଡ୍ଡୀ(୨୦)।

ସୂଚନା ଅନୁଯାୟୀ, କୈଳାସ ପୁଅ ଓ ଅମନଙ୍କ ସହ ବାଇକ୍(ଓଡି-୧୦ଏବି୦୪୩୧) ଯୋଗେ କୋରାପୁଟରୁ ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ପଞ୍ଚାୟତସ୍ଥିତ ଏକ ମନ୍ଦିର ଅଭିମୁଖେ ଯାଉଥିଲେ। ଗୁପ୍ତେଶ୍ୱର ପୀଠକୁ ଯିବା ପାଇଁ ବୋଲ୍‌ବମ୍ ଶ୍ରଦ୍ଧାଳୁଙ୍କୁ ନେଇ ବିପରୀତ ଦିଗରୁ ଆସୁଥିବା ଭ୍ୟାନ୍(ଓଡି୧୦-ୱାଇ-୪୪୮୯) ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ବାଇକ୍‌ରେ ନିଆଁ ଲାଗିଯିବାରୁ ଘଟଣାସ୍ଥଳରେ କୈଳାସ ଓ ତାଙ୍କ ପୁଅ ଜଳିଯାଇଥିଲେ। ଅମନଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କୋରାପୁଟ ସଦର ପୋଲିସ ଭ୍ୟାନ୍‌କୁ ଜବତକରି ଡ୍ରାଇଭରଙ୍କୁ ଅଟକ ରଖିଛି। ଭ୍ୟାନ୍‌ରେ ଥିବା ସମସ୍ତ ବୋଲ୍‌ବମ୍ ଶ୍ରଦ୍ଧାଳୁ ସୁରକ୍ଷିତ ଥିବା ଜଣାପଡ଼ିଛି। ଏ ନେଇ ସଦର ଥାନାରେ କେସ୍ ନଂ. ୧୩୨/୨୫ରେ ମାମଲା ରୁଜୁହୋଇଛି। ସଦର ଥାନା ଏଏସ୍‌ଆଇ ସୁଧାଂଶୁ ନାୟକ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ୨ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

ଶେରଗଡ଼,୨।୮(ସୂର୍ଯ୍ୟ ନାରାୟଣ ଦାଶ)

ଆଉ କିଛି ସମୟ ପରେ ବସ୍ ଆସିଥିଲେ ଗାଁରେ ପରିବାର ଲୋକଙ୍କ ନିକଟରେ ପହଞ୍ଚିଥାନ୍ତେ। ସୁରଟରୁ ଆସି ଶେରଗଡ଼ ଚାରିଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଥଚ ସେଠାରେ ଛକି ବସିଥିଲା ମୃତ୍ୟୁ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳି ଯାଇଥିଲେ ସେ। ଏପରି ଅଭାବନୀୟ ଘଟଣା ଶନିବାର ଅପରାହ୍ନରେ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଶେରଗଡ଼ର ଚାରିଛକରେ। ଖବରରୁ ଜଣାପଡିଛି, ଶେରଗଡ଼ ବ୍ଲକ ଦଶମୁଣ୍ଡଳୀ ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ଅଶୋକ (୩୫) ସୁରଟରେ କାମ କରନ୍ତି। ସେ ଗାଁକୁ ଆସିବାକୁ ଶନିବାର ଟ୍ରେନରେ ବ୍ରହ୍ମପୁର ଓ ପରେ ସେଠାରୁ ବସ୍‌ରେ ଆସି ଶେରଗଡ଼ ଚାରିଛକରେ ଅପରାହ୍ନ ସାଢେ ୩ଟାରେ ଓହ୍ଲାଇଥିଲେ। ଗାଁ ଦଶମୁଣ୍ଡଳୀ ଯିବାକୁ ସେ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଆଉଜି ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଶଟ୍ ସର୍କିଟ ହୋଇଯିବାରୁ ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ପ୍ରବାହିତ ହୋଇଥିଲା। ଏହା ସଂସ୍ପର୍ଶରେ ଆସି ଅଶୋକ ଜଳିଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ଶେରଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃନ୍ଦାବନ ଏନେଇ ଶେରଗଡ଼ ପୋଲିସକୁ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

ADMISSION NOTIFICATION

L.R. LAW COLLEGE, SAMBALPUR

Forms & Prospectus for admission into 3yr. LL.B, 5yr. BBA LL.B(H) & 2yr. MA in Industrial Relation & Personnel Management courses against vacant seats for Academic Session 2025-26 will be available as details below in college office. Visit www.suniv.ac.in for other details.


Vacant Seats

| Sl. No. | Name of Course | Vacancy for which Category | Period of sale & Submission |
|---|---|---|---|
| 1. | 3yr. LL.B | ST & PH | 04th to 11th August 2025 |
| 2. | 5yr. BBA LL.B | ST, SEBC, PH & Ex-Servicemen | 04th to 11th August 2025 |
| 3. | 2 Year MA IRPM | All Category | 04th to 18th August 2025 |

Sd./- (Prof. Bijayananda Behera)
Principal

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର, ୭ ଯବାନ ଗୁରୁତର

## ଏସ୍‌ଓଜି ଟ୍ରେନିଂ ପାଇଁ ଝାରସୁଗୁଡ଼ାରୁ ଭୁବନେଶ୍ୱର ଆସୁଥିଲେ ୧୪ ଯବାନ


ଟ୍ରକ୍ ପଛରେ ପିଟି ହୋଇଥିବା ଟ୍ରାଭେଲର।

ଛେଣ୍ଡିପଦା,୨।୮(ଅଜିତ ଧଳ)

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡ଼ା ଥାନା ମୁଣ୍ଡାସାହି ଛକଠାରେ ଶନିବାର ଭୋର୍ ସମୟରେ ଏକ ଟ୍ରକ୍ ପଛରେ ଟ୍ରାଭେଲର ପିଟି ହେବାରୁ ଓଏସ୍‌ଏପି ୨ୟ ବାଟାଲିୟନର ୭ ଜଣ ଯବାନ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋକେଶ ବାହାଦୁର ଖଦରୀ, ଦୟା ପରାଦୁଲି, ବିକ୍ରମ କାର୍ତ୍ତି ମୁଗର, ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଓ ଗଣେଶ ଶ୍ରେଷ୍ଠ। ଆଉ ୭ ଜଣ ଆହତ ହୋଇଛନ୍ତି। ସମସ୍ତ ୧୪ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସାମାନ୍ୟ ଆହତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଗୁରୁତରଙ୍କ ମଧ୍ୟରୁ ୪ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଅନୁଗୋଳରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗାଡ଼ିରେ ଥିବା ଟ୍ରାଭେଲର ମାଲିକ ବିଶ୍ୱଜିତ ରଥ ଗୁରୁତର ଓ ଚାଳକ ଆହତ ହୋଇଛନ୍ତି। ବିଶ୍ୱଜିତଙ୍କ ଗୋଟିଏ ହାତ ଛିଣ୍ଡିଯାଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଓଏସ୍‌ଏପି ୨ୟ ବାଟାଲିୟନର ୧୪ ଜଣ ଯବାନ ଏସ୍‌ଓଜି ଟ୍ରେନିଂ ପାଇଁ ଶୁକ୍ରବାର ରାତିରେ ଏକ ଟ୍ରାଭେଲର (ନଂ. ଓଡି୧୫ଏଏ-୯୩୬୪)ରେ ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଭୋର୍ ପ୍ରାୟ ୪ଟା ବେଳେ ଉକ୍ତ ଟ୍ରାଭେଲରଟି ଜରପଡ଼ା ଥାନା ମୁଣ୍ଡାସାହି ନିକଟ ରାଜପଥ ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଯାଇଥିଲା। ଫଳରେ ଟ୍ରାଭେଲରରେ ଥିବା ୧୪ ଜଣ ଯବାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଓ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ଜରପଡ଼ା ପୋଲିସ ଯବାନମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜରପଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

# ଚିକିତ୍ସା ତଦାରଖ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଅନୁଗୋଳ ଗସ୍ତରେ ଶନିବାର ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦୁର୍ଘଟଣା ସମ୍ପର୍କରେ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ଚିକିତ୍ସାଧୀନ ଯବାନମାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ତାହା ଯବାନମାନଙ୍କଠାରୁ ବୁଝିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଯବାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି।

ODISHA POWER GENERATION CORPORATION LIMITED
CIN: U40104OR1984SGC001429
OPGC Power for Progress
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in

POWER YOUR CAREER WITH OPGC

**Odisha Power Generation Corporation Ltd. (OPGC)**, a Government of Odisha Company, having its state of the art thermal power plant at Ib Thermal Power Station (ITPS), Banharpalli, Jharsuguda, with a total generation capacity of 1740 MW (2x210 MW in first phase and 2x660MW in second phase), is looking for dynamic and result oriented professionals for the following positions under **Market Based Salary (MBS) structure and performance-based service conditions** on the regular rolls of the Corporation.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Assistant Manager (Operations) | E1 | 06# |
| 2 | Assistant Manager (Mechanical Maint.) | E1 | 08** |
| 3 | Assistant Manager (Electrical) | E1 | 01 |
| 4 | Assistant Manager (WTP) | E1 | 02 |
| 5 | Assistant Manager (Civil) | E1 | 02 |
| 6 | Assistant Manager (Quality) | E1 | 02 |
| 7 | Assistant Manager (HR-CSR) | E1 | 01 |
| 8 | Assistant Manager (HR-R&R) | E1 | 01 |
| 9 | Assistant Manager (Finance) | E1 | 10 |
| 10 | Assistant Manager (IT) | E1 | 01 |
| 11 | Deputy Manager (Civil) | E3 | 01 |

#One (1) post of Special Technical Assistant for which candidates well conversant with Power Station monitoring and MIS preparation will be given preference.
**One (1) post is for Assistant Manager (Mechanical)-CHP

Extended reservation guidelines for SC/ST/SEBC/PwD etc. as notified by Govt. of Odisha will be applicable.

For detailed advertisement, please logon to our website: www.opgc.co.in/careers. The last date for online application is **17.08.2025** and to receive the hardcopy of application is **26.08.2025**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/01/2025 Dated: 03/08/2025

# ଅନୁଗୋଳ ଜିଲାର ୧ ଲକ୍ଷ ୨୬ ହଜାର ୩୦୭ ଚାଷୀ ଉପକୃତ



ଅନୁଗୋଳ ସଭାଘରଠାରେ ଆୟୋଜିତ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଜନପ୍ରତିନିଧି ଓ ଜିଲାପାଳ ମଞ୍ଚାସୀନ ଅଛନ୍ତି।

**ପିଏମ୍ କିଷାନ ସମ୍ମାନ ନିଧିର ୨୦ତମ କିସ୍ତି ପ୍ରଦାନ**

ଅନୁଗୋଳ, ୨।୮ (ମାନସ ବିଶ୍ୱାଳ)

ଉତ୍ତରପ୍ରଦେଶର ବାରାଣସୀରେ ପିଏମ୍ କିଷାନ ସମ୍ମାନ ନିଧିର ୨୦ ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଦେଶର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଟଙ୍କା ପ୍ରଦାନ କରିଥିବା ବେଳେ ଏଥିରେ ଅନୁଗୋଳ ଜିଲାର ୧ ଲକ୍ଷ ୨୬ ହଜାର ୩୦୭ ଜଣ ଚାଷୀ ଉପକୃତ ହୋଇଛନ୍ତି। ଅନୁଗୋଳ ସହରସ୍ଥିତ ସଭାଘରଠାରେ ଶନିବାର ପୂର୍ବାହ୍ନରେ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଅନୁଗୋଳରେ ଏହି ଆଭାସି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲାପାଳ ଅବଦଲ ମହମ୍ମଦ ଅଖତାର, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ତାଳଚେର ବିଧାୟକଙ୍କ ପ୍ରତିନିଧି ଦିଲୀପ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାର ମୋଟ ୧ ଲକ୍ଷ ୨୬ ହଜାର ୩୦୭ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୫ କୋଟି ୨୬ ଲକ୍ଷ ୧୪ ହଜାର ଟଙ୍କାର ପିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନୁଗୋଳର କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧ ଓ ବିଭିନ୍ନ ବ୍ଲକରୁ ପାଖାପାଖି ୪୦୦ ଜଣ ଚାଷୀ ଭଉଣୀ ଭାଇ ଯୋଗ ଦେଇଥିଲେ।

# ନିଅଣ୍ଟିଆ ବର୍ଷା, ଚାଷୀକୁଳ ହତାଶ

■ଶତାଧିକ ହେକ୍ଟର ଜମି ପଡ଼ିଆ

■ଶୁଖିଲା ପଡ଼ିଛି କେନାଲ

ବନ୍ତଲା, ୨।୮ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଅଞ୍ଚଳରେ ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଏଯାଏ ଜୋର୍ ଧରିପାରି ନାହିଁ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଚାଷ ଜମିରେ ପାଣି ନାହିଁ। କେନାଲ ମଧ୍ୟ ଶୁଖିଲା ପଡ଼ିଛି। ଫଳରେ ଚାଷୀମାନେ କ୍ଷେତକୁ ଓହ୍ଲାଇ ନ ପାରି ହାତ ବାନ୍ଧି ବସିଥିବା ଦେଖିବାକୁ ମିଳିଛି।

ଅନୁଗୋଳ ଜିଲା ବନ୍ତଲା ଥାନା ନନ୍ଦପୁର, ପୋକତୁଙ୍ଗା, ଶଙ୍ଖପୁର, ଧୋକୁଟା ଆଦି ୪ଟି ପଞ୍ଚାୟତର ଚାଷୀ ମୁଖ୍ୟତଃ ବଉଳି ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। କିନ୍ତୁ ଚଳିତବର୍ଷ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ବଉଳି ନାଳରେ ପାଣିର ଅଭାବ ଦେଖା



ଦେଇଛି। ଜଳସେଚନ ବ୍ୟବସ୍ଥା ମଧ୍ୟ ଠପ୍ ହୋଇଯାଇଛି। ଏହି କାରଣରୁ କେନାଲ ସବୁ ଶୁଖିଲା ପଡିରହିଥିବା ଦେଖିବାକୁ ମିଳିଛି। ଫଳରେ ଧାନତଳି ରୁଆଯାଇ ନ ପାରି ବିଲରେ ମରିବା ଅବସ୍ଥାରେ ପହଞ୍ଚିଯାଇଛି। ଭଲ ବର୍ଷା ନ ହେଲେ ଶତାଧିକ ହେକ୍ଟର ଜମି ପଡ଼ିଆ ରହିବ ବୋଲି ଚାଷୀ ଅରୂପାନନ୍ଦ ଦେହୁରୀ, ନିଶାନାଥ ଦେହୁରୀ, ବ୍ରଜବନ୍ଧୁ ପ୍ରଧାନ, ପ୍ରମୋଦ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଜୟନ୍ତ ପ୍ରଧାନ, ନିରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ବାରଗୌଣିଆ, ତଳଗଡ଼, ଖିଣ୍ଡା, ଗଡ଼ତରାଶ, ବନ୍ତଲା, ବେଡ଼ାଶାସନ ଆଦି ପଞ୍ଚାୟତରେ ବର୍ଷା ଅଭାବରୁ ଶତାଧିକ ଏକର ଅଣଜଳସେଚିତ ଜମି ଚାଷ ନ ହୋଇ ପଡ଼ିଆ ରହିଛି। ମୁଖ୍ୟତଃ ଏହିସବୁ ପଞ୍ଚାୟତର ଜମି ଅଣଜଳସେଚିତ ହୋଇଥିବାରୁ ପ୍ରତିବର୍ଷ ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି।

# ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ବୈଠକ

ଅନୁଗୋଳ, ୨।୮ (ମାନସ ବିଶ୍ୱାଳ)

ପୋଲିଂ ବୁଥ୍‌ଗୁଡ଼ିକର ଯୁକ୍ତିଯୁକ୍ତକରଣ ଓ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଛେଣ୍ଡିପଦା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୨୦୦ରୁ ଊର୍ଦ୍ଧ୍ୱ ମତଦାତା ଥିବା ବୁଥ୍‌ଗୁଡିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ ବୁଥ୍ ସୃଷ୍ଟି କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ସହକାରୀ ଜିଲାପାଳ ସଞ୍ଜୟ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିବାବେଳେ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ‘ଜାଣିବାର ଇଚ୍ଛାଶକ୍ତି ବୃଦ୍ଧିରୁ ବିଜ୍ଞାନର ସୃଷ୍ଟି’



ବିଜ୍ଞାନ ମେଳା ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ।

ଆଠମଲ୍ଲିକ, ୨।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜୁନିୟର ଓ ସିନିୟର ବିଭାଗର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଟିଟସ ମହାନନ୍ଦିଆ ଯୋଗଦେଇ ଉତ୍ତର ଖୋଜିବାର ଇଚ୍ଛାଶକ୍ତି ବୃଦ୍ଧିରୁ ବିଜ୍ଞାନର ସୃଷ୍ଟି ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ବିଦ୍ୱତ ପରିଷଦ ସଭାପତି ରାଧାମୋହନ ତ୍ରିପାଠୀ, ପରିଚାଳନା କାର୍ଯ୍ୟକର୍ତ୍ତା ବିପିନ ମହାପାତ୍ର ପ୍ରମୁଖ ଯୋଗଦେଇ ଜୀବ ଜଗତର ହିତରେ ବିଜ୍ଞାନର ଉପଯୋଗିତା ହୋଇପାରୁଛି ବୋଲି କହିଥିଲେ। ଗୁରୁମା ଦୀପ୍ତିମୟୀ ମହାକୁଡ଼ ବିଶିଷ୍ଟ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବେ ଅଧ୍ୟାପିକା ଅଭୀପ୍ସା ତ୍ରିପାଠୀ, ମୋନାଲିସା ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବିନୟ କୁମାର ବଘାର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମହାନନ୍ଦିଆ ୭୦ଟି ପ୍ରକଳ୍ପକୁ ବୁଲି ଦେଖିବା ସହ ଛାତ୍ରୀଛାତ୍ରମାନଙ୍କ ସହିତ ପ୍ରକଳ୍ପ ସମ୍ବନ୍ଧୀୟ ମତ ବିନିମୟ କରିଥିଲେ। ଗୁରୁମା ରତ୍ନପ୍ରଭା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

ଆଠମଲ୍ଲିକ, ୨।୮ (ଉଦୀପ୍ତ ପୁରୋହିତ)



ଡ. ତ୍ରିଲୋଚନ ପ୍ରଧାନ।

ଅନୁଗୋଳ ଜିଲା ଆଠମଲ୍ଲିକ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଡ. ତ୍ରିଲୋଚନ ପ୍ରଧାନ ଯୋଗଦେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସାକ୍ଷାତ କରି ସ୍ୱାଗତ କରିଥିଲେ। ଡ. ପ୍ରଧାନ ପୂର୍ବରୁ ବରଗଡ଼ ଜିଲା ଅତାବିରା କଲେଜର ଇତିହାସ ବିଭାଗରେ ରିଡର ଭାବରେ କାର୍ଯ୍ୟରତ ଥିଲେ। କଲେଜର ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଆଲୋଚନା କରାଯାଇ ଆଗକୁ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବ ବୋଲି ନୂଆ ଅଧ୍ୟକ୍ଷ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କାର୍ଯ୍ୟରେ ଯୋଗଦାନ ପରେ ନୂତନ ଅଧ୍ୟକ୍ଷ ଅପରାହ୍ନରେ ଉପଜିଲାପାଳ ଉପେନ୍ଦ୍ର ଲୁହାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

# ଜିଲା ଉତ୍କଳ ସମ୍ମିଳନୀର ଶୋକ

ଅନୁଗୋଳ, ୨।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ସାହୁ (୬୬)ଙ୍କ ପରଲୋକରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଉତ୍କଳ ସମ୍ମିଳନୀ ସଭାପତି ବିଶ୍ୱରଞ୍ଜନ ପ୍ରଧାନ, ସମ୍ପାଦକ ଧନେଶ୍ୱର ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଡ. ପ୍ରଶାନ୍ତ କୁମାର ରଥ, ଡ. ସିଦ୍ଧନାଥ ସାହୁ, ଶ୍ରୀକାନ୍ତ କୁମାର ସାହୁ, ବିଭୂତି ଭୂଷଣ ସ୍ୱାଇଁ, ସିଦ୍ଧି ପ୍ରସାଦ ସାହୁ, ଲିପିକା ମହାପାତ୍ର, ସତ୍ୟବାଦୀ ସାହୁ, ତ୍ରେତାନନ୍ଦ ସାମନ୍ତ, ସତ୍ୟରଞ୍ଜନ ପ୍ରଧାନ, ସଚ୍ଚିଦାନନ୍ଦ ପାଢ଼ୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ବିଭୂତି ଅନେକ ସାମାଜିକ ତଥା ସାହିତ୍ୟ ସଂସ୍ଥା ସହିତ ଜଡ଼ିତ ଥିଲେ। ସେ ମା’ ହିଙ୍ଗୁଳା ଉନ୍ନୟନ ପରିଷଦ, ତାଳଚେର ପ୍ରଜା ଆନ୍ଦୋଳନର ଇତିହାସ ଉପରେ ଗବେଷଣା କରି ‘ତାଳଚେର ଗଣ ସଂଗ୍ରାମ’ ନାମରେ ଏକ ଗବେଷଣା ପୁସ୍ତକ ରଚନା କରିଥିଲେ। ତାଙ୍କ ବିୟୋଗରେ ଜିଲା ଜଣେ ସାହିତ୍ୟିକ, ସଙ୍ଗଠକ ଓ ଗବେଷକଙ୍କୁ ହରାଇଲା ବୋଲି ସଦସ୍ୟମାନେ ଶୋକବାର୍ତ୍ତାରେ କହିଛନ୍ତି।

# ଶ୍ରୀ ଶ୍ରୀ ବଡ଼ ମା’ଙ୍କ ୧୩୨ ତମ ଆବିର୍ଭାବ ଦିବସ

ଆଠମଲ୍ଲିକ, ୨।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଗୁରୁ ଭାଇମାନଙ୍କୁ ନେଇ ଶ୍ରୀ ଶ୍ରୀ ବଡ଼ ମା’ଙ୍କ ୧୩୨ ତମ ଆବିର୍ଭାବ ଦିବସ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ସହ ପ୍ରତି ରିତିକ କୁମୁଦ ଚନ୍ଦ୍ର ପ୍ରଧାନ, ଯାଜକ ଅର୍ଜୁନ କୁମାର ରାଉଳ, ଦିଲୀପ କୁମାର ପାତ୍ର ପ୍ରମୁଖ ବଡ଼ ମା’ଙ୍କ ଜୀବନାଦର୍ଶକୁ ସ୍ମରଣ ପୂର୍ବକ ଇଷ୍ଟ ସ୍ୱାର୍ଥ ପ୍ରତିଷ୍ଠାରେ ବ୍ରତୀ ହେବା ପାଇଁ ଗୁରୁଭାଇ ଗୁରୁମା’ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିନାୟକ ନାୟକ, କେଶବଚନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ ହୋତା, ମନ୍ମଥ ମେହେର, ସନ୍ତୋଷ କୁମାର ନାଏକ, ସୁମନ୍ତ ପ୍ରଧାନଙ୍କ ସମେତ ସମସ୍ତ ଗୁରୁଭାଇ ଗୁରୁମା’ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଉରୁଳୁଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା।



ହଣ୍ଡପା ହାଇସ୍କୁଲରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା।

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁଳୁଳା ପଞ୍ଚାୟତ ଉରୁଳୁଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଅବସରପ୍ରାପ୍ତ ଅଧ୍ୟାପକ ଲମ୍ବୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୁରୁଚି ସମ୍ପୂର୍ଣ୍ଣା ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିକ୍ଷକ ପୀତାମ୍ବର ପ୍ରଧାନ, ଶ୍ରୀନିବାସ ଦେହୁରୀ, ସମିତି ସଭ୍ୟ ଧନେଶ୍ୱର ସାହୁ, ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ କର୍ମଚାରୀ ଭୋଳାନାଥ ବେହେରା, ଶିବରାମ ବେହେରା, ବାନାମ୍ବର ବିଶ୍ୱାଳ, କାହ୍ନୁ ଚରଣ ସେଠୀ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ଶିକ୍ଷକ ପ୍ରଦୀପଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ। ସେହିପରି ହଣ୍ଡପା ହାଇସ୍କୁଲର ସହକାରୀ ଶିକ୍ଷକ ବିପିନି ବିହାରୀ ସାମଲ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ବର୍ଷ ହେବ ଶିକ୍ଷକତା କରି ସେ ବେଶ୍ ସୁନାମ ଅର୍ଜନ କରିଥିବାବେଳେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ବେହେରାଙ୍କ ସଭାପତିତ୍ୱରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

# ସେବାଶ୍ରମ ପରିସରରେ ଚାରା ରୋପଣ




ଅନୁଗୋଳ, ୨।୮ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସୁଣ୍ଡୁଡ଼ା ମାଳତୀ ବିହାର ମାନବ ସେବାଶ୍ରମ ପରିସରରେ ସାହା ଚାରିଟେବୁଲ ଟ୍ରଷ୍ଟ ତରଫରୁ ପିଜୁଳି, ନଡ଼ିଆ, ଲେମ୍ବୁ, ଆମ୍ବ, ସପେଟା ଆଦି ଚାରା ରୋପଣ କରାଯାଇଛି। ଟ୍ରଷ୍ଟ ତରଫରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉନ୍ନତଧରଣ ଚାରା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଜୀବନ ବାବା ଜଣାଇଛନ୍ତି। ସେହିପରି ଗୋଳାବନ୍ଧର ବିଷ୍ଣୁ ଚରଣ ପ୍ରଧାନଙ୍କ ଜମିରେ ୪୫୦ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗିରିଶ ମହାପାତ୍ର, ରମାକାନ୍ତ ପ୍ରଧାନ, ସନ୍ତୋଷ ସାହୁ, ଶିରୋପାଣି ପ୍ରଧାନ, ମାଗୋ ମୁଣ୍ଡା, ମିଥୁନ ନାଏକ, ରଘୁ ଦେହୁରୀ, ବିଷ୍ଣୁ ଦେହୁରୀ, ରିଙ୍କୁ ପ୍ରଧାନ ଓ ମନୋଜ ନାୟକ ଉପସ୍ଥିତ ରହିଥିଲେ।

# ଉତ୍କଳ କେଶରୀ ଓଡ଼ିଶା ଶାଖା ସମ୍ପାଦକ

ବଅଁରପାଳ, ୨।୮ (ସୁବାସ ସାହୁ)




ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶାଖା ସମ୍ପାଦକ ଭାବେ ଉତ୍କଳ କେଶରୀ ବଳବନ୍ତରାୟ, ସୁନ୍ଦର ମୋହନ କିସ୍କୁ ଓ ସାଙ୍ଗଠନିକ ସମ୍ପାଦକ ଭାବେ ଶ୍ରମିକନେତା ବିଜୟ ଶଙ୍କର ପ୍ରଧାନଙ୍କୁ ଗୁରୁଦାୟିତ୍ୱ ମିଳିଛି। ସୁନ୍ଦର ମୋହନ, ବିଜୟ ଶଙ୍କର ଓ ଉତ୍କଳ କେଶରୀ ବର୍ତ୍ତମାନ ନାଲ୍‌କୋ ସିପିପିର ସ୍ୱୀକୃତି ପ୍ରାପ୍ତ ସଙ୍ଗଠନ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ବିଭିନ୍ନ ପଦପଦବୀରେ ରହି ଦାୟିତ୍ୱ ବହନ କରି ଆସୁଛନ୍ତି। ଏହି ନୂତନ ଦାୟିତ୍ୱ ମିଳିଥିବାରୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ଡ.ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା, ରାଜ୍ୟ ଉପସଭାପତି ମଦନ ମୋହନ ଧଳ, ନାଲ୍‌କୋ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ବିଭବ ଜେନା ଓ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି। ଏହାଛଡ଼ା ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ସହ ଶ୍ରମିକ ସମାଜର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ବୋଲି ଯୁବ ସମ୍ପାଦକ ଉତ୍କଳକେଶରୀ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ୪

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପେଡ଼ିପଥର ଗ୍ରାମରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ଦେଇଛି। ଫଳରେ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯାଇଥିବାରୁ ଶନିବାର ବଇଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ନରେନ୍ଦ୍ର କୁମାର ବାରିକ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଝିଲିମୁଣ୍ଡାରୁ ପେଡିପଥର ଆସୁଥିବାବେଳେ ଚାଳକ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ତେବେ ଏହି ଦୁର୍ଘଟଣାରୁ ଅଳ୍ପକେ ସେହି ଅଞ୍ଚଳର ୪ ଜଣ ବର୍ତ୍ତି ଯାଇଛନ୍ତି।

# ସମସ୍ୟା ସମାଧାନ ପାଇଁ ୬ ଦଫା ଦାବିପତ୍ର

ଆଠମଲ୍ଲିକ, ୨।୮ (ଉଦୀପ୍ତ ପୁରୋହିତ)



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆଠମଲ୍ଲିକ ଶାଖା ତରଫରୁ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ଆଇନ ମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ସମ୍ବଳିତ ଦାବିପତ୍ର ଶନିବାର ବ୍ଲକ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡ଼ାଙ୍କୁ ପ୍ରଦାନ କରାଯାଇଛି। ଧଡ଼ାଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣି ପ୍ରଶାନ୍ତ ନାୟକ ଏହା ଗ୍ରହଣ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି କରିବା, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା, ଖାଲିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି ଦେବା, ୨୦୦୦ରୁ ୨୦୧୩ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ କରିବା, ପୁରାତନ ପେନ୍‌ସନ୍ ସ୍କିମ ଲାଗୁ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ, ଓଷ୍ଟା ଆଠମଲ୍ଲିକ ବ୍ଲକ ସମ୍ପାଦକ ଅଜିତ କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁବଳ କୁମାର ପ୍ରଧାନ, ଶିକ୍ଷକ ଜିତେନ୍ଦ୍ରିୟ ମାଝୀ, ଜ୍ଞାନ ରଞ୍ଜନ ରାଉଳ, ଭୀମସେନ ମାଝୀଙ୍କ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।

# କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

**ବିନା କାରଣରେ ଛାତ୍ରୀଛାତ୍ରଙ୍କୁ ମାଡ଼ ଘଟଣା**

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ କୌଣସି କାରଣ ନ ଥାଇ ୨ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ଘଟଣାକୁ ରାଜ୍ୟ ଗୃହ ବିଭାଗ ଗୁରୁତ୍ୱର ସହ ନେଇଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁଗୋଳ ଏସ୍‌ପିଙ୍କୁ ଗୃହ ବିଭାଗ ପକ୍ଷରୁ ଶନିବାର ନିର୍ଦ୍ଦେଶ ଦିଆଯାଇଛି।



Home Department, Govt. of Odisha
@homeodisha

@SP_Angul to take immediate action as per law.

Er. Priyadarsini Swain @ErPriyadars... · 6h
Repeated @CMO_Odisha @SMEOdisha @angul_dm @SP_Angul Sir🙏, Please look into the matter and take necessary actions as soon as possible. @NityanandaBJP @MohanMOdisha @abdaal @dpradhanbjp @homeodisha @deoa...

ବିନା କାରଣରେ ଛାତ୍ରୀଛାତ୍ରଙ୍କୁ ମାଡ଼ ଅଭିଯୋଗ

ଟୁଇଟ୍ ପରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ।

ସୂଚନାଯୋଗ୍ୟ, ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ବିନା କାରଣରେ ଜଣେ ଶିକ୍ଷକ ମାଡ଼ ମାରିଥିବା ନେଇ ଶୁକ୍ରବାର ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଥିସହ ଅଭିଭାବକମାନେ ଉକ୍ତ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଶିକ୍ଷକଙ୍କଠାରୁ ପ୍ରବଳ ମାଡ଼ ଖାଇଥିବା ୨ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିବା ବେଳେ ସେମାନେ ସ୍କୁଲ ଯିବେ ନାହିଁ ବୋଲି ଅଭିଭାବକଙ୍କୁ କହିଥିଲେ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବଦଳି ଦାବିରେ ଆନ୍ଦୋଳନ କରାଯାଇଥିଲା। ଏ ନେଇ ଶନିବାର ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇବା ପରେ ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ପ୍ରିୟଦର୍ଶିନୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଗୃହ ବିଭାଗକୁ ଟୁଇଟ ମାଧ୍ୟମରେ ଅବଗତ କରାଇଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଅନୁଗୋଳ ଏସ୍‌ପିଙ୍କୁ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି।

# ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତଙ୍କୁ ପକ୍କାଘର ସହାୟତା

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଂହା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ଗତ ମାର୍ଚ୍ଚ ୬ରେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ସହାୟତା ଯୋଗାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ତେନ୍ତୁଳିପଦର ଗ୍ରାମରେ ନିଆଁଲାଗି ୯ଟି ପରିବାରର ୨୦ ବଖରା ଚାଳଘର ଜଳି ଯାଇଥିଲା। ଜଳି ଯାଇଥିବା ସମସ୍ତ ଘର ମାଲିକଙ୍କୁ ପକ୍କାଘର ପ୍ରଦାନ ପାଇଁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଦାବିପତ୍ର ମାଧ୍ୟମରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଧାୟକ ପ୍ରଧାନଙ୍କ ଏହି ଦାବିକୁ ରାଜସ୍ୱ ମନ୍ତ୍ରୀ ତର୍ଜମା କରି କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ପରିବାରଙ୍କୁ ପକ୍କାଘର କରିବା ପାଇଁ ପ୍ରତ୍ୟେକ ପରିବାରକୁ ୧ ଲକ୍ଷ ୨୫ ହଜାର ଟଙ୍କା ଲେଖାଏଁ ଆଠମଲ୍ଲିକ ତହସିଲଦାରଙ୍କ ଆକାଉଣ୍ଟ ଜରିଆରେ ଟ୍ରାନ୍ସଫର୍ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାର ସହାୟତା ଯୋଗାଇଦେଇଥିବା ଯୋଗୁ ରାଜସ୍ୱ ମନ୍ତ୍ରୀ ପୂଜାରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଧାୟକ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

# ତାଜା ପଡ଼ି ଜଣେ ମୃତ

ଆଠମଲ୍ଲିକ, ୨।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଲୁହାସିଂହା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଘର ଗେଟ୍ ତାଜା ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଅପରାହ୍ନ ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ସାନୁ ପ୍ରଧାନ ଓ ମନୁ ପ୍ରଧାନ ୨ ଭାଇ ଗୁରୁତର ହୋଇଥିଲେ। ଉଭୟଙ୍କୁ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାନୁ ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଗୁରୁତର ମନୁଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ଆଇଆଇସି ପ୍ରକାଶ ମାଝୀ ସୂଚନା ଦେଇଛନ୍ତି।

# ମନ୍ଦିର ପରିସରରୁ ଗୋ-ଚାଲାଣ

ବଂଚୋ, ୨।୮ (ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅଧୀନ ଫକୀରପୁରର ପାଦୁଖାଇ ମନ୍ଦିର ପରିସରରେ ବେଆଇନ ଗୋରୁ ବ୍ୟବସାୟୀ ଗୋରୁ ବାନ୍ଧି ରଖୁଛନ୍ତି। ପରେ ଗାଡ଼ିରେ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

ପ୍ରକାଶ ଯେ, ପୋଲିସ ପ୍ରଶାସନ ଅଞ୍ଚଳରେ ହେଉଥିବା ବେଆଇନ ଗୋଚାଲାଣ ଉପରେ ଚଢ଼ାଉ କରୁଛି। ମାତ୍ର ବେଆଇନ ଗୋଚାଲାଣ ଉପରେ ରୋକ୍ ଲାଗିପାରୁନାହିଁ। କିଛି ସପ୍ତାହ ଧରି ପୌରପରିଷଦ ଅଧୀନ ଫକୀରପୁରର ପାଦୁଖାଇ ମନ୍ଦିର ପରିସରରେ ବେଆଇନ ଗୋରୁ ବ୍ୟବସାୟୀ ମାନେ ଗୋରୁ ବାନ୍ଧୁଛନ୍ତି। ବୈତରଣୀ ନଦୀ ବନ୍ଧର ଫକୀରପୁର ବଂଚୋ ସୀମାରେ ଥିବା ଠାକୁରାଣୀଙ୍କ ପୀଠ ପରିସରରେ ଅନେକ ଶହ ସଂଖ୍ୟାରେ ଗୋରୁ ବନ୍ଧା ହୋଇଥିବାର ଦୃଶ୍ୟର ଭିଡିଓ ଭାଇରାଲ ହେଉଛି। ସ୍ଥାନୀୟ ଲୋକେ ଦେଖୁଥିଲେ ହେଁ ଭୟରେ କେହି ପାଟି ଖୋଲୁ ନାହାନ୍ତି। ଘଟଣା ଦିଗରେ ପୋଲିସ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ସହିତ ଏହି ବେଆଇନ ଗୋ-ଚାଲାଣ ରୋକିବା ଆବଶ୍ୟକ ବୋଲି ସଧାରଣରେ ଦାବି ହୋଇଛି। ଆନନ୍ଦପୁର ଥାନା ଅଧିକାରୀ ଫନେନ୍ଦ୍ର କୁମାର ନାୟକ କହିଛନ୍ତି, ଘଟଣାର ତଦନ୍ତ କରି ବେଆଇନ ଗୋରୁ ବ୍ୟବସାୟୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଛାତ୍ରଙ୍କ ମୁଣ୍ଡରେ ପୋକ ସାଲୁବାଲୁ

## ଛାତ୍ରାବାସ କର୍ତ୍ତୃପକ୍ଷଙ୍କ ଅବହେଳା



ଘଟଗାଁ, ୨।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଉପରଡ଼ିହା ପଞ୍ଚାୟତ ଅନ୍ତର୍ଗତ ବାଲିଯୋଡ଼ିସ୍ଥିତ ଏକ ସ୍ୱଳ୍ପବ୍ୟୟ ଛାତ୍ରାବାସରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଜଣେ ୨ ଶ୍ରେଣୀ ଛାତ୍ର ତଥା ଅନ୍ତେବାସୀଙ୍କ ମୁଣ୍ଡରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ଛାତ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଛାତ୍ରାବାସରେ ୪୦ ଜଣ ଛାତ୍ର ରହୁଛନ୍ତି। ଗତ କିଛି ଦିନ ହେଲା ପିଲାଙ୍କୁ କାଛୁ, କୁଣ୍ଡିଆ ହୋଇଥିଲା। ତାଙ୍କୁ ପ୍ରଥମେ ବିଦ୍ୟାଳୟ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସରୋଜିନୀ ନାୟକ ୧୩ ଜଣ ପିଲାଙ୍କୁ ଏକ ଅଟୋରେ ଘଟଗାଁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ଏ ନେଇ ବ୍ଲକ୍ ମଙ୍ଗଳ ଅଧିକ୍ଷକଙ୍କୁ ଜଣାଇବା ପରେ ୨୫ ଜୁଲାଇରେ ଏକ ଡାକ୍ତରୀ ଟିମ୍ ବିଦ୍ୟାଳୟକୁ ଯାଇ ସମସ୍ତଙ୍କ ଚିକିତ୍ସା କରାଇଥିଲେ। ଜଣେ ଅନ୍ତେବାସୀ ଛାତ୍ରଙ୍କ ମୁଣ୍ଡରେ ଘାଆ ହୋଇଯାଇଥିଲା। ମାତ୍ର କର୍ତ୍ତୃପକ୍ଷ ଦେଖାରଖା ନ କରିବାକରୁ ଶୁକ୍ରବାର ସନ୍ଧ୍ୟାରେ ପିଲାଟିର ମୁଣ୍ଡରୁ ପୋକପଡ଼ିଥିଲା। ଜଣାପଡ଼ିବା ପରେ ତାଙ୍କୁ ଘଟଗାଁ ମେଡିକାଲକୁ ନିଆଯାଇଥିଲା। ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ବାଲିଯୋଡ଼ିଗ୍ରାମର ପରିଚାଳନା କମିଟିର ସଦସ୍ୟ ହୃଷିକେଶ ଖଣ୍ଡା କହିଛନ୍ତି, ଛାତ୍ର ଜଣଙ୍କ ଏ ବିଷୟରେ କାହାକୁ ଜଣାଇ ନ ଥିଲେ। ଶିକ୍ଷୟିତ୍ରୀ ଉକୁଣି ମୁଣ୍ଡରେ ଥିବାର ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ। ଏହା ଦେଖି ତାଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ। ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ଶନିବାର ସମ୍ପୃକ୍ତ ଛାତ୍ର, ତାଙ୍କ ମା'ବାପାଙ୍କ ସହ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଚିକିତ୍ସା କରାଉଛନ୍ତି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଉନ୍ନତି ହେବା ସହିତ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଡାକ୍ତର କହୁଥିବା ଜଣାଇଥିଲେ। ଅନ୍ୟପକ୍ଷରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶନିବାର ଘଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ଟିମ ଯାଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରି ଆବଶ୍ୟକୀୟ ଚିକିତ୍ସା ପାଇଁ ପରାମର୍ଶ ଦେଇଥିବା ଜଣାଯାଇଛି। ଅଭିଭାବକ କହିଛନ୍ତି, ସ୍କୁଲ କର୍ତ୍ତୃପକ୍ଷ ଦାୟିତ୍ୱରେ ପିଲାଙ୍କୁ ଏଠାରେ ଛାଡୁଛୁ। ଅବହେଳା କାରଣୁ ପିଲା ଅସୁସ୍ଥ ହେଉଥିବା କହିଛନ୍ତି।

# ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ଓଡ଼ାପଡ଼ା, ୨।୮ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଜ୍ଞାନ ବିଜ୍ଞାନ ମେଳା ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ଖିଲାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଅନୁକୂଳ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ମେଳା ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ପରିଚାଳନା ସମିତିର ସମ୍ପାଦିକା ବନଲତା ମହାପାତ୍ର, ଉପସଭାପତି ରସାନନ୍ଦ ରାଉତ, ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, ପରିଚାଳନା ସମିତିର ସଦସ୍ୟା ସଂଘମିତ୍ରା ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଗଗନ ବିହାରୀ ନାୟକ, ବିଜ୍ଞାନ ପ୍ରମୁଖ କ୍ଷୀରାବ୍ଧି ତନୟା ମହାପାତ୍ର ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

# ସରକାରୀ ଧାର୍ଯ୍ୟଠାରୁ ଅଧିକ ଟଙ୍କା ଆଦାୟ ଅଭିଯୋଗ

ସନ୍ତ୍ରିଛକ, ୨।୮ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ ଥିବା ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ରଗୁଡ଼ିକ ମଧ୍ୟରୁ କେତୋଟି କେନ୍ଦ୍ରରେ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଆୟୁଷ୍ମାନ କାର୍ଡରେ ଇ-କେୱାଇସି, ଆଧାରକାର୍ଡରେ ମୋବାଇଲ ନମ୍ବର୍ ଲିଙ୍କ୍ ପାଇଁ ୨୫୦ରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଥିବା ଆଲୋଚନା ହେଉଛି। ଏଥିସହ ବିଭିନ୍ନ କାର୍ଯ୍ୟ ପାଇଁ ସରକାର ଧାର୍ଯ୍ୟ କରିଥିବା ଅର୍ଥଠାରୁ ଅଧିକ ତଥା ମନଇଚ୍ଛା ଟଙ୍କା ନିଆଯାଉଥିବା ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗକାରୀ ସରୋଜ ଦାସ, ସୁବାସ ମାଝୀ, ସୁମନ୍ତ ଦଳବେହେରା, ସମୀର ସିଂହ, ମିକି ଜେନା, ରୂପାଞ୍ଜଳି ପଟ୍ଟନାୟକ, ସାଗର ମାଝୀ, ବାବୁଲି ସିଂହ, ସୁବ୍ରତ ସିଂ ପ୍ରମୁଖ କହିଛନ୍ତି, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରଗୁଡିକରେ ସରକାରୀ ଲୋଗୋ ବ୍ୟବହାର କରାଯାଉଛି। କିନ୍ତୁ କେତୋଟି କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟ ବାବଦରେ ଅଧିକ ଟଙ୍କା ଦାବି କରାଯାଉଛି। ହାତ ପାଆନ୍ତାରେ ସରକାରୀ କାର୍ଯ୍ୟ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏବଂ ଲୋକଙ୍କୁ ଅଧିକ ଖର୍ଚ୍ଚରୁ ମୁକ୍ତି ଦେବା ଦେବା ଲକ୍ଷ୍ୟରେ ସରକାରୀ ପ୍ରୋତ୍ସାହନରେ ଏହି ପେପର ଲେସ୍ ସେବା ଆରମ୍ଭ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସେତେବେଳେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଜନସେବା କେନ୍ଦ୍ର ଓ ଗୋଟିଏ କରି ମୋ ସେବାକେନ୍ଦ୍ର ଖୋଲାଯାଇଥିଲା। କାର୍ଯ୍ୟ ଅନୁଯାୟୀ ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। କେଉଁ ବାବଦକୁ କେତେ ଟଙ୍କା ନିଆଯିବ ତାହାର ହିସାବ ମଧ୍ୟ ଇ- ଡିଷ୍ଟ୍ରିକ୍ଟ ପୋର୍ଟାଲରେ ଉପଲବ୍ଧ କରାଯାଇଛି। ଆବେଦନ ଫର୍ମ ଉପରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ସେବା କେନ୍ଦ୍ରଗୁଡ଼ିକ ସର୍ଭିସ ଚାର୍ଜ ବାବଦକୁ ୧୮ ଟଙ୍କା, ପ୍ରିଣ୍ଟିଂ ଚାର୍ଜ ବାବଦକୁ ୧୦ ଟଙ୍କା, ସ୍କାନିଂ ପାଇଁ ୫ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୨ ଟଙ୍କା ଅର୍ଥାତ ସମୁଦାୟ ଯେ କୌଣସି ପ୍ରମାଣପତ୍ର ଆବେଦନ କ୍ଷେତ୍ରରେ ମୋଟ ୩୫ ଟଙ୍କା ସର୍ବାଧିକ ରଖି ପାରିବେ। କିନ୍ତୁ ବଅଁରପାଳ ବଜାର, ବନ୍ଧା, ସନ୍ତ୍ରିଛକ, ତୁଳସୀପାଳ, ନାଲ୍‌କୋ, ତୁରଙ୍ଗ ଆଦି ଅଞ୍ଚଳରେ ଥିବା କେତୋଟି ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ରରେ ସରକାରୀ ଧାର୍ଯ୍ୟ ଠାରୁ ମାତ୍ରାଧିକ ଅର୍ଥ ନିଆଯାଉଛି। ଆଧାରକାର୍ଡ ସଂଶୋଧନ, ସୁଭଦ୍ରା ଟଙ୍କା ପାଇବା ପାଇଁ ଆଧାର ସଂଶୋଧନ ଏବଂ ମୋବାଇଲ ନମ୍ବର୍ ସଂଯୋଗ କଲେ ମଧ୍ୟ ଲୋକମାନଙ୍କ ପାଖରୁ ୩ଶହରୁ ଊର୍ଦ୍ଧ୍ୱ ଟଙ୍କା ନିଆଯାଉଥିବା ଅଭିଯୋଗ କରାଯାଉଛି। ସେହିପରି ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ରୋଜଗାର ପ୍ରମାଣପତ୍ର, ଲିଗାଲ ହେୟାର ପ୍ରମାଣପତ୍ର ବାବଦରେ ଶତାଧିକ ଟଙ୍କା ଦାବି କରାଯାଉଥିବା ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି।

# ଭୁବନ କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ଭୁବନ, ୨।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଶନିବାର ପ୍ରଭାତ କୁମାର ଆଚାର୍ଯ୍ୟ ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି। ସେ ପୁରୀ ଜିଲା ଖଣ୍ଡାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରସାୟନ ବିଭାଗର ମୁଖ୍ୟ ଭାବେ ଶିକ୍ଷାଦାନ କରୁଥିଲେ। କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରଫୁଲ୍ଲ କୁମାର ଭୂୟାଁ ତାଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ କଲେଜର ବରିଷ୍ଠ ଅଧ୍ୟାପକ ଅନିଲ କୁମାର ଧିର, ସଞ୍ଜୟ କୁମାର ସାହୁ, ଗ୍ରନ୍ଥାଗାରିକ ନନ୍ଦକିଶୋର ଧିର, ବରିଷ୍ଠ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗଦେଇଥିବା ଅଧ୍ୟକ୍ଷ କଲେଜର ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ତାଙ୍କର ବାକିଥିବା ୨ବର୍ଷ ଚାକିରୀ ଜୀବନ ଏହି ବାଜି ରାଉତ ମାଟିରେ ସେବା କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିଛନ୍ତି ବୋଲି କହିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

କେନ୍ଦୁଝର, ୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝରର ଜେଲରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଗୋଷ୍ଠୀ ଶିକ୍ଷା ଉନ୍ନୟନ ଅଧିକାରୀ ଓଁକାର ଅନ୍ୱେଷ ଯୋଗଦେଇ ଶିଶୁଙ୍କୁ ବିଜ୍ଞାନୀ ମନୋଭାବ ନେଇ କାର୍ଯ୍ୟ କଲେ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇପାରିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମେଳାରେ ଗଣିତ ପ୍ରକଳ୍ପରେ ୧୦୦ ଜଣ, ବିଜ୍ଞାନରେ ୧୮୦, ପ୍ରଶ୍ନମଞ୍ଚରେ ୪୦୩, ପ୍ରୟୋଗରେ ୧୪୩, ପତ୍ରବାଚନରେ ୯୦, ମୂର୍ତ୍ତୀ କଳାରେ ୫୨, କଥାକଥନ ୫୬ ଓ ନିବନ୍ଧ ଲିଖନରେ ୪୭ଜଣ ସର୍ବମୋଟ ୧୦୭୧ ଜଣ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ଉଭଣୀ, ଭାଇମାନେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ। ସମାପନ ସମାରୋହରେ ମୁଖ୍ୟ ଅତିଥିଭାବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗଦେଇ କୃତୀ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତିର ଉପସଭାପତି ପ୍ରିୟବ୍ରତ ସାମଲ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ସହସମ୍ପାଦକ ଦୀପକ ମହାକୁଳ ଉପସ୍ଥିତ ଥିଲେ। ବିଜ୍ଞାନ ବିଭାଗର ଆଚାର୍ଯ୍ୟ ଅମୂଲ୍ୟ କୁମାର ରାଉତ, ସତ୍ୟପ୍ରିୟ ମହାନ୍ତି, କୁଳମଣି ମହାନ୍ତ, ସନ୍ତୋଷ କୁମାର କର, ଆଚାର୍ଯ୍ୟା ବିଶ୍ୱବନ୍ଦିତା ଦାସ, ହରପ୍ରିୟା ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକ ସଂଘ ପକ୍ଷରୁ ୬ ଦଫା ଦାବିପତ୍ର ପ୍ରଦାନ




ଓଡ଼ାପଡ଼ା, ୨।୮ (ରଞ୍ଜିତ ନାୟକ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୬ ଦଫା ଦାବି କରି ଢେଙ୍କାନାଳ ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଥିବା ଜଣାପଡିଛି। ଶିକ୍ଷକ ସଂଘର ସମ୍ପାଦକ ଅରକ୍ଷିତ ସାହୁଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷା ଅଧିକାରୀ ବିଭୁତି ଭୁଷଣ ଦାସ ଓ ପୋଲସ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଗବେଷକ ବିଭୂତି ସାହୁଙ୍କ ପରଲୋକ

ତାଳଚେର, ୨।୮ (ମନୋଜ ନନ୍ଦ)



ଅନୁଗୋଳ ଜିଲା ତାଳଚେରର ବିଶିଷ୍ଟ ଗବେଷକ ବିଭୂତି ଭୂଷଣ ସାହୁ (୬୬)ଙ୍କ ଶନିବାର ଅପରାହ୍ନ ୧ ଘଟିକାରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସକାଳେ ତାଙ୍କ ଦେହ ଅତ୍ୟଧିକ ଖରାପ ହେବାରୁ ତାଙ୍କୁ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ। ତାଳଚେର କୋଇଲା ଖଣିର ଇତିହାସ ସହ ତାଳଚେର ନିକଟସ୍ଥ ଝାଡ଼ିଅମ୍ବା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବୌଦ୍ଧକୀର୍ତ୍ତି ଆବିଷ୍କାର କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିନିମନ୍ତେ ତାଙ୍କୁ ବିଶିଷ୍ଟ ଗବେଷକ ସମ୍ମାନ ପ୍ରଦାନ କରାଯାଇଥିଲା। ସେ ତାଳଚେର ଗଣସଂଗ୍ରାମ ରଚନା କରିଥିବା ବେଳେ ସନ୍ଥକବି ଭୀମଭୋଇଙ୍କ ଜୀବନୀ ଆଧାରିତ ପୁସ୍ତକ ପଦ୍ମଲୋଚନର ଓଡ଼ିଆ ଅନୁବାଦ କରିଥିଲେ। ମା ହିଙ୍ଗୁଳାଙ୍କ ଉପରେ ଆଧାରିତ ଆଧ୍ୟତ୍ମିକ ପତ୍ରିକାର ସମ୍ପାଦକ ଓ ଆମ କୁନାକୁନିର ଉପଦେଷ୍ଟା ଭାବରେ ଦାୟିତ୍ୱ ନିର୍ବାହ କରୁଥିଲେ। ସେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ପରଲୋକରେ ତାଳଚେର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ଜଗନ୍ ମୋହନ ଗଡ଼ନାୟକ, ବିଭୂତି ଭୂଷଣ ସ୍ୱାଇଁ, କବି ତ୍ରିନାଥ ସାହୁ, ଶିକ୍ଷାବିତ୍ ପ୍ରଶାନ୍ତ ରଥ, କୃଷ୍ଣଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ଧନେଶ୍ୱର ସାହୁ, କବୟିତ୍ରୀ ଅନୀତା ପାଣି, ଦିପ୍ତୀରାଣୀ ସିଂ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସହାନୁଭୂତି ଜଣାଇଥିଲେ। ପୈତୃକ ଗ୍ରାମ ବଲଣ୍ଡାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ରେଳ ଧାରଣାରୁ ମୃତଦେହ ଜବତ

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ସରିଗିପାଲି ନିକଟସ୍ଥ ରେଳ ଧାରଣାରୁ ଶନିବାର ରେଢ଼ାଖୋଲ ରେଲୱେ ପୋଲିସ କଟକ ଜିଲା ଖଣ୍ଡଲା ଗ୍ରାମର ରାଜେଶ ପାତ୍ର(୩୪)ଙ୍କ ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ, ରେଳ ଧାରଣା କଡରେ ଏକ ମୃତଦେହ ପଡ଼ିଥିବା ଦେଖି ଅଞ୍ଚଳବାସୀ ସରିଗିପାଲି ଷ୍ଟେଶନକୁ ସୂଚନା ଦେଇଥିଲେ। ଷ୍ଟେଶନ ପକ୍ଷରୁ ରେଢ଼ାଖୋଲ ରେଲୱେ ପୋଲିସକୁ ସୂଚନା ଦିଆଯାଇଥିଲା। ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦେଇଥିଲା। ରାଜେଶ ରାତ୍ରିକାଳୀନ ଟ୍ରେନ୍ ଯୋଗେ କେଉଁଆଡ଼େ ଯାଉଥିଲା ସମୟରେ ସରିଗିପାଲି ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିବାରୁ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ରେଢାଖୋଲ ରେଲୱେ ପୋଲିସ ପ୍ରାଥମିକ ତଦନ୍ତରୁ ପ୍ରକାଶ କରିଛି।

# ଘରୁ ନାଗ ସାପ ଉଦ୍ଧାର

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ଦୀପକ ବାରିକଙ୍କ ଘରୁ ଶନିବାର ଏକ ନାଗ ସାପକୁ ଉଦ୍ଧାର କରାଯାଇଛି। ସାପଟି ଘର ଭିତରକୁ ଆସିବା ଦେଖି ପରିବାରଲୋକେ ବାହାରକୁ ପଳାଇ ଯାଇଥିଲେ। ଏ ନେଇ ଦୀପକ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବରପାଇ ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡ଼ିଥିଲେ।

# ମନ୍ତ୍ରୀଙ୍କ ଗାଡ଼ି ଅଟକାଇବା ଘଟଣା, କଳି ବଢୁଛି

ଢେଙ୍କାନାଳ, ୨।୮ (ରତନ ନାୟାର)

- ପୂର୍ବତନ ବିଧାୟକ ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି: ରତିକାନ୍ତ
- ଆଇନ ଅନୁଯାୟୀ କାର୍ଯ୍ୟ କରିଛି, ତଦନ୍ତ ହେବ: ନବୀନ ନନ୍ଦ

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ବେଲମାଳିଆ ଗ୍ରାମ ରାସ୍ତାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗାଡ଼ି ଅଟକାଇବା ଘଟଣାକୁ ନେଇ ଗଁଦିଆ ବ୍ଲକରେ ଭାଜପା ନେତାଙ୍କ ମଧ୍ୟରେ କଳି ବଢ଼ିବାକୁ ଲାଗିଛି। ଉକ୍ତ ଘଟଣାକୁ ନେଇ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଗଁଦିଆ ବ୍ଲକ ପୋରୁହଖୋଜ ସରପଞ୍ଚ ତଥା ଭାଜପାର ବରିଷ୍ଠ ନେତା ରତିକାନ୍ତ ସାହୁ ମନ୍ତବ୍ୟ ଦେଇଥିବାରୁ ଏହାର ପ୍ରତିବାଦରେ ନବୀନ ନନ୍ଦ ଗଁଦିଆ ଥାନାରେ ଏକ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଉଭୟଙ୍କୁ ଡାକି ପଚରାଉଚରା କରୁଛି। ଶନିବାର ଅପରାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପିଙ୍କ ଡାକରାରେ ଆସିଥିବା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ଗତ ୧୩ମାସ ଧରି ଭାଜପା କ୍ଷମତାରେ ଅଛି। କୃଷ୍ଣଚନ୍ଦ୍ର ପାତ୍ର ବିପୁଳ ଭୋଟରେ ବିଜୟୀ ହୋଇ ରାଜ୍ୟ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ସାଧାରଣତଃ ଯେଉଁ ଦଳ ସରକାରକୁ ଆସେ, ସେହି ଦଳର କର୍ମୀମାନେ ନିଜ ସରକାରଙ୍କ ସମୟରେ କେଉଁଠି କିଛି କାମଧନ୍ଦା କରନ୍ତି। ବିଜେଡି ନିରବ ଥିବା ବେଳେ ଆମର କର୍ମୀମାନଙ୍କୁ ପୂର୍ବତନ ବିଧାୟକ ବିରୋଧ କରିବା ସହିତ ତାଙ୍କ ବିରୋଧରେ ଅଭିଯୋଗ କରି ଚାଲିଛନ୍ତି। ମନ୍ତ୍ରୀଙ୍କ ଗାଡି ଅଟକାଇବା ଘଟଣା ଏକ ପ୍ରାୟୋଜିତ ଥିଲା। ନବୀନ ନନ୍ଦ ଭାଜପା ଦଳରେ ଜଣେ ବରିଷ୍ଠ ନେତା ବୋଲି ରତିକାନ୍ତଙ୍କୁ ପଚାରିବାରେ ସେ କୁହନ୍ତି, ଆମେ ଶୁଣିଛୁ, କିନ୍ତୁ ଅନୁଭବ କରିନୁ। ତାଙ୍କର ଦଳ ବିରୋଧୀ କାର୍ଯ୍ୟକୁ ନେଇ ଆମେ ରାଜ୍ୟ ନେତୃତ୍ୱଙ୍କୁ ଜଣାଇଛୁ। ମୁଁ ସାମାଜିକ ଗଣମାଧ୍ୟମରେ ଯାହା କହିଛି, ତାହା ଶହେ ପ୍ରତିଶତ ସତ। ରତିକାନ୍ତଙ୍କ ପ୍ରତିକ୍ରିୟାକୁ ନେଇ ପୂର୍ବତନ ବିଧାୟକ ନବୀନ ନନ୍ଦ କୁହନ୍ତି ଯେ, ମୁଁ ଦଳ ବିରୋଧୀ କାର୍ଯ୍ୟ କିଛି କରିନାହିଁ। ସେ ମୋ ଓ ମୋ ପରିବାର ବିରୋଧରେ ସାମାଜିକ ଗଣମାଧ୍ୟମରେ ମନ୍ତବ୍ୟ ଦେଲେ। ତେଣୁ ଆଇନ ଅନୁଯାୟୀ ମୁଁ ଥାନାରେ ଅଭିଯୋଗ କରିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନେ ମୋର କିଛି କରିପାରିବେନି ବୋଲି ପୂର୍ବତନ ବିଧାୟକ ସ୍ପଷ୍ଟ ଭାବେ କହିଥିଲେ। ଭାଜପା ଦଳର ନେତାମାନଙ୍କ ମଧ୍ୟରେ ଏଭଳି ବୟାନବାଜି ନେଇ ବିଭିନ୍ନ ବ୍ୟକ୍ତି ବିଶେଷ, ରାଜନୀତିରେ ରୁଚି ରଖୁଥିବା ଲୋକ ଏବଂ ଅନ୍ୟ ରାଜନୀତି ଦଳର ବ୍ୟକ୍ତିବିଶେଷ, ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ପୋଷ୍ଟ କରୁଥିବାରୁ ଏହି ଘଟଣା ବର୍ତ୍ତମାନ କେବଳ ଜିଲା ନୁହେଁ, ରାଜ୍ୟରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## 'ମୋତେ ଅସମ୍ମାନ କରାଯାଉଛି'

ଢେଙ୍କାନାଳର ପୂର୍ବତନ ବିଧାୟକ ତଥା ଭାଜପାର ବରିଷ୍ଠ ନେତା ନବୀନ ନନ୍ଦ ଶନିବାର ସନ୍ଧ୍ୟାରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଇ-ମେଲ ମାଧ୍ୟମରେ ପତ୍ର ଦେଇଛନ୍ତି। ଏଥିରେ ସେ ୨୦୨୪ ଫେବୃଆରୀରେ ଭାଜପାରେ ଯୋଗ ଦେଇଛନ୍ତି ବୋଲି ଦର୍ଶାଇଛନ୍ତି। ଗଁଦିଆ ବ୍ଲକ ପୋରୁହଖୋଜ ସରପଞ୍ଚ ତଥା ଭାଜପାର ବରିଷ୍ଠ ନେତା ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ ତାଙ୍କୁ ଓ ତାଙ୍କ ପରିବାରଙ୍କୁ ସାମାଜିକ ଗଣମାଧ୍ୟମରେ ଅସମ୍ମାନ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ମୋ ବିରୋଧରେ ଦେଇଥିବା ମନ୍ତବ୍ୟକୁ ଭାଇରାଲ କରାଇଛନ୍ତି, ଯାହାକି ଦୁର୍ଭାଗ୍ୟଜନକ। ମୁଁ ୧୦ ଦିନ ହେବ ସ୍ୱାସ୍ଥ୍ୟଗତ କାରଣକୁ ନେଇ ଦିଲ୍ଲୀରେ ଥିଲି। ଦୁଇଦିନ ହେବ ଫେରିଛି। ସାମାଜିକ ଗଣମାଧ୍ୟମରେ ମୋ ବିରୋଧରେ ଭାଇରାଲ କରାଯାଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ ଓ ଏହାକୁ ନେଇ ମୁଁ ମର୍ମାହତ। ଦଳରେ ମୋ ଉପସ୍ଥିତି ମନ୍ତ୍ରୀଙ୍କୁ ଅଡୁଆ ଲାଗୁଥିବାରୁ କିଛି ବରିଷ୍ଠ ନେତୃବୃନ୍ଦ ଦଳୀୟ କାର୍ଯ୍ୟକ୍ରମରୁ ମୋତେ ଦୂରେଇ ରଖିଛନ୍ତି। ଏପରିକି ମୋ ସଦସ୍ୟତାକୁ ଦଳୀୟ ଜିଲା କାର୍ଯ୍ୟାଳୟରେ ଗ୍ରହଣ କରାଯାଇନଥିଲା। ପରେ ରାଜ୍ୟ ଦଳୀୟ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ମୋର ସଦସ୍ୟତା ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ସେ ବହୁ ପୂର୍ବରୁ ମଧ୍ୟ ରାଜ୍ୟ ସଭାପତିଙ୍କୁ ଜଣାଇଥିବା ପତ୍ରରେ ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟ ଦଳର ଛବିକୁ ଖରାପ କରୁଛି। ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବାକୁ ସେ ରାଜ୍ୟ ଭାଜପା ସଭାପତି ସାମଲଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି।

## ସତ୍ୟପାଠ ଠିକ୍ ଡିପୋଜିଟ୍ କରାଯାଇଛି: କୃଷ୍ଣ ପାତ୍ର

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ଦେବାକୁ କହି ୨୫ଲକ୍ଷ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗରେ ମନ୍ତ୍ରୀଙ୍କ ପକ୍ଷରୁ ତାଙ୍କର ଓକିଲ ଟାଉନ ଥାନାରେ ଏକ ଅଭିଯୋଗ କରିବା ପରେ ଏହାର ଅଭିଯୁକ୍ତ ନିରଞ୍ଜନ ଶତପଥୀ ଗିରଫ ହୋଇଥିଲେ। ଏହାପରେ ସେ ଜାମିନରେ ଆସିଥିଲେ। ଏହି ଘଟଣାକୁ ନେଇ ନିର୍ବାଚନ ସମୟରେ ମନ୍ତ୍ରୀ ଦେଇଥିବା ସତ୍ୟପାଠ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଶନିବାର ଢେଙ୍କାନାଳରେ ଅନୁଷ୍ଠିତ ହୋଇଥିବା ଜାତୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଆସିଥିବା ବେଳେ ଏ ସଂକ୍ରାନ୍ତରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ, ସତ୍ୟପାଠ ଠିକ୍ ଡିପୋଜିଟ୍ କରିଛି। ଯେଉଁ କେସ୍‌ରେ ଅଛି, ସେ ଠିକ୍ ଅଛି। ମୁଁ ଠିକ୍ ସମୟରେ ଠିକ୍ ଜାଗାରେ ଏହାକୁ ଦେଖାଇବି ବୋଲି ମନ୍ତ୍ରୀ କହିଥିଲେ।

# ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

■କଙ୍କଡ଼ାହାଡ ବ୍ଲକର ବିକାଶ ହେଲେ ଜିଲା ବିକଶିତ ହେବ

■ଆକାଂକ୍ଷା ଜିଲା ଭାବେ ଢେଙ୍କାନାଳ ୬ରୁ ୪ ସୂଚକରେ ସଫଳ ହୋଇଛି



ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୨।୮(ରତନ ନାୟାର)

ଢେଙ୍କାନାଳ ସହର ପୁରୁଣା ଜିଲା ପରିଷଦ ହଲଠାରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ ପକ୍ଷରୁ ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଯେତେବେଳେ କଙ୍କଡ଼ାହାଡ଼ ବ୍ଲକ୍ ଭଳି ଅଂଚଳର ସାମଗ୍ରିକ ବିକାଶ ହେବ ସେତେବେଳେ ଯାଇ ଜିଲା ତଥା ରାଜ୍ୟ ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ୨୦୩୬ ସୁଦ୍ଧା ରାଜ୍ୟକୁ ଏକ ବିକଶିତ ରାଜ୍ୟ ଭାବେ ପରିଗଣିତ କରିବାକୁ ଲକ୍ଷ୍ୟ ରଖାଯାଇ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବୃଦ୍ଧି, ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ । ଜିଲାକୁ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କର ଆଗମନ ଯୋଗୁଁ ଜିଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବାସହ ସାମଗ୍ରୀକ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲାର ପ୍ରଭାରୀ ମନ୍ତ୍ରୀ ତଥା ଶିଳ୍ପ, ଦକ୍ଷତା ବିକାଶ ଓ କାରିଗରୀ ବିଦ୍ୟା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ, ଢେଙ୍କାନାଳ ଜିଲା ଆକାଂକ୍ଷା ଜିଲା କାର୍ଯ୍ୟକ୍ରମରେ ୬ଟି ସୂଚକ ମଧ୍ୟରୁ ୪ଟି ସୂଚକରେ ସଫଳତା ହାସଲ କରି ବ୍ରୋଞ୍ଜ୍ ମେଡ଼ାଲ ପାଇଥିବା ବେଳେ କଙ୍କଡ଼ାହାଡ଼ ବ୍ଲକ୍ ୬ଟିରୁ ୩ଟି ସୂଚକରେ ସଫଳ ହୋଇଥିବାରୁ କପର ମେଡ଼ାଲ ପାଇଥିବାରୁ ସେ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଓ କର୍ମୀମାନଙ୍କୁ ସାଧୁବାଦ ଜଣାଇଥିଲେ। ନିୟମିତ ଭାବେ ଶତ ପ୍ରତିଶତ ଗର୍ଭବତୀ ମହିଳାଙ୍କ ପୁଷ୍ଟିସାର ଗ୍ରହଣ, ପିଲାମାନଙ୍କର ସଂପୂର୍ଣ୍ଣ ଟୀକାକରଣ, ମାଧ୍ୟମିକ ସ୍ତରରେ ସମସ୍ତ ସ୍କୁଲରେ ବିଦ୍ୟୁତ ସୁବିଧା ଏବଂ ସମୟ ମଧ୍ୟରେ ପିଲାମାନଙ୍କୁ ପାଠ୍ୟପୁସ୍ତକ ଯୋଗାଣ ଯୋଗୁଁ ଜିଲା, ରାଜ୍ୟସ୍ତରୀୟ କାର୍ଯକ୍ରମରେ ବ୍ରୋଞ୍ଜୀ ମେଡ଼ାଲ ପାଇପାରିଛି ବୋଲି କହିଥିଲେ । ସେହିପରି ଅନ୍ୟ ୩ଟି ସୂଚକରେ କଙ୍କଡ଼ାହାଡ଼ ବ୍ଲକ ଫଳତା ହାସଲ କରିଥିବା ଥିବା ସେ ପ୍ରକାଶ କରିଥିଲେ । ଉତ୍ସବରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଏବଂ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଓ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସମସ୍ତେ ସଚେତନ ହୋଇ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମାରୋହରେ ଅତିଥି ମାନେ ଆକାଂକ୍ଷା ଜିଲା ଭାବେ ସଫଳତା ହାସଲ କରିଥିବା ଯୋଗୁଁ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ଶେଷରେ ଡିପିଏମୟୁ ଡେପୁଟୀ ଡାଇରେକ୍ଟର ମନୋଜ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲାସ୍ତରୀୟ ପିଏମ୍ କିଷାନ ଦିବସ ପାଳିତ

ଢେଙ୍କାନାଳ,୨।୮(ରତନ ନାୟାର)



ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲଠାରେ ଜିଲାସ୍ତରୀୟ ପିଏମ୍ କିଷାନ ଦିବସ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଖାଦ୍ୟ ଓ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକ ଭାଇ ଭଉଣୀମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାକୁ ଅଧିକ ବିକଶିତ କରିବା ପାଇଁ ସମସ୍ତ କୃଷକ ବନ୍ଧୁ ନିଜର ପଞ୍ଜିକରଣ କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ଉତର ପ୍ରଦେଶର ବାରଣାସୀ ସହରରୁ ଶନିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ଦେଶର ୯କୋଟି ୭୦ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ମାନଙ୍କ ଜମା ଖାତାରେ ୨ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ରାଜ୍ୟର ୩୪ ଲକ୍ଷ ୮୫ହଜାର ୮୮୧ ଜଣ କୃଷକ ଭାଇ ଭଉଣୀମାନଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏମ୍‌ପିଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ କୃଷି ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣିଜ୍ୟ ମେଳା ଉଦ୍‌ଘାଟିତ

ଢେଙ୍କାନାଳ,୧।୮(ରତନ ନାୟାର)

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖ କଂଗ୍ରେସ ପଡିଆଠାରେ ବାଣିଜ୍ୟ ମେଳାର ଶୁକ୍ରବାର ଶୁଭାରମ୍ଭ ହୋଇଯାଇଅଛି । ଜିଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳ ମେଳାର ଶୁଭ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ ଜିଲା ସଭାପତି ସମରେନ୍ଦ୍ର ନନ୍ଦ, ମହମ୍ମଦ ଆର୍ସାଦ, ସରୋଜ ଶତପଥୀ, ଜିଲା କଂଗ୍ରେସର ପୂର୍ବତନ ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ ସଦସ୍ୟ ନୁରୁଲ ଇସ୍‌ଲାମ୍, ରୁମେନା ବେଗମ୍, ବିଷ୍ଣୁ ଚରଣ ସାହୁ, ସୌମ୍ୟକାନ୍ତ ସାହୁ, ଶୁଭ୍ରଜିତ୍ ସାହୁ ଏବଂ ଶୁଭେନ୍ଦୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳା ୨୦ ଦିନ ଧରି ଅନୁଷ୍ଠିତ ହେବ ବୋଲି ମେଳାର ପରିଚାଳକ ମହମ୍ମଦ ଆଲାମ୍ ସୂଚନା ପ୍ରଦାନ କରିଛନ୍ତି ।

# ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ପରଜଙ୍ଗ, ୨।୮(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଁଳାକଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦ୍ୟୁତ କୁମାର ପଣ୍ଡାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୦୦୭ ଡିସେମ୍ବର ୨୮ରେ ପାଣିଗେଙ୍ଗୁଟିଆ ପଞ୍ଚାୟତ ତରହତା ସ୍କୁଲରୁ ନିଜ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ସେ ପଥରଖୁମ୍ବ ସ୍କୁଲ ଓ କିଛି ବର୍ଷ ପୂର୍ବରୁ ସେ କୁମୁସି ପଞ୍ଚାୟତ ଅଁଳାକଟା ସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇଥିଲେ। ଶନିବାର ତାଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଅତିଥି ଭାବେ ସିଆରସିସି ପ୍ରଦୀପ ବେହେରା, ପାଣିଗେଙ୍ଗୁଟିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦେଇ ବିଦାୟ ଦେଇଥିଲେ।

# ଅହମଦିୟା ଯୁବ ସଂଗଠନର ବାର୍ଷିକ ଇଜତେମା ଉତ୍ସବ

ଢେଙ୍କାନାଳ,୨।୮(ରତନ ନାୟାର)




ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ତୌହିଦ୍ ମସଜିଦ୍ ପ୍ରାଙ୍ଗଣରେ ଶନିବାର ଅହମଦିୟା ମୁସଲିମ ଯୁବ ସଂଗଠନ ପକ୍ଷରୁ ବାର୍ଷିକ ଇଜତେମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବକ ଓ ବାଳକ ମାନଙ୍କ ପାଇଁ ବିଭିନ୍ନ ଶିକ୍ଷାମୂଳକ ଓ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୋରାନ ଆବୃତି, ଓଡ଼ିଆ ଓ ଉର୍ଦ୍ଧ୍ୱ କବିତା ପାଠ, ଭାଷଣ, କୁଇଜ୍, ଫୁଟବଲ୍ ଓ କ୍ରିକେଟ ମ୍ୟାଚ୍, ରସିଟଣା, ଉଚ୍ଚଡିଆଁ, ନମ୍ବରଲାଫ ଓ ୧୦୦ ମିଟର ଦୌଡ଼ ପ୍ରତିଯୋଗିତ ହୋଇଥିଲା । ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଯୁବକ ଓ ବାଳକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ସଂପ୍ରଦାୟର ସଭାପତି ସୁଲେମାନ ଅଲୀ ଖାଁ ପୁରସ୍କାର ବିତରଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ବିଚାରପତି ଭାବେ ମୌଲବୀ ଜଲାଲ ଉଦ୍ଦିନ ଖାଁ ଓ ମୌଲବୀ ମହମ୍ମଦ ଅଜିଜ୍ ଖାଁ ଦାୟିତ୍ୱ ନିର୍ବାହ କରିଥିଲେ। ମଜଲିସ ଖୁଦ୍ଦାମୁଲ ଅହମଦିୟାର ଅଧ୍ୟକ୍ଷ ଶେଖ୍ ଜହୀର ସଂପୂର୍ଣ୍ଣ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ଏହି ଇଜ୍‌ତେମା ମାଧ୍ୟମରେ ଯୁବ ଓ ବାଳ ପୀଢ଼ି ମଧ୍ୟରେ ଧାର୍ମିକ, ନୈତିକ ଓ ଶାରୀରିକ ଉନ୍ନତି ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ପୂର୍ବତନ ଯୁବ ସଭାପତି ମହମୁଦ ଖାଁ, ଅବସରପ୍ରାପ୍ତ ଭାରତୀୟ ସେନାର ଜବାନ ତୋରାବ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ପରଜଙ୍ଗ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି ବୈଠକ

ପରଜଙ୍ଗ, ୨।୮(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବିଦ୍ୟୁତ ସେକ୍ସନ ଅଧୀନ ପରଜଙ୍ଗ ବିଦ୍ୟୁତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନଙ୍କୁ ନେଇ କମିଟି ସଭାପତି ସୁବ୍ରତ ପରିଡ଼ାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଶୁକ୍ରବାର ଅପରାହ୍ନରେ ପରଜଙ୍ଗ ହନୁମାନ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେଇଥିବା ଟିପିସିଓଡିଏଲ ବାରମ୍ବାର ବିଦ୍ୟୁତ କାଟ, ଲୋ ଭୋଲ୍‌ଟେଜ୍ ଓ ଅଘୋଷିତ କାଟ ସମ୍ପର୍କୀୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ନିଷ୍ପତ୍ତି ନିଆଗଲା ଯେ ଚଳିତ ମାସଠାରୁ ବିଦ୍ୟୁତ୍ ଦେୟ କୌଣସି ଉପଭୋକ୍ତା ପୈଠ କରିବେ ନାହିଁ। ଯେ ପର୍ଯ୍ୟନ୍ତ ନିରବଛିନ୍ନ ବିଦ୍ୟୁତ ସରବରାହ ହୋଇନାହିଁ ସେ ପର୍ଯ୍ୟନ୍ତ କୌଣସି ଉପଭୋକ୍ତା ଘର କିମ୍ବା ବ୍ୟବସାୟିକ ଅନୁଷ୍ଠାନର କୌଣସି ବକେୟ ବିଲ କିମ୍ବା ଚଳିତ ମାସର ବିଲ ପ୍ରଦାନ କରାଯିବ ନାହିଁ। ବୈଠକରେ ଉପସଭାପତି ଶ୍ରୀନିବାସ ବେହେରା, ସମ୍ପାଦକ ଦୁର୍ଗା ଚରଣ ପାତ୍ର, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ସାମନ୍ତ, ଗୌରହରି ଦାସ, ହେମନ୍ତ କୁମାର ସାମଲ, ରବିନାରାୟଣ ଦେହୁରୀ, ଅଶୋକ କୁମାର ସୁବହ୍ମସିଂ, ନଗେନ ବିନାୟକ, ବସନ୍ତ କୁମାର ଷେଠ, ଶାନ୍ତନୁ କୁମାର ସାମଲ, ଛବି ନାରାୟଣ ସାମଲ, ବିନୟ ଦଳବେହେରା, ସୁବ୍ରତ କୁମାର ଦାସ, ବିଭୂତି ଭୂଷଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଫେରାର

ଗଁଦିଆ,୨।୮(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଶ୍ରୀରାମଚନ୍ଦ୍ରପୁର ଅଞ୍ଚଳରେ ଶୁକ୍ରବାର ଦିନ ୧ଟା ସମୟରେ ଧୀରେନ୍ଦ୍ର ନାଥଙ୍କ ସ୍ତ୍ରୀ ମନ୍ଦାକିନୀ ନାଥ(୨୪) ବେକରେ ଲୁଗା ଲଗାଇ ପଙ୍ଖାରେ ଝୁଲି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତି କରାଯାଇଥିଲା। ପରେ ତାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ମନ୍ଦାକିନିଙ୍କ ବାପା ଶତ୍ରୁଘ୍ନ ନାଥ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଗଁଦିଆ ଥାନାର ଏକ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ କିଛିଦିନ ହେବ ସ୍ୱାମୀଙ୍କର ଅନ୍ୟତ୍ର ବିବାହ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହିଥିଲା । ସ୍ୱାମୀ ଧିରେନ୍ଦ୍ର, ମନ୍ଦାକିନିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ସକାଳେ ତାଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ମନ୍ଦାକିନି ଫୋନ୍ ଯୋଗେ ବାପାଙ୍କୁ କହିଥିଲେ । ପରେ ଅପରାହ୍ନ ୧ଟା ସମୟରେ ବାପା ଖବର ପାଇଲେ ଯେ ଝିଅର ମୃତ୍ୟୁ ଘଟିଛି। ତୁରନ୍ତ ବାପା ଘଟଣା ସ୍ଥଳରେ ପହଁଚି ଦେଖନ୍ତି ଝିଅକୁ ଜ୍ୱାଇଁ ଧୀରେନ୍ଦ୍ର କୌଶଳ କ୍ରମେ ମେଡିକାଲ ନେଇଯାଇଥିଲେ। ଏହାପରେ ସେ ତାଙ୍କ ଝିଅକୁ ମାରିଦିଆଯାଇଥିବା ଗଁଦିଆ ଥାନାରେ ଆସି ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଗଁଦିଆ ଥାନାରେ କେସ ନଂ. ୨୮୪/୨୫ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ମନ୍ଦାକିନି ଙ୍କ ମୃତ୍ୟୁ ପରେ ସ୍ୱାମୀ ଧୀରେନ୍ଦ୍ର ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଛି ବୋଲି ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ହାତୀ ଆକ୍ରମଣରେ ଜଣେ ମୃତ



ସାତମାଇଲ, ୨।୮ (ସୁଶାନ୍ତ ପତି)

ମହାଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିଶାଳ ଗ୍ରାମର ସୁଧାକର ସାମଲ (୫୮) ଶୁକ୍ରବାର ଅପରାହ୍ନରେ ଚାଷ କାମ ପାଇଁ ବିଲକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିନଥିଲେ। ଶନିବାର ସକାଳେ ତାଙ୍କର ଗଣ୍ଡି ଓ ମୁଣ୍ଡ ଅଲଗା ପଡିଥିବା ଗ୍ରାମବାସୀ ଦେଖିଥିଲେ। ଘଟଣାସ୍ଥଳରେ ହାତୀର ପାଦଚିହ୍ନ ଥି ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ ହାତୀ ମାରିଥିବା ସ୍ପଷ୍ଟ ହୋଇଛି। ଖବର ପାଇ ହିନ୍ଦୋଳ ପୋଲିସ, ବନବିଭାଗ କର୍ମାଚାରୀ, ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ସମସ୍ତ ପ୍ରକାର ସରକାରୀ ସହଯୋଗ ନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଅଲୋଚନା କରିଥିଲେ। ଏହି ଅବସରରେ ବାଘଧରିଆ ଗ୍ରାମକୁ ଯାଇ ପୂର୍ବରୁ ହାତୀ ଆକ୍ରମଣରେ ମୃତ ୩ ପରିବାର ବର୍ଗଙ୍କୁ ଭେଟି ବିଧାୟିକା ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ବିଭିନ୍ନ ଦାବିଗୁଡିକ ଶୁଣି ଖୁବଶୀଘ୍ର ସମାଧାନ କରିବାକୁ ପ୍ରତିଶୃତି ଦେଇଛନ୍ତି। ଉକ୍ତ ଗସ୍ତ ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଜିଲାପରିଷଦ ସଦସ୍ୟ ସୁମନ୍ତ ଦେହୁରୀ, ମହାଲୁଣ୍ଡା ସରପଞ୍ଚ ବସନ୍ତ ସାହୁ, ପ୍ରତାପ ପ୍ରଧାନ, ମଣ୍ଡଳ ସଭାପତି ରବିନ ବାରିକ, ପ୍ରବୋଧ ପ୍ରଧାନ, ଭାଜପା ନେତା ଭାସ୍କର ଚନ୍ଦ୍ର ନାୟକ, ପ୍ରେମାନନ୍ଦ ପଟନାୟକ, ମନୋଜ ପଟନାୟକ, ଆଲୋକ ରଞ୍ଜନ ସାହୁ, କୁଶଳ ପଟନାୟକ, ପ୍ରଫୁଲ୍ଲ ମହାରଣା, ଟୁନା ନାଥ, ରୋହିତ ବେହେରା, ସୁଜିତ ବାରିକ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ରାସୋଳ ଥାନାରେ ସଚେତନତା କାର୍ଯ୍ୟକ୍ରମ



ରାସୋଳ ଥାନା ପରିସରରେ ଛାତ୍ରୀମାନଙ୍କୁ ସଚେତନତା କରାଯାଉଛି।

ରାସୋଳ,୨।୮(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା ପରିସରରେ ଶୁକ୍ରବାର ରାସୋଳ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନୂତନ ଅପରାଧିକ ଆଇନ ବିଷୟରେ ଅବଗତ କରିଥିଲେ। ଛାତ୍ରୀ ମାନଙ୍କ ସହିତ ଯଦି କୌଣସି ପ୍ରକାରର ହଇରାଣ, ଅପରାଧିକ ଘଟଣା ଘଟିଲେ, କୌଣସି ପ୍ରକାର ଭୟଭିତ ନହୋଇ ତୁରନ୍ତ ନିକଟସ୍ଥ ପୋଲିସ ଷ୍ଟେଶନକୁ ଜଣାଇବା ପାଇଁ ଛାତ୍ରୀମାନଙ୍କୁ କୁହାଯାଇଥିଲା । ପରେ ସମସ୍ତ ଛାତ୍ରୀମାନଙ୍କୁ ଥାନାର ବିଭିନ୍ନ ମାଲଖାନା, ହାଜତ ବୁଲାଇବା ସହ ତାର ଉପଯୋଗ ବିଷୟରେ ଥାନା ଅଧିକାରୀ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ରାସୋଳ ଥାନା ଅଧିକାରୀ ବିଧୂ ଭୂଷଣ ମିଶ୍ର ପରିଚାଳନା କରିଥିବା ବେଳେ ଏସ୍‌ଆଇ ପ୍ରତାପଚନ୍ଦ୍ର ଦଳେଇ ଓ ସ୍ୱର୍ଣ୍ଣଲତା ସାହୁଙ୍କ ସମେତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଓ ଅଧାପିକା ମାନେ ଉପସ୍ଥିତ ରହିଥିଲେ ।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା

## ଦାବି ପୂରଣ ନ ହେଲେ ଆନ୍ଦୋଳନ



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା ଓ ପ୍ରତିବାଦ ସଭା

ଢେଙ୍କାନାଳ,୨।୮(ରତନ ନାୟାର)

ଓଡିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ (ଓସ୍ଟା)ସଦର ବ୍ଲକ୍ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଅନୁଦାନ, ଚାକିରୀ ସର୍ତାବଳୀ, ପେନ୍‌ସନ୍ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଧାରଣା ଓ ପ୍ରତିବାଦ ସଭା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସଫଳତା ମିଳିନାହିଁ। ଯାହାଦ୍ୱାରା ଓଡିଶାର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ହତାଶ ଓ ନିରାଶ ମଧ୍ୟରେ କାଳାତିପାତ କରୁଛନ୍ତି । ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଦାବୀ ଗୁଡିକ ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରୀ ସର୍ତାବଳୀ, ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍ ପରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକୁ ସରକାରୀ କରଣ ଏବଂ ଶିକ୍ଷକ ନିଯୁକ୍ତି । ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଂଟ୍ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନ୍‌ସନ୍ ପରିବର୍ତେ ପୁରାତନ ପେନ୍‌ସନ୍ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ଦାବୀ ରହିଛି । ଦାବୀ ଗୁଡିକୁ ସମାଧାନ ନକଲେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ । ପରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଦାବୀପତ୍ର ପ୍ରଦାନ ସମୟରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଭାପତି ସତ୍ୟବ୍ରତ ପାତ୍ର, ସହ-ସମ୍ପାଦକ ଶେଷଦେବ ବାରିକ, ବିଭୁତି ସାମଲ, ମୁଖ୍ୟ ଉପଦେଷ୍ଟା ସରୋଜକାନ୍ତ ଦାଶ, ପ୍ରଶାନ୍ତ କୁମାର ଧଳ, ରଣଜିତ୍ ସାମଲ, ଦେବେନ୍ଦ୍ର କୁମାର ରାଉତ, ଯଶୋବନ୍ତ ରାଉତ, ରାଧାମୋହନ ମାଝୀ, ମହେନ୍ଦ୍ର କୁମାର ସାହୁ, ରସାନନ୍ଦ ପ୍ରଧାନ, ହୃଷିକେଶ ଦାସ, ପ୍ରଦୀପ କୁମାର ଜେନା, ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ଟିକରା, ସଦାନନ୍ଦ ପାଢୀ, ସୁରେଶ କୁମାର ପ୍ରଧାନ, ମହେନ୍ଦ୍ର ମୋହନ ମହାନ୍ତି, ସତ୍ୟବ୍ରତ ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପିତାମ୍ବର ଦାଶ ଓ ଶେଷଦେବ ବାରିକ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷାକର୍ମୀ ଉପସ୍ଥିତ ଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା, ସ୍ଥିତି ସୁଧାରିବା ପାଇଁ ଏଏପିର ଦାବି

ଢେଙ୍କାନାଳ,୨।୮(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁର ଗ୍ରାମ ପଂଚାୟତର ବୋରାପଦା ଖମାର ଆଦିବାସୀ ଅଧ୍ୟୁଷିତ ଅଂଚଳରେ ୩ଟି ଗ୍ରାମର ଗୋଟିଏ ସରକାରୀ ବିଦ୍ୟାଳୟ ଓ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଏକାଠି ରହିଛି। ସରକାରୀ ବିଦ୍ୟାଳୟଟି ଗତ ୩ବର୍ଷ ହେଲା ବନ୍ଦ ହୋଇଯାଇଛି । ଫଳରେ ପିଲା ମାନଙ୍କୁ ପାହାଡ ପର୍ବତ ଘେରା ଜଙ୍ଗଲ ମଧ୍ୟରେ ହାତୀ ଭୟରେ ଦୁଇ କିଲୋମିଟର ଯିବାକୁ ପଡୁଛି । ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା ଥିବାରୁ ଛୋଟ ପିଲାମାନେ ଆସୁନଥିବା ଅଭିଯୋଗ ହୋଇଛି । ଏଏପି ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ନଗର ସଭାପତି ଦେବାଶିଷ ନନ୍ଦ ଓ ସଦସ୍ୟ ବିଜୟ କୁମାର ଦାସ ଏହି ଅଂଚଳରେ ଥିବା ସରକାରୀ ବିଦ୍ୟାଳୟ ଓ ଗୋଟିଏ ଅଙ୍ଗନୱାଡି କେନ୍ଦ୍ରକୁ ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଓ ବ୍ୟବସ୍ଥା ପରିବର୍ତନ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# ସିବିଏସ୍‌ଇ ଟାଏକୋଣ୍ଡୋରେ ଢେଙ୍କାନାଳକୁ ୪ ପଦକ




ପଦକ ସହ ଢେଙ୍କାନାଳର ତାଏକୋଣ୍ଡୋ ଖେଳାଳିମାନେ।

ଢେଙ୍କାନାଳ,୨।୮(ରତନ ନାୟାର)

ଢେଙ୍କାନାଳ ଗୁରୁଦେବଜୀ ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ରର ୯ଜଣ ଛାତ୍ରଛାତ୍ରୀ ମେଘାଳୟ ସିଲଂ ବିଡ଼ିଡ଼ୁ ଇଣ୍ଟରନ୍ୟାସ୍‌ନାଲ ସ୍କୁଲଠାରେ ସିବିଏସଇ ଜୋନାଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୧୪ବର୍ଷ, ୧୭ ବର୍ଷ ଓ ୧୯ବର୍ଷରୁ କମ ବିଭାଗରେ ଭାଗ ନେଇଥିଲେ । ସେଥିମଧ୍ୟରୁ ସେଣ୍ଟ ଜାଭିୟର୍ସ ସ୍କୁଲ ୬ ଓ ରୟାଲ ଇଣ୍ଟରନେସ୍‌ନାଲ ପବ୍ଲିକ ସ୍କୁଲରୁ ୩ ଜଣଙ୍କ ସମେତ କୋଚ୍ ରୂପେ ଟାଇକୋଣ୍ଡୋ ଶିକ୍ଷକ ତଥା ଜାତୀୟସ୍ତରର କୋଚ୍ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ, ସୁଚିସ୍ମିତା ବେହେରା ଓ ମ୍ୟାନେଜର ଭାବେ ପ୍ରଶାନ୍ତ ଶତପଥୀ ଟିମ ସହ ରହିଥିଲେ। ବାଳିକା ବିଭାଗରେ ସୌମ୍ୟାଶ୍ରୀ ପଣ୍ଡା, ପ୍ରୀତିଲଗ୍ନା ଶତପଥୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ସାନଭି ସାଇଲକ୍ଷ୍ମୀ କାଂସ୍ୟ ଏବଂ ବାଳକ ବିଭାଗରେ ଆଶିଷ ବେହେରା କାଂସ୍ୟ ପଦକ ପାଇ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଗୁରୁଦେବଜୀ ଗୁରୁକୁଳର ଅଧ୍ୟକ୍ଷ, ପ୍ରଶିକ୍ଷକଙ୍କ ସମେତ ବିଦ୍ୟାଳୟର ମ୍ୟାନେଜିଙ୍ଗ କମିଟି, ଅଧ୍ୟକ୍ଷ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ଓ ବୁଦ୍ଧିଜୀବୀ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ପ୍ରତିଯୋଗିତା ଜୁଲାଇ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦ଟି ରାଜ୍ୟର ପ୍ରାୟ ୧୭୦ ବିଦ୍ୟାଳୟର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

**ସରକାରୀ ବଙ୍ଗଳା ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼**

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର ସରକାରୀ ବଙ୍ଗଳା ଖାଲି କରିଛନ୍ତି। ୫୦ତମ ସିଜେଆଇ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୨୦୨୪ ନଭେମ୍ବର ୮ରେ ଅବସର ନେଇଥିଲେ। ତେବେ ସେ ଅଧିକ ଦିନ ଧରି ନୂଆଦିଲ୍ଲୀର ୫, କ୍ରିଷ୍ଣ ମେନନ ମାର୍ଗ ସରକାରୀ ବାସଭବନରେ ରହିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା।

## ସଂକ୍ଷେପରେ

### ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



ନୂଆଦିଲ୍ଲୀ,୨।୮

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଶନିବାର ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରରେ ରଖାଯାଇଛି। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ୮୧ ବର୍ଷୀୟ ଶିବୁ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜେଏମ୍ଏମ୍‌ର ପ୍ରତିଷ୍ଠାତା ଶିବୁ ସୋରେନ୍ ୩୮ ବର୍ଷ ଧରି ଏହାର ନେତୃତ୍ୱ ନେଇଥିଲେ। ଶନିବାର ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ୍‌ଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି।

### ଆଇଆଇଟି ବମ୍ବେ ଛାତ୍ରଙ୍କ ଆତ୍ମହତ୍ୟା

ମୁମ୍ବାଇ, ୨।୮

ଆଇଆଇଟି ବମ୍ବେର ଜଣେ ୨୨ ବର୍ଷୀୟ ଛାତ୍ର ଶନିବାର ସକାଳେ ହଷ୍ଟେଲ ବିଲ୍ଡିଂର ୧୦ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ନିକଟରେ ମେଟା ସାଇନ୍ସରେ ବି.ଟେକ୍ ଶେଷ କରିଥିଲେ ଏବଂ ଜବ୍ ପ୍ଲେସମେଣ୍ଟ ପାଇଁ କଲେଜ ହଷ୍ଟେଲରେ ରହୁଥିଲେ। ତାଙ୍କ ରୁମରୁ କୌଣସି ସୁଇସାଇଡ ନୋଟ୍ ହସ୍ତଗତ ହୋଇନାହିଁ ବୋଲି ପୋଲିସ ସୂଚନା ଦେଇଛି। ମୃତ ଛାତ୍ର ଜଣଙ୍କ ଦିଲ୍ଲୀ ନିବାସୀ ରୋହିତ ସିହ୍ନା ହୋଇଥିବା ଜଣାପଡ଼ିଛି। ରୋହିତଙ୍କ ଆତ୍ମହତ୍ୟାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ଆଇଆଇଟି ବମ୍ବେ ପ୍ରଶାସନ ଶୋକପ୍ରକଟ କରିଛି।

# ଦେଶର ନିର୍ବାଚନ ବ୍ୟବସ୍ଥା ମୃତ: ରାହୁଲ

## ୨୦୨୪ ଲୋକ ସଭା ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ

ନୂଆଦିଲ୍ଲୀ,୨।୮ (ପି.ଟି.)

ଦେଶର ନିର୍ବାଚନ ବ୍ୟବସ୍ଥା ମରିଯାଇଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଶନିବାର କହିବା ସହ ୨୦୨୪ ଲୋକ ସଭା ଭୋଟରେ ଜାଲିଆତି ହୋଇଥିବା ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କୁ କଡ଼ା ସମାଲୋଚନା କରିଛନ୍ତି। 'ସାମ୍ବିଧାନିକ ଆହ୍ୱାନ: ଦୃଷ୍ଟିକୋଣ ଓ ମାର୍ଗ' ଶୀର୍ଷକ ଉପରେ ଆୟୋଜିତ ନ୍ୟାୟିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି, ପ୍ରଧାନମନ୍ତ୍ରୀ ସ୍ୱଳ୍ପ ସଂଖ୍ୟାଗରିଷ୍ଠତାର ସହ ଆସନରେ ବସିଛନ୍ତି। ଅଳ୍ପ କେତୋଟି ଆସନ ଅନ୍ତର ହୋଇଥିଲେ ସେ ସେଠାରେ ନ ଥାନ୍ତେ।

କର୍ଣ୍ଣାଟକର ଏକ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ସଂଗୃହୀତ କରିଥିବା ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି, ମୋଟ ୬.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧.୫ ଲକ୍ଷ ଭୋଟର ଜାଲ୍ ଥିଲେ। ଭୋଟରମାନଙ୍କ ଫଟୋ ଓ ନାମ ଯାଞ୍ଚରୁ ଏହା ଜଣାପଡ଼ିଛି। ଏଭଳି ଅନେକ ତଥ୍ୟ ରହିଛି, ଯାହାକୁ ପ୍ରଘଟ କଲେ ନିର୍ବାଚନ ବ୍ୟବସ୍ଥାରେ ପରମାଣୁ ବୋମା ବିସ୍ଫୋରଣ ଭଳି କମ୍ପନ ସୃଷ୍ଟି ହେବ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ସତ କଥା ହେଲା ଭାରତର ନିର୍ବାଚନ ବ୍ୟବସ୍ଥା ମରିଯାଇଛି। ଯଦି ୧୦ରୁ ୧୫ ଆସନରେ ଜାଲିଆତି ହୋଇ ନ ଥାନ୍ତା, ତେବେ ମୋଦି ପ୍ରଧାନମନ୍ତ୍ରୀ ଆସନରେ ନ ଥାନ୍ତେ। ୭୦-୮୦ରୁ ୧୦୦ ଆସନରେ ଜାଲିଆତି ହୋଇଥିବା ଆମେ ସନ୍ଦେହ କରୁଛୁ। ଲୋକ ସଭା ନିର୍ବାଚନରେ କିପରି ଜାଲିଆତି ହୋଇଥିଲା, ସେ ସମ୍ପର୍କିତ ଯେକୌଣସି ସନ୍ଦେହକୁ ଆମେ ଆଗାମୀ ଦିନରେ ପ୍ରମାଣିତ କରିବାକୁ ଯାଉଛୁ ବୋଲି ରାହୁଲ କହିଛନ୍ତି।



ରାହୁଲ ଗାନ୍ଧୀ

ଲୋକ ସଭାର ବିରୋଧୀ ଦଳ ନେତା ଆହୁରି କହିଛନ୍ତି, ପୂର୍ବରୁ ତାଙ୍କ ପାଖରେ ପ୍ରମାଣ ନ ଥିବାରୁ ସେ ଏଭଳି ବୟାନ ଦେଇପାରି ନ ଥିଲେ। ଏବେ ୧୦୦ ପ୍ରତିଶତ ପ୍ରମାଣ ମିଳିଥିବାରୁ ସେ ଦୃଢ଼ତାର ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହାକୁ ସେ ଯାହାକୁ ଦେଖାଇବେ, ତାଙ୍କ ପାଦତଳୁ ମାଟି ଖସିଯିବ। ତାହା କିପରି ସମ୍ଭବ ବୋଲି ସେମାନେ ଭାବିବେ। ତେବେ ଏହା ସମ୍ଭବ ଓ ଘଟିଥିବା ରାହୁଲ ଦାବି କରିଛନ୍ତି।

# ଆଣବିକ ବୁଡ଼ାଜାହାଜ ପଠାଇବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ



ୱାଶିଂଟନ,୨।୮

ପରମାଣୁ ଅସ୍ତ୍ର ରଖିଥିବା ବିରୋଧୀଙ୍କ ସହ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଥିବା ରୁଷିଆର ପୂର୍ବତନ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍ ମନ୍ତବ୍ୟ ଦେବା ପରେ ଏହାର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୁଡ଼ାଜାହାଜ ଉପଯୁକ୍ତ ଷ୍ଟ୍ରାଟେଜିକ୍ ସ୍ଥିତିରେ ଅବସ୍ଥାନ କରିବ ବୋଲି ଜଣାପଡ଼ିଛି। ତେବେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ମସ୍କୋ ସହ ବୟାନବାଜି ବଢ଼ାଇବ ବୋଲି ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ପୂର୍ବରୁ ମୁତୟନ ହୋଇଛି, ଯାହା ରୁଷିଆ ଉପରେ ଆକ୍ରମଣ କରିବାକୁ ସମର୍ଥ। ସୂଚନାଯୋଗ୍ୟ, ଟ୍ରମ୍ପ୍ ରୁଷିଆକୁ ମୃତ ଅର୍ଥନୀତି କହିବା ପରେ ଏହାର ଜବାବରେ ମେଡ୍‌ଭେଡେଭ୍ ତାଙ୍କୁ ଶୀତଳ ଯୁଦ୍ଧ ସମୟର ସ୍ୱୟଂକ୍ରିୟ ଏବଂ ଅର୍ଦ୍ଧସ୍ୱୟଂକ୍ରିୟ ଅଣୁଅସ୍ତ୍ର ନିୟନ୍ତ୍ରଣ ସିଷ୍ଟମ୍‌ର ସାମର୍ଥ୍ୟ ବିଷୟ ମନେ ପକାଇଦେଇଥିଲେ।

### ରୁଷିଆର ଉତ୍ତେଜକ ମନ୍ତବ୍ୟ

ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେବା ପରେ କ୍ରେମ୍‌ଲିନ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ରୁଷିଆର ବରିଷ୍ଠ ଆଇନ ପ୍ରଣେତା ଭିକ୍ଟର ଭୋଡୋଲାଟ୍‌ସ୍କି ଆମେରିକାକୁ ସତର୍କ କରାଇଦେଇ କହିଛନ୍ତି, ମସ୍କୋ ପାଖରେ ସର୍ବାଧିକ ଆଣବିକ ବୁଡ଼ାଜାହାଜ ରହିଛି ଯାହାକି ଯୁକ୍ତରାଷ୍ଟ୍ର ତୁଳନାରେ ବହୁ ଅଧିକ।




ସ୍ପେନ୍‌ର ସେଭିଲେସ୍ଥିତ ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ ଆସେମ୍ବ୍ଲିଠାରେ ୧୬ତମ ଏୟାରବସ୍ ସି-୨୯୫ ସାମରିକ ପରିବହନ ବିମାନ ଗ୍ରହଣ କରିବା ଅବସରରେ ସେଠାର ଭାରତୀୟ ରାଷ୍ଟ୍ରଦୂତ ଦିନେଶ କେ. ପଟ୍ଟନାୟକଙ୍କ ସହ ବାୟୁସେନାର ବରିଷ୍ଠ ଅଧିକାରୀମାନେ ଗ୍ରୁପ୍ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨।୮

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲା ଅନ୍ତର୍ଗତ ଅଖଲ ଜଙ୍ଗଲରେ ଶନିବାର ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ବେଳେ ଟିଆର୍‌ଏଫ୍ (ଦି ରେଜିଷ୍ଟାନ୍ସ ଫ୍ରଣ୍ଟ)ର ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଗିରଫ ହୋଇଛନ୍ତି। ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମ୍ପର୍କିତ ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ 'ଅପରେଶନ ଅଖଲ' ଜାରି ରହିଥିବାବେଳେ ଶନିବାରର ଏନ୍‌କାଉଣ୍ଟର ଏହାର ଅଂଶବିଶେଷ। ସେନା, ଅର୍ଦ୍ଧସାମରିକ ବାହିନୀ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ଏହି ସଫଳତା ମିଳିଛି। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ। ଟିଆର୍‌ଏଫ୍ ହେଉଛି ନିଷିଦ୍ଧ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ଶାଖା। ପହଲଗାମ୍ ଆକ୍ରମଣ ସହ ଏହି ସଂଗଠନ ଜଡ଼ିତ ଥିଲା। ଆତଙ୍କବାଦୀମାନେ ଶ୍ରୀନଗର ନିକଟ ଡଚିଗାମ୍ ଜାତୀୟ ଉଦ୍ୟାନ ମଧ୍ୟରେ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୪ ଦିନ ପୂର୍ବରୁ ଅପରେଶନ ମହାଦେବରେ ପାକିସ୍ତାନର ୩ ଟିଆର୍‌ଏଫ୍ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଲଶ୍କରର ଶୀର୍ଷ କମାଣ୍ଡର ସୁଲେମାନ୍ ଶାହ ଓରଫ ମୁସା ଫୌଜି ଥିଲେ। ସେମାନଙ୍କ ଗୁପ୍ତ ଆଡ୍ଡାରୁ ୧୭ଟି ଗ୍ରେନେଡ୍, ୨ଟି ଏକେ-୪୭ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା।

# ଛତିଶଗଡ଼ରେ ଗିରଫ କେରଳର ୨ ମହିଳା ପାଦ୍ରୀଙ୍କୁ ଜାମିନ

ବିଲାସପୁର, ୨।୮

ଛତିଶଗଡ଼ର ଦୁର୍ଗରେ ମାନବ ଚାଲାଣ ଏବଂ ଧର୍ମାନ୍ତରୀକରଣ ଅଭିଯୋଗରେ ଗିରଫ ହୋଇଥିବା କେରଳର ୨ ମହିଳା ପାଦ୍ରୀଙ୍କୁ ଶନିବାର ବିଲାସପୁରସ୍ଥିତ ଏନ୍‌ଆଇଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ପ୍ରିନ୍ସିପାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ (ଏନ୍‌ଆଇଏ କୋର୍ଟ) ସିରାଜୁଦ୍ଦିନ କୁରେଶୀ କେରଳର ୨ ପାଦ୍ରୀ ପ୍ରୀତି ମେରି ଏବଂ ବନ୍ଦନା ଫ୍ରାନ୍ସିସ୍‌ଙ୍କ ସହ ଅନ୍ୟ ଜଣେ ଯୁବକ ସୁକମାନ ମାଣ୍ଡବୀଙ୍କୁ ଜାମିନ ଦେଇଛନ୍ତି। ଗିରଫ ପରେ ସେମାନଙ୍କୁ ଦୁର୍ଗସ୍ଥିତ ସେଣ୍ଟ୍ରାଲ ଜେଲରେ ରଖାଯାଇଥିଲା। ଗତ ଜୁଲାଇ ୨୫ରେ ସ୍ଥାନୀୟ ନାରାୟଣପୁର ନିବାସୀ ୩ ଜଣ ଯୁବତୀଙ୍କୁ ନେଇ ସୁକମାନ ଦୁର୍ଗ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ୨ ଅଭିଯୁକ୍ତ ପାଦ୍ରୀ ଉକ୍ତ ୩ ଯୁବତୀଙ୍କୁ ନେବା ପାଇଁ ପହଞ୍ଚିଥିଲେ ବୋଲି ବଜରଙ୍ଗ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଉଭୟେ ମିଶି ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଆଦିବାସୀ ଯୁବତୀମାନଙ୍କର ଧର୍ମାନ୍ତରୀକରଣ କରାଉଥିବା ନେଇ ବଜରଙ୍ଗ ଦଳ ଅଭିଯୋଗ କରିଥିଲା।

# ରୁଷିଆରୁ ଭାରତ ତେଲ କିଣିବା ବନ୍ଦ କରିଛି: ଟ୍ରମ୍ପ୍

ୱାଶିଂଶନ/ନୂଆଦିଲ୍ଲୀ,୨।୮

ଭାରତ ରୁଷିଆରୁ ଆଉ ତେଲ କିଣିବ ନାହିଁ ବୋଲି ଶୁଣିବାକୁ ପାଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର କହିବା ସହ ଏହାକୁ ଭଲ ପଦକ୍ଷେପ କହି ପ୍ରଶଂସା କରିଛନ୍ତି। ତେବେ ଏନେଇ ସେ ସ୍ପଷ୍ଟ ନୁହନ୍ତି ବୋଲି କହିଛନ୍ତି। ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ସମେତ ପ୍ରାୟ ୭୦ ଦେଶ ଉପରେ ହ୍ୱାଇଟ୍ ହାଉସ୍ ଟାରିଫ୍ ଲଗାଇବାର ଦିନକ ପରେ ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏହି ଦାବିକୁ ସରକାରୀ ସୂତ୍ର ଖଣ୍ଡନ କରିଛି। ରୁଷିଆ ଯୋଗାଣକାରୀ ସଂସ୍ଥାଗୁଡ଼ିକରୁ ଭାରତର ରିଫାଇନେରିଗୁଡ଼ିକ ତେଲ କିଣିବା ଜାରି ରଖିଛନ୍ତି। ସେମାନଙ୍କ ଯୋଗାଣ ନିଷ୍ପତ୍ତି ମୂଲ୍ୟ, ଅଶୋଧିତ ତୈଳର ଗ୍ରେଡ୍, ଲଜିଷ୍ଟିକ୍ସ ଏବଂ ଅନ୍ୟ ଆର୍ଥିକ କାରଣ ଆଧାରରେ ନିଷ୍ପତ୍ତି ନିଆଯାଇଥାଏ। ଭାରତର ଇନ୍ଧନ ନିଷ୍ପତ୍ତି ଜାତୀୟ ସ୍ୱାର୍ଥ ଦ୍ୱାରା ନିର୍ଦ୍ଧାରିତ ହୋଇଆସୁଛି ଏବଂ ବୈଶ୍ୱିକ ଶକ୍ତି ସ୍ଥିରତା କ୍ଷେତ୍ରରେ ଏହାର ସକାରାତ୍ମକ ଅବଦାନ ରହିଛି। ରୁଷିଆରୁ ଭାରତୀୟ କମ୍ପାନୀଗୁଡ଼ିକ ତୈଳ କିଣା ବନ୍ଦ କରିଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କୁ ଶୁକ୍ରବାର ପ୍ରଶ୍ନ ହେବାରୁ ସେ କହିଛନ୍ତି, ତୈଳ ଦର ଏବଂ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧତା ଏବଂ ବୈଶ୍ୱିକ ସ୍ଥିତି ଆଧାରରେ ଆମେ ନିଷ୍ପତ୍ତି ନେଉଛୁ। ରୁଷିଆରୁ ତେଲ କିଣା ବନ୍ଦ ନେଇ ତାଙ୍କ ପାଖରେ ସବିଶେଷ ତଥ୍ୟ ନ ଥିବା ସେ କହିଥିଲେ।

### ସରକାରୀ ସୂତ୍ରର ଖଣ୍ଡନ



ଡୋନାଲ୍ଡ ଟ୍ରମ୍ପ୍

ରୁଷିଆରୁ ଇନ୍ଧନ କ୍ରୟ ଜାରି ରଖିବା ନେଇ ଭାରତର ନିଷ୍ପତ୍ତି ଉପରେ ସୂତ୍ର ପକ୍ଷରୁ କୁହାଯାଇଛି, ରୁଷିଆ ବିଶ୍ୱର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦନକାରୀ। ଏହାର ଦୈନିକ ଅଶୋଧିତ ତୈଳ ଉତ୍ପାଦନ ୯.୫ ନିୟୁତ ବ୍ୟାରେଲ୍, ଯାହାକି ବିଶ୍ୱ ଚାହିଦାର ପାଖାପାଖି ୧୦ ପ୍ରତିଶତ। ଏଥିସହିତ ରୁଷିଆ ଦ୍ୱିତୀୟ ସର୍ବାଧିକ ତୈଳ ରପ୍ତାନିକାରୀ। ଏହା ଦୈନିକ ୪.୫ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ଏବଂ ୨.୩ ନିୟୁତ ବ୍ୟାରେଲ୍ ବିଶୋଧିତ ତୈଳ ରପ୍ତାନି କରିଥାଏ। ଭାରତ ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ କିଣୁଥିବାବେଳେ ଗତ ସପ୍ତାହରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ, ହିନ୍ଦୁସ୍ଥାନ ପେଟ୍ରୋଲିୟମ, ଭାରତ ପେଟ୍ରୋଲିୟମ ଏବଂ ମାଙ୍ଗାଲୋର ରିଫାଇନେରି ପେଟ୍ରୋକେମିକାଲ୍ସ ଲିଃ ସେଠାରୁ ତୈଳ କିଣି ନ ଥିବା ଖବର ପ୍ରକାଶ ପାଇଥିଲା। ରୁଷିଆରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଭୂରାଜନୈତିକ ଚାପ ପ୍ରୟୋଗ କରିବା ଫଳରେ ଏପରି ହୋଇଥିବା କୁହାଯାଇଥିଲା। ତେବେ ଏହାକୁ ଖଣ୍ଡନକରି ମସ୍କୋ ସହ ଦୀର୍ଘବର୍ଷରୁ ସମ୍ପର୍କ ରହିଆସିଛି ଏବଂ ଏହା ସମୟ ଦ୍ୱାରା ପରୀକ୍ଷିତ ସହଯୋଗୀ ବୋଲି ନୂଆଦିଲ୍ଲୀ କହିଥିଲା।

# ଭୋଟର ତାଲିକାରେ ନାଁ ନ ଥିବା ତେଜସ୍ୱୀଙ୍କ ଅଭିଯୋଗକୁ ଇସିଙ୍କ ଖଣ୍ଡନ

ନୂଆଦିଲ୍ଲୀ,୨।୮

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ନାମ ବିହାର ଭୋଟର ତାଲିକାରେ ନ ଥିବା ସେ ଶନିବାର ଅଭିଯୋଗ କରିବା ପରେ ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ତାଙ୍କ ପାଖରେ ବୈଧ ଭୋଟର ପରିଚୟପତ୍ର (ଇପିଆଇସି) ନମ୍ବର ସତ୍ତ୍ୱେ ସ୍କ୍ରିନ୍‌ରେ 'କୌଣସି ରେକର୍ଡ ମିଳୁନାହିଁ' ବାର୍ତ୍ତା ଆସିଥିଲା ବୋଲି ତେଜସ୍ୱୀ ଏକ ଖବରଦାତା ସମ୍ମିଳନୀରେ କହିବା ସହ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ବଡ଼ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ କରିଥିଲେ। ତେବେ ତେଜସ୍ୱୀଙ୍କ ଅଭିଯୋଗକୁ ତଥ୍ୟଗତ ଭୁଲ୍ କହି ଇସି ଖଣ୍ଡନ କରିଛନ୍ତି। ଭୋଟର ତାଲିକାର କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଥିବା ଇସି କହିଛନ୍ତି।



ତେଜସ୍ୱୀ ଯାଦବ

ପ୍ରତି ନିର୍ବାଚନ ମଣ୍ଡଳୀରେ ୨୦ରୁ ୩୦ ହଜାର ଭୋଟରଙ୍କ ନାଁ କଟିଛି ଏବଂ ମୋଟ ୬୫ ଲକ୍ଷ ମତଦାତାଙ୍କ ନାଁ ଭୋଟର ତାଲିକାରେ ନାହିଁ ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ, ଯାହାକି ମୋଟ ଭୋଟର ସଂଖ୍ୟାର ପ୍ରାୟ ୮.୫ ପ୍ରତିଶତ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଥିଲା ଅନେକ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବାବେଳେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଡୁପ୍ଲିକେଟ୍ ନାଁରେ କେତେଜଣଙ୍କ ନାଁ ଭୋଟର ତାଲିକାରେ ଥିଲା। ତେବେ ଇସିଙ୍କ ପକ୍ଷରୁ ଜାରି ଚିଠା ଭୋଟର ତାଲିକାରେ ମତଦାତାଙ୍କ ଠିକଣା, ଇପିଆଇସି ନମ୍ବର ଏବଂ ବୁଥ୍ ନମ୍ବର ଦିଆଯାଇ ନାହିଁ। ତେଣୁ କେଉଁମାନଙ୍କ ନାଁ କଟିଛି, ତାହା ଖୋଜି ବାହାର କରିପାରୁ ନାହୁଁ ବୋଲି ତେଜସ୍ୱୀ କହିଥିଲେ।

## ଫୁରସତ୍



# ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା

ଶିମ୍‌ଲା

ହିମାଚଳ ପ୍ରଦେଶର ଏକ ଝରଣାରେ ପଡ଼ି ରହିଥିବା ବିଭିନ୍ନ ଅଳିଆ ଆବର୍ଜନାକୁ ଜଣେ ବିଦେଶୀ ପର୍ଯ୍ୟଟକ ଗୋଟାଇ ସେଗୁଡ଼ିକୁ ଡଷ୍ଟବିନ୍‌ରେ ପକାଉଥିବାବେଳେ ତାଙ୍କ ନିକଟରେ କେତେଜଣ ଭାରତୀୟ ପର୍ଯ୍ୟଟକ ଥିଲେ ମଧ୍ୟ ତାଙ୍କୁ ସାହାଯ୍ୟ ନ କରି ଝରଣାକୁ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ଭିଡିଓରେ ବିଦେଶୀ ପର୍ଯ୍ୟଟକ ଜଣକ କହିଛନ୍ତି, ଯଦି ତାଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ଥାନ୍ତା, ତେବେ ସେ ଏହି ଝରଣା ନିକଟରେ ବସି ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ତାଗିଦା କରନ୍ତେ। ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ ଏହି ଭିଡିଓକୁ ଶନିବାର ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରି ଭାରତୀୟ ପର୍ଯ୍ୟଟକଙ୍କୁ ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି "ଏହା ଅତ୍ୟନ୍ତ ଲଜ୍ଜାକର ଘଟଣା। କେବେ ଆମେମାନେ ସୁଧୁରିବା। ଯେପରି ଆମେ ନିଜ ଘରକୁ ସଫାସୁତରା ରଖୁଛେ, ସେହିପରି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଫାସୁତରା ରଖିବା ମଧ୍ୟ ଆମମାନଙ୍କର ଦାୟିତ୍ୱ।"

# ପିଏଚ୍‌ଡି ପାଇଁ ନାମ ଲେଖାଇଲା ରୋବୋ

ବେଜିଂ

ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଇନା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଦେଶର ଏକ ହ୍ୟୁମାନଏଡ୍ ରୋବୋ 'ଜ୍ୟୁବା ୦୧' ସାଂଘାଇ ଥିଏଟର ଏକାଡେମୀ (ଏସ୍‌ଟିଏ)ରେ ଡ୍ରାମା ଏବଂ ଚଳଚ୍ଚିତ୍ର ପାଠ୍ୟକ୍ରମରେ ପିଏଚ୍‌ଡି କରିବା ପାଇଁ ନାମ ଲେଖାଇଛି। ଏହି ପିଏଚ୍‌ଡି ପାଠ୍ୟକ୍ରମ ଚାଇନାର ବିଭିନ୍ନ ପାରମ୍ପରିକ ଅପେରାକୁ ନେଇ କେନ୍ଦ୍ରିତ ରହିଛି। ଗତ ଜୁଲାଇ ୨୭ରେ ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀରେ ଏସ୍‌ଟିଏ ପକ୍ଷରୁ ଜ୍ୟୁବା ୦୧ ରୋବୋର ପିଏଚ୍‌ଡି ନାମଲେଖା ଆବେଦନକୁ ଗ୍ରହଣ କରାଯାଇଥିଲା। ଏହାସହ ଚାଇନାର ପ୍ରଥମ ହ୍ୟୁମାନଏଡ୍ ରୋବୋ ଭାବେ ଜ୍ୟୁବା ୦୧ ପିଏଚ୍‌ଡି ପାଠ୍ୟକ୍ରମରେ ପ୍ରବେଶ କରିଛି।



ଜ୍ୟୁବା ୦୧କୁ ସାଂଘାଇ ଫର୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏବଂ ଡ୍ରୋଇଡ୍ ଅପ୍ ରୋବୋଟିକ୍ସ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି। ଏହି ୪ ବର୍ଷିଆ ପିଏଚ୍‌ଡି ପ୍ରୋଗ୍ରାମରେ ଜ୍ୟୁବା ୦୧ ରୋବୋ ଷ୍ଟେଜ୍ ପର୍‌ଫର୍ମାନ୍ସ, ସ୍କ୍ରିପ୍ଟ ରାଇଟିଂ, ସେଟ୍ ଡିଜାଇନ୍ ଭଳି ବିଷୟଗୁଡ଼ିକ ସହ ମୋଟର କଣ୍ଟ୍ରୋଲ ଏବଂ ଲାଙ୍ଗୁଏଜ୍ ପ୍ରଡକ୍ସନ ଭଳି ବୈଷୟିକ ବିଷୟଗୁଡ଼ିକୁ ଅଧ୍ୟୟନ କରିବ। ଏହି ରୋବୋ ୧.୭୫ ମିଟର ଉଚ୍ଚ ଏବଂ ପ୍ରାୟ ୩୦ କେ.ଜି. ଓଜନର ରହିଛି। ଏହାର ମୁହଁରେ ସିଲିକନ୍ ସ୍କିନ୍ ରହିଛି, ଯାହାଦ୍ୱାରା ସେ ମଣିଷ ପରି ମୁହଁର ବିଭିନ୍ନ ଭାବ ଦେଖାଇ ପାରିଥାଏ। ଚଷମା, ଶାର୍ଟ ଏବଂ ପ୍ୟାଣ୍ଟ ପିନ୍ଧି ଏହି ରୋବୋ ମାଣ୍ଡାରିନ୍ ଭାଷାରେ କଥା ହୋଇପାରୁଛି। ସେହିପରି ଏହା ଲୋକଙ୍କ ସହ ଶାରୀରିକ ଭାବେ ଯୋଗାଯୋଗ ମଧ୍ୟ କରିପାରୁଛି।

ଜ୍ୟୁବା ୦୧କୁ ଏକ ଭର୍ଚ୍ଚୁଆଲ୍ ଷ୍ଟୁଡେଣ୍ଟ ଆଇଡି ମଧ୍ୟ ପ୍ରଦାନ କରାଯାଇଛି। ଏହି ପିଏଚ୍‌ଡି ପାଠ୍ୟକ୍ରମରେ ଜ୍ୟୁବା ୦୧ ରୋବୋର ମେଣ୍ଟର ଭାବେ ପ୍ରଖ୍ୟାତ ସାଂଘାଇ କଳାକାର ଏବଂ ପ୍ରଫେସର ୟାଙ୍ଗ୍ କ୍ୱିଙ୍ଗ୍‌କିଙ୍ଗ୍ ରହିବେ। କ୍ୱିଙ୍ଗ୍‌କିଙ୍ଗ୍ କହିଛନ୍ତି, ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବା ପରେ କ୍ୱିଙ୍ଗ୍‌କିଙ୍ଗ୍ କଲେଜ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରି କ୍ଲାସ୍‌ରେ ଯୋଗଦେବେ। ସେହିପରି ପିଏଚ୍‌ଡି କରୁଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ମିଶି ଜ୍ୟୁବା ୦୧ ରୋବୋ ବିଭିନ୍ନ ଅପେରା ଅଭ୍ୟାସ କରିବ।

# ତରଭା ଜେଏନ୍‌ଭିର ଛାତ୍ରଙ୍କୁ ଝାଡ଼ଖଣ୍ଡରେ ମାଡ଼

- ପ୍ରବାସନ ପଲିସିରେ ରିଖିଆ ଜେଏନ୍‌ଭିରେ ପାଠ ପଢୁଛନ୍ତି
- ମୂଳ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରଙ୍କ ନିବେଦନ
- ରିଖିଆ ବିଦ୍ୟାଳୟର ୪ ଛାତ୍ର ନିଲମ୍ବିତ



ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜେଏନ୍‌ଭି।

ସୋନପୁର,୨୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ର ୧୧ଛାତ୍ରଙ୍କୁ ଝାଡ଼ଖଣ୍ଡରେ ନିର୍ଯାତନା ସହ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ତରଭା ଜେଏନ୍‌ଭିର ନବମ ଶ୍ରେଣୀରେ ପଢୁଥିବା ୨୧ଛାତ୍ରୀଛାତ୍ର ମାଇଗ୍ରେଶନ(ପ୍ରବାସନ) ପଲିସିରେ ଝାଡ଼ଖଣ୍ଡର ଦେଓଘର ଜିଲା ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିରେ ରହି ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଛାତ୍ରୀ ଓ ୧୧ଛାତ୍ର ଅଛନ୍ତି। ଜୁଲାଇ ୩ରୁ ଛାତ୍ରୀଛାତ୍ର ସେଠାରେ ରହି ପଢୁଥିବା ଜଣାପଡ଼ିଛି। ତେବେ ରିଖିଆ ଜେଏନ୍‌ଭିର ସିନିୟର ଛାତ୍ରମାନେ ଗତ ୯ତାରିଖ ରାତିରେ ସୁବର୍ଣ୍ଣପୁର ଜିଲାର ୧୧ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରମାନେ ଭିଡିଓକରି ସେମାନଙ୍କୁ ସେଠାରୁ ନେଇ ଆସିବାକୁ ସୋସିଆଲ ମିଡିଆରେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଜାଣିବା ପରେ ୧୧ତାରିଖରେ ତରଭା ଜେଏନ୍‌ଭି ଅଧକ୍ଷ ନିଶିକାନ୍ତ କେଶାଓ ସମକୁରାଓଙ୍କୁ ଲିଖିତଭାବେ ଜଣାଇଥିଲେ। ପରେ ଅଭିଭାବକମାନେ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିଏସ)ର ଭୋପାଳସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ଜିଲାପାଳ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଏମ୍‌ପି ସିଂଦେଓଙ୍କ ହସ୍ତକ୍ଷେପ ପରେ ଉଭୟ ଜେଏନ୍‌ଭି ଅଧକ୍ଷଙ୍କ ମଧ୍ୟରେ ଏକାଧିକ ବାର ବାର୍ତ୍ତାଳାପ ଓ ପତ୍ର ବିନିମୟ ହୋଇଥିଲା। ତେବେ ତରଭା ଜେଏନ୍‌ଭିର ଛାତ୍ରୀଛାତ୍ର ଝାଡ଼ଖଣ୍ଡରେ ଭୟର ବାତାବରଣରେ ରହୁଛନ୍ତି। ତେଣୁ ସେମାନଙ୍କୁ ମୂଳ ବିଦ୍ୟାଳୟ ତରଭାକୁ ଫେରାଇ ଆଣିବା ପାଇଁ ଅଭିଭାବକ ଦାଶରଥୀ ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ତରଭା ଜେଏନ୍‌ଭିର ଅଧକ୍ଷ ନିଶିକାନ୍ତ କେଶାଓ ସମକୁରାଓ କହିଛନ୍ତି, ଘଟଣା ସମ୍ପର୍କରେ ଏନ୍‌ଭିଏସ୍‌ର ମୁଖ୍ୟଙ୍କୁ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ଆସିବ ତାହା କାର୍ଯ୍ୟକାରୀ କରାଯିବ।

ଅନ୍ୟପକ୍ଷେ ଅଭିଯୋଗ ପରେ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଅଧକ୍ଷା ତଦନ୍ତ କରି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ନିଜ ବିଦ୍ୟାଳୟର ୪ଛାତ୍ରଙ୍କୁ ନିଲମ୍ବନ କରିବା ସହ ସେମାନଙ୍କ ଘରକୁ ପଠାଇଦେଇଥିବା ସୂଚନା ଦେଇଛନ୍ତି। ତେବେ ଗତବର୍ଷ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଛାତ୍ରୀଛାତ୍ର ତରଭାରେ ରହି ପାଠ ପଢୁଥିବା ସମୟରେ ସେମାନଙ୍କୁ ଏଠାକାର ସିନିୟର ଛାତ୍ରମାନେ ନିର୍ଯାତନା ଦେଇଥିଲେ। ଏହି କାରଣକୁ ନେଇ ସେଠାକାର ସିନିୟର ଛାତ୍ରମାନେ ତରଭା ଛାତ୍ରଙ୍କୁ ଚଳିତ ବର୍ଷ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ନବୋଦୟ ବିଦ୍ୟାଳୟ ସମିତିର ନିୟମ ଅନୁଯାୟୀ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ମୋଟ ଛାତ୍ରୀଛାତ୍ରଙ୍କ ୩୦% ପ୍ରବାସନ ପଲିସିରେ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ନ୍ତି। ସେହିପରି ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀଛାତ୍ର ୧ବର୍ଷ ପାଇଁ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ିଥାନ୍ତି। ଜାତୀୟ ଏକୀକରଣ ଲକ୍ଷ୍ୟ ରଖି ଏଭଳି କରାଯାଇଥାଏ।

# ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ଆହତ

- ପୋଲିସ ଉପରକୁ ୨ ରାଉଣ୍ଡ ଗୁଳିଚାଳନା
- ବନ୍ଧୁକ, ୩ ଜୀବନ୍ତ ଗୁଳି ଓ ଟଙ୍କା ଜବତ
- ଘଟଣାସ୍ଥଳରୁ ଚମ୍ପଟ ମାରିଲେ ସହଯୋଗୀ


ଆହତ ଅବସ୍ଥାରେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଗୋପାଳପୁର,୨୮(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ପୋଲିସ ପିତାତଳି-ସୋର୍ଲା ରାସ୍ତାରେ ଶନିବାର ଭୋର ସମୟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୁଳି କରିଛି। ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ସୁନୀଲ ନାହାକ ଓରଫ ମାଲୁ। ଏଥିରେ ସୁନୀଲ ଆହତ ହୋଇଛନ୍ତି। ତାଙ୍କଠାରୁ ୭.୬୫ ଏମ୍‌ଏମ୍ ବନ୍ଧୁକ, ତିନୋଟି ଜୀବନ୍ତ ଗୁଳି, ୨୧ ହଜାର ଟଙ୍କା ଓ ବାଇକ୍ ଜବତ ହୋଇଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ବ୍ରହ୍ମପୁର ପୋଲିସ ଜିଲାରେ ଗତ ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ଏକାଧିକ ଚେନ୍ ସ୍ନାଚିଂ ଅଭିଯୋଗ ହୋଇଥିଲା। ନିମଖଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଉପରକୁ ଗୁଳି କରି ତାଙ୍କ ସୁନାହାର ଲୁଟି ନେବା ଓ ଗୋପାଳପୁର ଥାନା ଅଞ୍ଚଳରୁ ମଧ୍ୟ ସମାନ ଢଙ୍ଗରେ ସୁନାଚେନ୍ ଲୁଟ୍ ନେଇ ଏକାଧିକ ଅଭିଯୋଗ ଥାନାକୁ ଆସିଥିଲା। ପୋଲିସ ଅଭିଯୁକ୍ତ ସୁନୀଲଙ୍କୁ ଚିହ୍ନଟ କରିବା ପରେ ତାଙ୍କୁ ଧରିବା ପାଇଁ ବ୍ରହ୍ମପୁର ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ ହୋଇଥିଲା।

ଶନିବାର ଭୋର ସମୟରେ ସୁନୀଲ ଓ ଅନ୍ୟ ସହଯୋଗୀ ବାଇକ୍ ଯୋଗେ ପିତାତଳି -ସୋର୍ଲା ରାସ୍ତା ଦେଇ ଆସୁଥିବା ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ତଥା ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ତାଙ୍କ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବାକୁ ପାଇଁ ଜାଲ ବିଛାଇଥିଲେ। ଏରେଣ୍ଡ୍ରା ରାସ୍ତା ନିକଟରେ ପୋଲିସ ଗାଡି ଦେଖି ସୁନୀଲ ଗାଡ଼ି ବୁଲାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ପୋଲିସ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏହି ଗୁଳି ପୋଲିସର ବୋଲେରୋରେ ବାଜିଥିଲା। ତତ୍କ୍ଷଣାତ୍ ଡିଏସ୍‌ପି ସ୍ୱାଇଁ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳି ସୁନୀଲଙ୍କ ବାମଗୋଡ଼ ଆଣ୍ଠୁ ତଳକୁ ବାଜିଥିଲା। ସେ ଆହତ ହୋଇ ତଳେ ପଡି ଯାଇଥିଲେ। ତେବେ ଘଟଣାସ୍ଥଳରୁ ତାଙ୍କ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଆହତ ସୁନୀଲଙ୍କୁ କାବୁ କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ। ଏହି ମାମଲା ବ୍ରହ୍ମପୁର ସଦର ଏସ୍‌ଡିପିଓ ତଦନ୍ତ କରିବେ। ଅନ୍ୟପକ୍ଷରେ ସୁନୀଲଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ, ଲୁଟ, ଗୁଳି କରିବା ଆଦି ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ଥାନାରେ ୨୦ଟି ସଙ୍ଗିନ ମାମଲା ରହିଛି। ଏସବୁର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ଶନିବାରର ଘଟଣା ନେଇ ଥାନା ଅଧିକାରୀ ତଥା ଡିଏସ୍‌ପି ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୩୨୭/୨୫ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଖୋକା ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସ୍‌ପି ସ୍ୱାଇଁ, ଏସ୍‌ଆଇ ସିଲୁ ଧଳ, ଗଗନ ବେହେରା, ଏଏସ୍‌ଆଇ ରମେଶ ଚୌଧୁରୀ, ଗୁଣନିଧି ରାଉତ ଉପସ୍ଥିତ ଥିଲେ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ଯାଜପୁରରୋଡ୍,୨୮(ପବିତ୍ର ରଞ୍ଜନ ମହାନ୍ତି)


ଜୀବନ ମଲିକ

ଯାଜପୁର ଜିଲା ବ୍ୟାସନଗର ସହରର ଷ୍ଟେଶନ ବଜାରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଲିକଙ୍କ ପୁଅ ଜୀବନ ମଲିକ(୨୫)। ଜୀବନଙ୍କୁ କେନ୍ଦ୍ରର କର୍ମଚାରୀମାନେ ମାରି ଦେଇଥିବା ସୁଦାମ ଯାଜପୁରରୋଡ୍ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଜୀବନ ଶୋଇଥିଲେ। ହେଲେ ଶନିବାର ସକାଳୁ ଉଠି ନ ଥିଲେ। କେନ୍ଦ୍ରର ମାଲିକ ବିକାଶ ସାହୁ ଏକଥା ଜାଣିବା ପରେ ଜୀବନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୀବନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି।

ଜୀବନଙ୍କ ପରିବାର ଲୋକଙ୍କ କହିବା ମୁତାବକ, ସେ କୁସଙ୍ଗରେ ପଡ଼ି ନିଶାଗ୍ରସ୍ତ ରହୁଥିଲେ। ନିଶା ଛଡ଼ାଇବା ପାଇଁ ସେମାନେ ଗତ ସପ୍ତାହରେ ଉକ୍ତ ନିଶା ନିବାରଣ କେନ୍ଦରେ ଜୀବନଙ୍କୁ ଛାଡ଼ିଥିଲେ। ସେଥିପାଇଁ ମାସକୁ ୯ ହଜାର ହିସାବରେ ୪ ମାସ ପାଇଁ ଅଗ୍ରିମ ଟଙ୍କା ପୈଠ କରିଥିଲେ। ପୁଅ ଖୁବଶୀଘ୍ର ଭଲ ହୋଇଯିବ ବୋଲି କେନ୍ଦ୍ରର ମାଲିକ ଜୀବନଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୁଅର ମୃତ୍ୟୁ ହୋଇଥିବା କଥାକୁ ସେମାନେ ବିଶ୍ୱାସ କରି ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ମଧ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ଅନ୍ତେବାସୀଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏହି ସଂସ୍ଥା ଖୋଲିବାକୁ ହେଲେ ଜିଲା ପ୍ରଶାସନ ଅନୁମତି ବାଧ୍ୟତାମୂଳକ। ମାତ୍ର ଯାଜପୁରରୋଡ୍ ସହରରେ ଏଭଳି ୩ରୁ ଉର୍ଦ୍ଧ୍ୱ ନିଶା ନିବାରଣ କେନ୍ଦ୍ର ରହିଛି। ହେଲେ ଏଗୁଡ଼ିକ ଜିଲା ପ୍ରଶାସନର ଅନୁମତିପ୍ରାପ୍ତ ହୋଇଛି କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ବାଲେଶ୍ୱର, ୨୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରଙ୍କ ଘର ବାସୁଦେବପୁର ଅଞ୍ଚଳରେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଜାରି ରଖିଛି। ଏହି ଥାନା ଅଧୀନ ମହାବୀରନଗରଠାରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ହଷ୍ଟେଲରେ ରହି ସମ୍ପୃକ୍ତ ଛାତ୍ର ଜଣକ ଅଧ୍ୟୟନ କରିଥିଲେ। ସେ ତୃତୀୟ ବର୍ଷର ଛାତ୍ର ଅଟନ୍ତି। ଶନିବାର ସମସ୍ତ ସହପାଠୀ କଲେଜ ଯିବା ପରେ ସେ ହଷ୍ଟେଲରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। କ୍ଲାସ୍‌କୁ ଯାଇ ନଥିବାରୁ କଲେଜ କର୍ତ୍ତୃପକ୍ଷ ହଷ୍ଟେଲ ଆସି ସେ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ।

# କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର ଅଭିଯୋଗ

ଦେଓଗାଁ/ବଲାଙ୍ଗୀର, ୨୮(କୃଷ୍ଣପ୍ରସାଦ ପାଣିଗ୍ରାହୀ/ବୀରେନ୍ଦ୍ର କୁମାର ଝାଙ୍କର)

## ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ

ଜଣେ କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇଯାଇ ବଳାତ୍କାର କରିବା ପରେ ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ ହେବା ଘଟଣା ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି କାଣ୍ଡ ଘଟାଇଥିବା ଯୁବକ ଜଣକ ପୂର୍ବରୁ ଏକ ବଳାତ୍କାର ମାମଲାରେ ଜେଲ ଯାଇ ନିକଟରେ ଜାମିନରେ ଆସିଥିବା କୁହାଯାଉଛି । ପୀଡ଼ିତାଙ୍କ ବାପା ଶନିବାର ନ୍ୟାୟ ପାଇଁ ଦେଓଗାଁ ଥାନାର ଦ୍ୱାରସ୍ଥ ହେବା ପରେ ଘଟଣା ସାମ୍ନାକୁ ଆସିଛି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବୁଧବାର ଝିଅ ବାହାରକୁ ଯାଇଥିବାବେଳେ ଗାଁର ଜଣେ ଯୁବକ ତାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ । ଯୁବକ ଜଣକ ଏହାର ଭିଡିଓ ମୋବାଇଲରେ କରିଥିଲା ବେଳେ କାହାକୁ ଘଟଣା ନେଇ କହିଲେ ଜୀବନରେ ମାରି ଦେବାର ଧମକ ଝିଅକୁ ଦେଇଥିଲେ । ଫଳରେ ଝିଅ ଘଟଣା ନେଇ କାହାକୁ କହି ନ ଥିଲେ । ଶୁକ୍ରବାର ଭିଡିଓ ଭାଇରାଲ ହେବା ପରେ ସେ ଏନେଇ ଝିଅକୁ ପଚାରି ସବୁ କଥା ବୁଝିଥିଲେ । ସମ୍ପୃକ୍ତ ଛାତ୍ରୀ ଜଣକ ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଅଞ୍ଚଳରେ ଥିବା ଏକ କଲେଜରେ ପାଠ ପଢ଼ନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିଛି । ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଡିଏସ୍‌ପି ସମର୍ଥ କେ. ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି । ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯିବା ପରେ ଘଟଣା ବିଷୟରେ ସବିଶେଷ ତଥ୍ୟ ମିଳିବ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ବଲାଙ୍ଗୀର ଏସପି ଅଭିଳାଷ ଜିଙ୍କୁ ପଚାରିବାରୁ ବଳାତ୍କାର ଓ ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଅଭିଯୋଗ ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ଉଦ୍ୟମ କରାଯାଉଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ କରାଯିବ। ସାମାଜିକ ଗଣମାଧ୍ୟମରୁ ଅଶ୍ଳୀଳ ଭିଡିଓକୁ ହଟାଯିବ ବୋଲି ସେ କହିଛନ୍ତି।

# ୫ ଶିକାରୀ ଗିରଫ, ୩ ବନ୍ଧୁକ ଜବତ

ବାରିପଦା, ୨୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କର୍ମଚାରୀ ଓ ବନବିଭାଗ ମିଳିତ ଚଢାଉ କରି ଶନିବାର ୫ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ଟି ଦେଶୀ ବନ୍ଧୁକ ସହ ଶିକାର ସରଞ୍ଜାମକୁ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅଧୀନ ଜୁରାଡିହୀ ଗ୍ରାମର କାହ୍ନୁ ଜାମଡା ସିଂ(୩୦), ବହଳଦା ଗ୍ରାମର ଦେବେନ୍ଦ୍ର ସିଂ(୨୦), ସୋମନାଥ ସିଂ(୩୫), ପ୍ରଦୀପ ସିଂ(୩୧), ଗୌର ସିଂ(୨୪)। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ବନ୍ଧୁକ ଜବତକୁ ନେଇ ପୋଲିସ ପକ୍ଷରୁ ଆର୍ମ୍ସ ଆକ୍ଟ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ତେବେ ଏଆଇ କ୍ୟାମେରାରୁ ଉକ୍ତ ଶିକାରୀମାନଙ୍କୁ ଠାବ କରାଯାଇ ଶିକାର ପୂର୍ବରୁ ଚଢାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।


ଅଭିଯୁକ୍ତ ଶିକାରୀ ଓ ଜବତ ଦେଶୀ ବନ୍ଧୁକ।

## ରାଜ୍ୟ ଖବର

# 'ଅପରେଶନ ସିନ୍ଦୂର' ମାଧ୍ୟମରେ ବିଶ୍ୱ ଭାରତର ସାମର୍ଥ୍ୟ ଦେଖିଛି: ଯୋଗୀ

ଭୁବନେଶ୍ୱର,୨୮ (ଅନୁରାଧା ମହାରଣା)


ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଅନ୍ୟ ନେତୃବୃନ୍ଦ।

'ଅପରେଶନ ସିନ୍ଦୂର' ମାଧ୍ୟମରେ ବିଶ୍ୱ ଭାରତର ଶକ୍ତି ଓ ସାମର୍ଥ୍ୟ ଦେଖିଛି। ନୂଆ ଭାରତ ପହଲଗାମ୍‌ର ଅପରାଧୀମାନଙ୍କୁ ନିପାତ କରିବା ସହ ଶତ୍ରୁଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ମଧ୍ୟ ନିଶ୍ଚିହ୍ନ କରିବାର କ୍ଷମତା ରଖିଛି। ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହା କହିଛନ୍ତି। ସେ କହିଲେ, ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା। ଗତ ୧୧ ବର୍ଷରେ ୫୦ରୁ ଅଧିକ ଦେଶ ତାଙ୍କୁ ସେମାନଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ କାଶୀକୁ ସନାତନ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଭାବେ ଦେଖନ୍ତି। ଗତ ୧୧ ବର୍ଷରେ କାଶୀ ଐତିହ୍ୟ ଓ ଆଧୁନିକତାର ଅନୁପମ ସମ୍ମିଶ୍ରଣ ହୋଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ପ୍ରଥମଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀକୁ ୫୧ ଥର ପରିଦର୍ଶନ କରିଛନ୍ତି। ବାରାଣସୀ ପାଇଁ ୫୧ହଜାର କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଛି। ଏଥିରୁ ୩୪ହଜାର କୋଟି ଟଙ୍କାର ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ କାଶୀକୁ ନୂଆ ପରିଚୟ ଦେଇଛି। ବର୍ତ୍ତମାନ ୧୬ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଚାଲୁ ରହିଛି। ଏଥର ପ୍ରଧାନମନ୍ତ୍ରୀ କାଶୀକୁ ୨,୨୦୦ କୋଟି ଟଙ୍କାର ପ୍ରକଳ୍ପ ଉପହାର ଦେଉଛନ୍ତି, ଯାହା ସଂଯୋଗ, ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଓ ସାଂସ୍କୃତିକ ପୁନରୁଦ୍ଧାର ଉପରେ କେନ୍ଦ୍ରୀଭୂତ। ପୂର୍ବରୁ ଅନେକ କୃଷକ କୃଷି ଛାଡୁଥିଲେ ଓ କେତେଜଣ ଆତ୍ମହତ୍ୟା କରିଥିଲେ। ମାତ୍ର ୧୧ ବର୍ଷରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପିଏମ ଫସଲ ବୀମା, ପିଏମ ସିଞ୍ଚାଇ ଯୋଜନା ଓ ବିହନରୁ ବଜାର ପର୍ଯ୍ୟନ୍ତ ସମର୍ଥନ ଭଳି ପଦକ୍ଷେପ ଏକ ଦୃଢ଼ ବ୍ୟବସ୍ଥା ଗଢ଼ିଛି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କାଶୀରୁ ପ୍ରାୟ ୧୦ କୋଟି କୃଷକଙ୍କୁ ପିଏମ୍ କିଶାନ ଯୋଜନାର ଲାଭ ପ୍ରଦାନ କରିଥିଲେ। ଉତ୍ତରପ୍ରଦେଶରେ ୨.୩ କୋଟି କୃଷକ ପିଏମ-କିଶାନର ୨୦ତମ କିସ୍ତି ପାଉଛନ୍ତି, ଯେଉଁଥିରେ କାଶୀର ୨.୨୧ ଲକ୍ଷ ପରିବାର ରହିଛନ୍ତି। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ, ଭାଜପା ରାଜ୍ୟ ସଭାପତି ଚୌଧୁରୀ ଭୂପେନ୍ଦ୍ର ସିଂହ ଏବଂ ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହୀ, ସୁରେଶ ଖନ୍ନା, ଅନିଲ ରାଜଭର, ରବୀନ୍ଦ୍ର ଜୟସୱାଲ ଓ ଦୟାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨୮(ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୂର୍ବାହ୍ନ ୧୦ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକଲ ଶିକ୍ଷା ରଥ, ଆମ୍ବୁଲାନ୍ସ ଏବଂ ମା' ତାରିଣୀଙ୍କ ନଡ଼ିଆ ସଂଗ୍ରହ ଗାଡ଼ିର ଶୁଭ ଉଦ୍‌ଘାଟନ କରିବେ। ପୂର୍ବାହ୍ନ ୧୧ଟାରେ ଦରବାର ହଲରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେବେ, ଅପରାହ୍ନ ୩ଟାରେ କେନ୍ଦୁଝର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶାରେ ନୂଆ ଟିମ୍: ମନମୋହନ

ଭୁବନେଶ୍ୱର,୨୮(ସୁନିତ୍ ମିଶ୍ର)

ରାଜ୍ୟରେ ଶାସକ ଭାଜପାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଥର ଲାଗି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବା ପରେ ତାଙ୍କ ଟିମ୍‌ରେ କେଉଁମାନଙ୍କୁ ସ୍ଥାନ ମିଳୁଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ମନମୋହନ ସଭାପତି ନିଯୁକ୍ତ ହେବାର ଇତିମଧ୍ୟରେ ଗୋଟିଏ ମାସ ପୂରଣ ହେବାକୁ ବସିଲାଣି। ତେବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ନୂଆ କମିଟି ଘୋଷଣା ହେବ ବୋଲି ଶନିବାର ମନମୋହନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ନିଗମ ଓ ବୋର୍ଡ ନେଇ ବୈଠକ ବସିଲା ପରେ ନିଷ୍ପତ୍ତି ହେବ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମନମୋହନ ସଭାପତି ଦାୟିତ୍ୱ ନେବା ପରେ ନିକଟରେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଆସିବା ପରେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେବା ସମ୍ଭାବନା ନାହିଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ନୂଆ କମିଟି ହେବ ବୋଲି ସେ ସୂଚନା ଦେଇଥିଲେ। ନୂଆ କମିଟିରେ ୨୫% ନୂଆ ଚେହେରା ରହିବେ ବୋଲି କହିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ହେବା ପରେ ଦଳର ବହୁ ନେତା ନିଗମ ଓ ବୋର୍ଡରେ ନିଯୁକ୍ତି ପାଇବାକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

# ବାର୍ଷିକ ଆଧାରରେ ସୁନା ଚାହିଦା ୩% ବୃଦ୍ଧି

ନୂଆଦିଲ୍ଲୀ,୨।୮

କ୍ରମାଗତ ବର୍ଷରେ ସୁନାର ଚାହିଦା ବୃଦ୍ଧି ପାଇଛି। ଚଳିତ ବର୍ଷର ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୪୯ ଟନ୍‌ରେ ପହଞ୍ଚିଛି। ଏହା ଉଚ୍ଚ ମୂଲ୍ୟ ପରିବେଶରେ ଅଭିବୃଦ୍ଧି ସହ ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି)ର ୨୦୨୫ କ୍ୟୁ୨ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରେ ଉପରୋକ୍ତ ତଥ୍ୟରୁ ଏହା ଜଣାପଡ଼ିଛି। ଏପରିକି ସୁଦୃଢ଼ ସୁନା ନିବେଶ ପ୍ରବାହ ତ୍ରୈମାସିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରୋତ୍ସାହିତ କରିଛି। ଗୋଲ୍ଡ ଇଟିଏଫ ନିବେଶ ମୋଟ ଚାହିଦାର ଏକ ପ୍ରମୁଖ ପରିଚାଳକ ଭାବେ ବଜାୟ ରହିଥିବାବେଳେ ୨୦୨୪ର ୨ୟ ତ୍ରୈମାସିକରେ ସ୍ୱଳ୍ପ ରପ୍ତାନି ତୁଳନାରେ ଚଳିତ ବର୍ଷ ୨ୟ ତ୍ରୈମାସିକରେ ୧୭୦ ଟନର ସୁନା ଆମଦାନୀ ହୋଇଛି। ପ୍ରଥମ ତ୍ରୈମାସିକରେ ରେକର୍ଡ ଇନ୍‌ଫ୍ଲୋ ସହ ମିଳିତ ହୋଇ ଗ୍ଲୋବାଲ ଗୋଲ୍ଡ ଇଟିଏଫ ହୋଲଡିଂ ୩୪୭ ଟନରେ ପହଞ୍ଚିଛି; ଯାହାକି ୨୦୨୦ ପରଠାରୁ ପ୍ରଥମ ୬ ମାସରେ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ମୋଟ ବାର୍ ଓ କଏନ ନିବେଶ ମଧ୍ୟ ବାର୍ଷିକ ଆଧାରରେ ୧୧% ବୃଦ୍ଧି ପାଇ ୩୦୭ ଟନ ରହିଛି। ଏହାର ମଧ୍ୟରେ ଭାରତୀୟ ନିବେଶକମାନେ ନିଜର ହୋଲ୍ଡିଂ ବଢ଼ାଇବା ଜାରି ରଖିଛନ୍ତି, ଯାହା ୨ୟ ତ୍ରୈମାସିକରେ ମୋଟ ୪୬ ଟନ ରହିଛି। ୨୦୨୫ର ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ୧୬୬ ଟନ୍ ରହିଛି। ଏହି ହ୍ରାସ ସତ୍ତ୍ୱେ କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ବର୍ତ୍ତମାନ ସ୍ୱଳ୍ପ ଜାରି ରହିଥିବା ଅର୍ଥନୈତିକ ଓ ଭୂରାଜନୈତିକ ଅନିଶ୍ଚିତତା କାରଣରୁ ଯଥେଷ୍ଟ ଉଚ୍ଚସ୍ତରରେ ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନସିଲର ବରିଷ୍ଠ ବଜାର ବିଶେଷଜ୍ଞ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଭାବେ ଆମେ ଦେଖିଥିବା ମଜଭୁତ ନିବେଶ ଗତିବିଧି, ଏକ ଅର୍ଥନୈତିକ ଓ ଭୂରାଜନୈତିକ ବିପଦ ବିରୋଧରେ ଏକ ସୁରକ୍ଷାକବଚ ଭାବେ ସୁନାର ଭୂମିକାକୁ ସୂଚିତ କରୁଛି। ଗତ କିଛି ମାସରେ ସୁନାର ପ୍ରଭାବଶାଳୀ ପ୍ରଦର୍ଶନ ସହ ମିଳିତ ଭାବେ ବିଦ୍ୟମାନ ବଜାର ଅସ୍ଥିରତା ବିଶ୍ୱବ୍ୟାପୀ ନିବେଶକଙ୍କଠାରୁ ପୁଞ୍ଜି ଆକର୍ଷିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ବେଗ ସୃଷ୍ଟି କରିଛି। ଡଲାର ଦୃଷ୍ଟିରେ ସୁନା ଚଳିତ ବର୍ଷର ପ୍ରାରମ୍ଭରୁ ଏକ ଉଲ୍ଲେଖନୀୟ ୨୬% ବୃଦ୍ଧି ହାସଲ କରିଛି, ଯାହା ଅନେକ ପ୍ରମୁଖ ସମ୍ପତ୍ତି ଶ୍ରେଣୀକୁ ପଛରେ ପକାଇ ଦେଇଛି। ବିଶ୍ୱ ଅର୍ଥନୀତି କିମ୍ବା ଭୂରାଜନୈତିକ ସ୍ଥିତିରେ କୌଣସି ପ୍ରକାର ସାମଗ୍ରିକ ଅବନତି, ସୁନାର ସୁରକ୍ଷିତ ଆକର୍ଷଣକୁ ବଢ଼ାଇଥାଏ ଏବଂ ଯାହା ଏହାର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ ଇଣ୍ଡିଆର ରିଜିଓନାଲ ସିଇଓ ସଚିନ ଜୈନ କହିଛନ୍ତି, ଭାରତରେ ସୁନାର ଚାହିଦା ରହିଛି। ଗତ ବର୍ଷର ୧୪୯.୭ ଟନ୍ ସୁନା ଚାହିଦା ତୁଳନାରେ ଚଳିତ ବର୍ଷ ସୁନା ଚାହିଦା ପରିମାଣରେ ୧୦%ର ହ୍ରାସ ହୋଇ ୧୩୪.୯ ଟନ ରହିଥିବା ସତ୍ତ୍ୱେ ଏହି ଚାହିଦାର ମୂଲ୍ୟ ୩୦% ବୃଦ୍ଧି ପାଇଛି। ସୁନାର ହାରାହାରି ତ୍ରୈମାସିକ ଅନ୍ତର୍ଜାତୀୟ ମୂଲ୍ୟ ପ୍ରତି ଆଉନ୍ସ ୩୨୮୦.୪ ଡଲାରରେ ପହଞ୍ଚିଛି ଏବଂ ଘରୋଇ ମୂଲ୍ୟ ୧୦ଗ୍ରାମ ପିଛା ୯୦,୩୦୬.୮ ଟଙ୍କା ରହିଛି। ଏହା ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣ ସ୍ପଷ୍ଟ ସୂଚକ ରହିଛି। ନିବେଶ ଦୃଷ୍ଟିରୁ ଚାହିଦା ପରିମାଣ ୭% ବୃଦ୍ଧି ହୋଇ ୪୬.୧ଟନରେ ପହଞ୍ଚିଛି ଏବଂ ମୂଲ୍ୟ ୫୪% ବୃଦ୍ଧି ହୋଇ ୪୧,୭୫୦କୋଟି ଟଙ୍କା ରହିଛି। ଭାରତକୁ ଆମଦାନୀ ହୋଇଥିବା ସୁନା ପରିମାଣ ୩୪% ହ୍ରାସ ହୋଇ ୧୦୨.୫ ଟନ ରହିଥିବାବେଳେ ସୁନା ରିସାଇକ୍ଲ ସ୍ଥିର ରହିଛି; ଯାହା ୧% ବୃଦ୍ଧି ହୋଇ ୨୩.୧ ଟନରେ ପହଞ୍ଚିଛି। ସାମଗ୍ରିକ ଭାବେ ଚଳିତ ବର୍ଷର ୨ୟ ତ୍ରୈମାସିକ ସୁଦ୍ଧା ଭାରତରେ ସୁନାର ମୌଳିକ ଭୂମିକାକୁ ଶକ୍ତିଶାଳୀ କରିଛି। ୨୦୨୫ ଜାନୁଆରୀରୁ ଜୁନ୍ ମଧ୍ୟରେ ମୋଟ ସୁନା ଚାହିଦା ହାରାହାରି ୨୫୩ ଟନ ରହିଥିବାବେଳେ ଆମେ ସମ୍ପୂର୍ଣ୍ଣ ବର୍ଷର ଚାହିଦା ୬୦୦ରୁ ୭୦୦ ଟନ୍ ମଧ୍ୟରେ ରହିବ ବୋଲି ଆକଳନ କରୁଛୁ।

# ଦକ୍ଷତା ବିକାଶ ଜରିଆରେ ସାମୁଦାୟିକ ସଫଳତା



ଭୁବନେଶ୍ୱର,୨।୮ (ଅଭୟ ଦାଶ)

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତ ଆଲୁମିନିୟମର ଟ୍ରେନିଂ ସେଣ୍ଟର ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି କମ୍ପାନୀର ଲାଞ୍ଜିଗଡ଼ ୟୁନିଟ୍ ଜରିଆରେ ପରିଚାଳିତ ସ୍କିଲ ଟ୍ରେନିଂ ସେଣ୍ଟର ପ୍ରାୟ ୯୨% ନିଯୁକ୍ତି ହାର ହାସଲ କରିଛି। କମ୍ପାନୀର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହି ସଫଳତା ମିଳିଛି। ବିଶେଷକରି ଏହାର ପ୍ରଥମ ବ୍ୟାଚ୍ ବା ଖାଦ୍ୟ ଏବଂ ପାନୀୟ ବର୍ଗର ତାଲିମ ସଫଳତାର ସହ ଶେଷ ହୋଇଛି। ସେଣ୍ଟରର ଏହି ମାଇଲଖୁଣ୍ଟ ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ସେହିଭଳି ଚାକିରି ସ୍ଥାନ ବ୍ୟତୀତ ଏହି କାର୍ଯ୍ୟକ୍ରମ ଡିଜିଟାଲ ଶିକ୍ଷାରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ ଘଣ୍ଟାର ଆଇଟି ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି। ଏହା ଡିଜିଟାଲ ସଶକ୍ତୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ୯୦% ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଡିଜିଟାଲ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା। ଏହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ସହ ଦକ୍ଷତା ପ୍ରଦାନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନାର ସିଇଓ (ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ କଳାହାଣ୍ଡିର ଯୁବପିଢ଼ିଙ୍କ ଆକାଂକ୍ଷାକୁ ସକ୍ଷମ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଅଛୁ। ଏପରିକି ଆମେ ସାମୁଦାୟିକ ବିକାଶକୁ ଗୁରୁତ୍ୱ ଦେଉଥିଲାବେଳେ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏହାକୁ ଏକ ରଣନୈତିକ ଜରୁରତା ଭାବେ ଦେଖୁ। ଯେତେବେଳେ ଯୁବକମାନେ ଠିକ୍ ଦକ୍ଷତା ଏବଂ ଏକ୍ସପୋଜର ସହ ସଜ୍ଜିତ ହୁଅନ୍ତି, ସେତେବେଳେ ଏହା ପରିବାର, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ଉଲ୍ଲେଖନୀୟ ନିଯୁକ୍ତି ମାଇଲଖୁଣ୍ଟ। ଶିଳ୍ପ ଏବଂ ସମ୍ପ୍ରଦାୟର ଅଂଶ ଗ୍ରହଣକୁ ଦର୍ଶାଉଛି। ଏକାଠି ହେଲେ କ'ଣ ସମ୍ଭବ, ଏହା ମାଧ୍ୟମରେ ତାହା ପ୍ରତିଫଳିତ ହୋଇଛି। ସେହିଭଳି ନାବାର୍ଡର ଜିଲା ବିକାଶ ପରିଚାଳକ ମହେଶ୍ୱର ଦାସ କହିଛନ୍ତି, ଏହିପରି ପଦକ୍ଷେପଗୁଡ଼ିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ସମର୍ଥକ। ଏପରିକି ସେମାନେ ଗ୍ରାମୀଣ ସମ୍ଭାବନା ଏବଂ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରନ୍ତି। ସ୍ଥାନୀୟ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ପଥ ସୃଷ୍ଟି କରିବାରେ ବେଦାନ୍ତର ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ। ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳ ସ୍ତରର ନେତୃତ୍ୱାଧୀନ ବିକାଶକୁ ଆଗେଇନେବା ପାଇଁ ଏହି ସହଭାଗିତାକୁ ଆହୁରି ଗଭୀର କରିବାକୁ ଆମେ ଅପେକ୍ଷା କରୁଛୁ।

## ୪ ବର୍ଷରେ ୪୫୦ ମିଲିୟନ ଡାଉନଲୋଡ

ନୂଆଦିଲ୍ଲୀ,୨।୮

ଦେଶର ପ୍ରମୁଖ ଇକର୍ମସ ପ୍ଲାଟ୍‌ଫର୍ମ ଶପ୍ସି କମ୍ ସମୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ୪ ବର୍ଷ ମଧ୍ୟରେ ଏହି ପ୍ଲାଟ୍‌ଫର୍ମ ୪୫୦ ମିଲିୟନ ଆପ୍ ଡାଉନ୍‌ଲୋଡ୍ ଅତିକ୍ରମ କରିଛି। ବର୍ତ୍ତମାନ ୧୯,୦୦୦ ରୁ ଅଧିକ ପିନ୍‌କୋଡ୍‌ରେ ଏହା ବିତରଣ କରୁଛି। ଏହା ଦେଶର ସମସ୍ତ ଅଞ୍ଚଳରେ ମେଟ୍ରୋ ସହରରୁ ଟାୟାର ୪ ସହର ପର୍ଯ୍ୟନ୍ତ ସେବା ଯୋଗାଉଛି। ଫ୍ଲିପ୍‌କାର୍ଟ ଦ୍ୱାରା ଶପ୍ସି ପରିଚାଳିତ ହେଉଥିଲାବେଳେ ମୂଲ୍ୟ-ସଚେତନ କ୍ରେତାମାନଙ୍କୁ ଅପରାଜେୟ ମୂଲ୍ୟ ପ୍ରଦାନ ସହ ଭାରତ ଲାଇଭ୍ କିଙ୍ଗ/କୁଇନ-ସାଇଜ୍ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛୁ। ଏହାର ଲକ୍ଷ୍ୟକୁ ଗଭୀର କରି ପ୍ଲାଟ୍‌ଫର୍ମ ୪ର୍ଥ ବାର୍ଷିକୀ ପାଳନ କରିଛି। ଫ୍ଲିପ୍‌କାର୍ଟ,ଶପ୍ସି ଏବଂ ଫ୍ଲିପ୍‌କାର୍ଟ ମାର୍କେଟପ୍ଲେସର ବ୍ୟବସାୟ ମୁଖ୍ୟ କପିଲ ଥିରାନୀ କହିଛନ୍ତି,ମାତ୍ର ୪ ବର୍ଷ ମଧ୍ୟରେ ସମଗ୍ର ଭାରତରେ ମୂଲ୍ୟ-ସଚେତନ କ୍ରେତାମାନଙ୍କ ପାଇଁ ଶପ୍ସି ଏକ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଗୁଣାତ୍ମକ ଉତ୍ପାଦଗୁଡିକର ଏକ ବ୍ୟାପକ ଚୟନ ପ୍ରଦାନ କରିବା, ଆବିଷ୍କାରକୁ ସରଳ କରିବା ଏବଂ ଆମ ଦେଶକୁ ଅନ୍ତର୍ଭୁକ୍ତ କରୁଥିବା ଅନେକ 'ମିନି ଭାରତ' ରେ ଗ୍ରାହକମାନଙ୍କୁ ଏକ ନିରବଚ୍ଛିନ୍ନ ,ସ୍ଥାନୀୟ ଅଭିଜ୍ଞତା ପ୍ରଦାନ କରିବା ଉପରେ ଆମର ଧ୍ୟାନ ରହିଛି।

# ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୮

ଫୋନ୍‌ପେର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ଭାରତର ମର୍ଚ୍ଚାଣ୍ଟ ଇକୋସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ଦିଷ୍ଟ ଏକ କୌଶଳଗତ ପଦକ୍ଷେପ ବୋଲି କୁହାଯାଉଛି। ଏହି ପ୍ରୋଗ୍ରାମଟି ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ବିଲିଂ ସଫ୍ଟୱେର, ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ (ଇଆର୍‌ପି) ସଫ୍ଟୱେର, ଭେଣ୍ଡିଂ ମେଶିନ ଏବଂ ସେଲ୍ଫ-ସର୍ଭିଂ କିଓସ୍କ ସମେତ ବିଭିନ୍ନ ସେବା ପ୍ରଦାନ କରୁଥିବାବେଳେ ସେବା ପ୍ରଦାନକାରୀମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କୁ ଫୋନ୍‌ପେ'ର ସମନ୍ୱିତ ସଲ୍ୟୁସନଗୁଡ଼ିକ ରେଫର କରିବା ଏବଂ କଷ୍ଟମାଇଜ କରାଯାଇଥିବା କମିଶନ ବା ରୋଜଗାର କରିବାର ବିଶେଷ ସୁଯୋଗ ପ୍ରଦାନ କରିଥାଏ। ସେହିଭଳି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସେବା ପ୍ରଦାନକାରୀ (ପାର୍ଟନର) ଓ ସେମାନଙ୍କର ମର୍ଚ୍ଚାଣ୍ଟ (କ୍ଲାଏଣ୍ଟ)ଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ବିଲିଂ ଏବଂ ଇଣ୍ଟିଗ୍ରେଟେଡ୍ ପେମେଣ୍ଟ ସଲ୍ୟୁସନ ପ୍ରଦାନ କରିପାରିବେ। ଏହି ସୁବିଧା ମର୍ଚ୍ଚାଣ୍ଟଙ୍କ ପାଇଁ ପେମେଣ୍ଟ ମ୍ୟାନେଜମେଣ୍ଟକୁ ସରଳ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କ ଷ୍ଟୋରର କାର୍ଯ୍ୟ ସଞ୍ଚାଳନକୁ ସୁଗମ କରିବ। ମର୍ଚ୍ଚାଣ୍ଟମାନେ ନିଜ ବିଲିଂ ସଫ୍ଟୱେର ସହିତ କିଛି ଘଣ୍ଟା ମଧ୍ୟରେ ଫୋନ୍‌ପେ'ର ଇଣ୍ଟିଗ୍ରେଟେଡ୍ ସଲ୍ୟୁସନ ସହ ଲାଇଭ ହୋଇପାରିବେ, ଯାହା ଗ୍ରାହକଙ୍କୁ ଏକ ସରଳ ପେମେଣ୍ଟ ଅନୁଭବ ଦେବ। ଏହା ମଧ୍ୟରେ ଇଣ୍ଟିଗ୍ରେଟେଡ୍ ପିଓଏସ୍ ଡିଭାଇସ ସହ ପ୍ରତ୍ୟେକ ଟ୍ରାଞ୍ଜାକସନ ପାଇଁ ସ୍ୱତନ୍ତ୍ର କୋଡ୍ ସୃଷ୍ଟି କରୁଥିବା ଡାଇନାମିକ କ୍ୟୁଆର୍, ଏସ୍‌ଏମ୍‌ଏସ୍-ଆଧାରିତ ଅର୍ଥ ସଂଗ୍ରହ ପାଇଁ ପେମେଣ୍ଟ ଲିଙ୍କ୍ ଇତ୍ୟାଦି ସାମିଲ ରହିଛି।

# ଯୋଗାଣ ଶୃଙ୍ଖଳରେ ହ୍ରାସ ଆଶଙ୍କା

ନୂଆଦିଲ୍ଲୀ,୨।୮

ଆଗାମୀ ଦିନରେ ଭାରତରୁ ଆମେରିକାକୁ ରପ୍ତାନି କରାଯାଉଥିବା ସବୁ ବର୍ଗର ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଯୋଗାଣ ଶୃଙ୍ଖଳ ଅନେକାଂଶରେ ହ୍ରାସ ଘଟିପାରେ ବୋଲି ଆଇଇଏସ୍‌ଏର ସଭାପତି ଅଶୋକ ଚଣ୍ଡକ ଆକଳନ କରିଛନ୍ତି। ବିଶେଷକରି ଭାରତୀୟ ସାମଗ୍ରୀ ଉପରେ ଆମେରିକା ଦ୍ୱାରା ୨୫% ଶୁଳ୍କ ଲାଗୁ ଏକ କ୍ଷଣସ୍ଥାୟୀ ଭାରତୀୟ ଇଲେକ୍ଟ୍ରୋନିକ୍ସ ରପ୍ତାନି ହେବ, ଯାହା ଯୋଗାଣ ଶୃଙ୍ଖଳକୁ ବାଧାଦେଇପାରେ ଏବଂ ମୂଲ୍ୟ ପ୍ରତିଯୋଗିତାକୁ ହ୍ରାସ କରିପାରେ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ଯଦି ମୂଳ ସୀମା ୧୦% ଉପରେ ୨୫% ଶୁଳ୍କ ଜାରି ରଖାଯାଏ, ତେବେ ଅନ୍ୟ ଏସୀୟ ଦେଶଗୁଡ଼ିକ ତୁଳନାରେ ଭାରତ ଆଉ କୌଣସି ବଡ଼ ଲାଭ ପାଇବ ନାହିଁ। ବିଶେଷକରି ସ୍ମାର୍ଟଫୋନ୍ ରପ୍ତାନି ଓ ପ୍ରସ୍ତାବିତ ଶୁଳ୍କ ଯୋଗୁ ବଜାର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି। ଯଦିଓ ଭାରତ ଚାଇନ୍‌ଠାରୁ ଦୂରରେ ରହିଛି ଏବଂ ସେମାନଙ୍କର ଯୋଗାଣ ଶୃଙ୍ଖଳାକୁ ବିବିଧ କରୁଥିବା କମ୍ପାନୀଗୁଡ଼ିକଠାରୁ ଆଗକୁ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତଥାପି ଏହା ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ବଡ ଆଶଙ୍କା ସହ ରପ୍ତାନି ବଜାରକୁ ବିବିଧ କରିବାକୁ ପଡ଼ିବ। ଘରୋଇ ବଜାରକୁ ଦୃଢ଼ କରିବା ଏବଂ ଭାରତୀୟ ବ୍ରାଣ୍ଡ ସହିତ ଉତ୍ପାଦଗୁଡ଼ିକୁ ବିକଶିତ କରିବା ପାଇଁ ମୂଲ୍ୟ-ସମ୍ବେଦନଶୀଳ, ଶୁଳ୍କ-ଉଦ୍‌ଘାଟିତ ରପ୍ତାନି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ମୂଲ୍ୟ ଶୃଙ୍ଖଳାକୁ ଉପରକୁ ଉଠାଇବା ଜରୁରିତାକୁ ମଧ୍ୟ ରେଖାଙ୍କିତ କରିଥାଏ।


## Office of the Executive Engineer, Support Services Division,
2nd Floor, Dam Safety Building, Secha Sadan, Bhubaneswar - 751001.
E-mail :eessdivision@gmail.com.

**QUOTATION CALL NOTICE NO.06/2025-26**

**No.A-444** : Sealed quotations are invited from eligible Firms Suppliers, and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 12.08.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 04.08.2025 to 3.00 PM of 12.08.2025 on payment of Rs. 100/- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(1)/2025-26 |
| 2 | Supply of two nos. of 8 Port Switch to the room no. 263 & 264 for the official use under CE, ISWI, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(2)/2025-26 |
| 3 | Supply of Two nos. of Air Conditioner to the Room no. 305 and 347, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(3)/2025-26 |
| 4 | Supply of Chairs to the Room no. 313 under CE, Water Services, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(4)/2025-26 |
| 5 | Supply of six nos. of Wooden Chair and four nos. of Visiting Chair for the official use under CE, Procurement, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(5)/2025-26 |

Sd./- Executive Engineer,
Support Services Division, Bhubaneswar
OIPR-32447/11/0026/2526

## ପୌର ପରିଷଦ କାର୍ଯ୍ୟାଳୟ, ଜୟପୁର
## OFFICE OF THE MUNICIPAL COUNCIL, JEYPORE
Phone No.: 06854-231098, e-Mail: ulbjeypore@gmail.com
Letter No. 3373 Date: 01.08.25

**QUOTATION CALL NOTICE**

No. C-794: Sealed quotation in plain paper/letter pad is invited from the interested registered firm/agency for supply of Jeypore Municipality 6 Nos. of Boy Spare Parts and Repairing & Maintenance of Jeypore Municipality. They can apply to this office as per specification which is mentioned below. This will be received by the undersigned upto 11.00 A.M. on Dt.08.08.2025 and will be opened at 4.00 P.M. on the same day. If the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

| Sl. No. | Name of the Items | Quantity | Rate in Rs. | Amount in Rs. |
|---|---|---|---|---|
| 1 | Cy Gold BLDC 1500 Watt Motor | | | |
| 2 | Converter | | | |
| 3 | Key System | | | |
| 4 | Throttle | | | |
| 5 | Controller | | | |
| 6 | Gear Oil | | | |
| 7 | Mechanical Gear Breaker | | | |
| 8 | Wiring Kit | | | |
| 9 | Brake Shoe | | | |
| 10 | Bearing (Front/Back) | | | |
| 11 | Cable | | | |
| 12 | Socket | | | |
| 13 | Handle Bearing | | | |
| 14 | Battery Charger | | | |

Add: Packing and forwarding and delivery charged. GST Charges Extra @18%.

Sd./- Executive Officer
Jeypore Municipality
OIPR-13079/11/0053/2526

## GOVERNMENT OF ODISHA
## OFFICE OF THE PANCHAYAT SAMITI, RENGALI, SAMBALPUR
E-mail : ori-rengali@nic.in

**TENDER CANCELLATION NOTICE (E-TENDER)**
Bid Identification No.P.S./REN/SBP/DEV/01/2025-26
No.3097 / Date. 31.07.2025

**CANCELLATION NOTICE**

No.I- : This is to inform all concerned that Tender Notice (e-tender) No. 2711, dated 05.07.2025, issued by the Office of the Panchayat Samiti, Rengali, Sambalpur, is hereby canceled with immediate effect due to some Technical Error.

Fresh Tender shall be invited shortly in the website www.tendersodisha.gov.in only.

Sd./- Block Development Officer
Rengali
OIPR-15013/11/0067/2526

## GOVERNMENT OF ODISHA
## OFFICE OF THE DISTRICT PROJECT COORDINATOR
## SARVASIKHYA AVIYAN, SAMBALPUR

**E-Procurement Notice**
Bid Identification No: SSA/SBP/CIVIL/01/2025-26
E-mail: dpcsambalpur.opepa@nic.in Phone/Fax-0663-2410834
No.166/CW/Dated 29.07.25

**No.n-112:**1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Single & Double Cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of Works: 09 (Nine)
3. Tender Cost: Rs.10,000/- & Rs.6000.00/-
4. Class of Contractor : "B" Class & "C" Class
5. Date and Time Available in website & receipt of Bids: 12.00 Hrs. of 04.08.2025 to 17.00 Hrs. of 16.08.2025.
6. Date of Opening of Tender : 20.08.2025 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only.
8. Any Corrigendum/ Addendum will be displayed in the website www.tendersodisha.gov.in. only.

Sd./- District Project Coordinator
SSA, Sambalpur
OIPR-27119/11/0002/2526

No. C-791

## OFFICE OF THE NOTIFIED AREA COUNCIL
## REMUNA, BALASORE
e-mail: remuna-nac@gov.in, Tel. No.: 06782-291978
Letter No. 1181 Dated: 31.07.25

| | | |
|---|---|---|
| 01 | Type of Work | Sanitation Work |
| 02 | No. of Work | 01 (One) No. |
| 03 | Class of Contractor | As per DTCN |
| 04 | Bid Identification No. | RN_02_2025-26 |
| 05 | Estimate Cost | 17.92 Lakh |
| 06 | Date and time availability of bid documents in the portal | Dt.01.08.2025 at 10.00 A.M. to Dt.16.08.2025 upto 5.00 P.M. |
| 07 | Last date/time for receipt of bids in the portal | Dt.16.08.2025 upto 5.00 P.M. |
| 08 | Date of Opening Bid | Dt.18.08.2025 at 11.00 A.M. |
| 09 | Name and address of the Officer Inviting Bid | Executive Officer, NAC Remuna, Dist.: Balasore - 756019 Mail ID: remuna-nac@od.gov.in |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government website **http://tenderodisha.gov.in**.

Sd./- Executive Officer, Remuna NAC
OIPR-13204/11/0019/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, SAMBALPUR
Phone No. (0663)-2412791(Off.), E-mail : eemisbp@yahoo.co.in
No. 2575/Date. 30.07.2025

**'e' Procurement Notice**
**BID REF No. : SE, MID, SBP/02/2025-26**

No.A-445

| | | |
|---|---|---|
| Name of work | : | Civil Construction works |
| No. of Works | : | 15 (Fifteen) Nos. |
| Estimated cost | : | Varies from approximately Rs.7.14 lakh to Rs.45.74 lakh for 15 Nos. of work (Rs.331.50 lakh) |
| Tender paper cost | : | Referred to DTCN |
| Period of completion | : | Referred to DTCN |
| Availability of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** in website (www.tendersorissa.gov.in) |
| Period of receipt of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** through online |
| Date of opening of bid documents | : | On **dt.30.08.2025 at 10.00 A.M.** onwards |
| Digital signature certificate of Bidder | : | The bidder must posses compatible digital signature certificate (DSC) of Class-II or Class-III |

**The detail tender call notice can also be seen in the DOWR website - http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in |
| Further details can be seen from the e-Procurement market place | : | http://tendersorissa.gov.in |

Sd./- Superintending Engineer
M.I.Division, Sambalpur
OIPR-32036/11/0019/2526

## ZILLA SWASTHYA SAMITI, KEONJHAR
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(DSU CELL KEONJHAR)

**SHORT TENDER CALL NOTICE**

Advt. No. 1444 Date: 01.08.2025

No. E-280: Sealed tender is invited from the registered supplier/firm for supply of Kit, Consumable, Glass, Plastic Items, Instrument and equipment's under DPHL for the year 2024-25. The interested supplier/firm having valid GST Regd. No. may be applied. The lists of the items are mentioned below in details. The term & condition of the tender may be downloaded from the website **www.kendujhar.odisha.gov.in**. The tender should reach to the office of the undersigned by 19.08.2025 at 5 P.M. through Speed Post/Regd. Post/Courier and which will be opened on the same day at 19.08.2025 at 5.30 P.M. DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0043/2526

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ
## OFFICE OF THE SUPERINTENDING ENGINEER
## RENGALI DAM DIVISION, RENGALI DAM SITE
ANGUL - 759105, e-mail : rengalidam@gmail.com

**'e'-Procurement Notice No.SE-RDD-02/2025-26**

**No.A-455** : The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from Manufacturer of DG set or Electrical Contractor (HT/MV) registered with the State Government of Odisha or from contractors of equivalent grade /class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Supply, Installation, Testing and Commissioning of 250 KVA DG Set at Rengali Dam Site |
| 2 | No. of works | : | 01 (One) Nos of works |
| 3 | Estimated Cost | : | 30.69 Lakh (Excluding GST) |
| 4 | Cost of tender paper | : | **Rs.6000.00 (Non-refundable)** |
| 5 | EMD/Bid Security | : | **Rs.30,700.00 (Refundable)** |
| 6 | Class of contractor | : | Manufacturer of DG set or Electrical Contractor (HT/MV) |
| 7 | Period of Completion of work | : | 02 Calendar month |
| 8 | Date and time of availability of bid Document in the website | : | From 11.00 A.M. of Dt.05.08.2025 to 5.00 P.M. of Dt.16.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.18.08.2025 at 11.00 A.M. in O/o the Superintending Engineer, Rengali Dam Division, rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.21.08.2025 at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer
Rengali Dam Division,
Rengali Dam Site
OIPR-32028/11/0009/2526

## GOVERNMENT OF ODISHA
PR & DW, DEPARTMENT
No.i-258
## OFFICE OF THE PANCHAYAT SAMITI, KAMAKHYANAGAR
BID DOCUMENT
BID IDENTIFICATION NO - 02/2025-26
**Tender call Notice No. Panchayat Samiti Office, Kamakhyanagar - 02/2025-26**

| | Name of Work | |
|---|---|---|
| 01 | Construction of Office Building with Market Complex of GPLF in Anlabereni GP | Rs.24,65,990.00 |
| 02 | Construction of Office Building with Market Complex of GPLF in Baruan (K) GP | Rs.24,65,990.00 |
| 03 | Construction of Additional Class Room at JKS United High School in Kotagara GP | Rs.14,45,314.00 |
| 04 | Construction of Additional Class Room at Ambabola Primary School in Baruan (K) GP | Rs.14,45,314.00 |
| 05 | Construction of Additional Class Room at Jagannathpur Primary School in Jagannathpur GP | Rs.14,64,784.00 |
| 06 | Construction of Additional Class Room at Dhobabahali Harijan Sahi Project Primary School in Tumusingha GP | Rs.14,64,784.00 |
| 07 | Construction of 50 MT Godown at Mahulpal PACs | Rs.13,75,219.00 |
| 08 | Construction of Office Building at Mahulpal PACs | Rs.10,56,407.00 |

Sd./- BLOCK DEVELOPMENT OFFICER
KAMAKHYANAGAR
OIPR-19309/11/0004/2526

## ZILLA PARISHAD, BARGARH
E-Mail ID : ori-dbargarh@nic.in, Telephone No. : 06646-234499
Letter No. : 3410 Date : 31.07.2025

**NOTICE INVITING TENDER**

**No.CAD-1355** : The Chief Development Officer-cum-Executive Office (CDO-cum-EO), ZP, Bargarh on behalf of District Administration, Bargarh, Odisha invites Tenders/Bids in two cover bid system for **"Request for Proposal for Operation & Maintenance of Food Processing Centers at Designated Site(s) on PPP Basis"**. The bids should reach the undersigned by speed post/ registered post. The last date for submission of tenders is **30.08.2025 up to 5.00 PM.** Details regarding terms & conditions and submission of bids can be downloaded from the district website of Bargarh: https://bargarh.odisha.gov.in.

| Sl. No. | Event Description | Date |
|---|---|---|
| 1 | Availability of Bidding Documents | 01.08.2025 |
| 2 | Pre-Bid conference | 08.08.2025 |
| 3 | Bid Due Date (Last date of submission of bids) | 30.08.2025 |
| 4 | Opening of Technical Bids | 01.09.2025 |
| 5 | Date of Technical Presentation | 03.09.2025 |
| 6 | Announcement of qualified Bidders | 04.09.2025 |
| 7 | Opening of Financial Bids | 06.09.2025 |
| 8 | Letter of Award (LOA) | 08.09.2025 |
| 9 | Signing of Concession Agreement | Within 15 days of award of LOA |

Sd./- CDO-cum-EO
Zilla Parishad, Bargarh
OIPR-19244/11/0004/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ..............................



ଅମିତ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିକ୍ସଡ୍ ରିଲେରେ ଆମେରିକାର ବିଶ୍ୱ ରେକର୍ଡ

**ସିଙ୍ଗାପୁର, ୨।୮ (ଏପି)**

ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ଆମେରିକାର ୪x୧୦୦ ମିକ୍ସଡ ରିଲେ ଦଳ ୩ ମିନିଟ ୧୮.୪୮ ସେକେଣ୍ଡ ଟାଇମିଂ ସହ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆ (୨୦୨୩ରେ ଟାଇମିଂ ୩:୧୮.୮୩) ନାମରେ ରହିଥିଲା। ଚଳିତ ଚାମ୍ପିୟନଶିପ୍‌ରେ ଏହା ଦ୍ୱିତୀୟ ବିଶ୍ୱ ରେକର୍ଡ। ଏହାକୁ ମିଶାଇ ଆମେରିକାର ସନ୍ତରଣକାରୀମାନେ ଶନିବାର ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେଟି ଲେଡେକି ୮୦୦ ମିଟର ଫ୍ରିଷ୍ଟାଇଲ ଏବଂ ଗ୍ରିଚେନ୍ ୱାଲ୍ଶ ୫୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ଜିତିଛନ୍ତି। ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହେବାକୁଥିବା ବେଳେ ଆମେରିକୀୟମାନଙ୍କ ସ୍ୱର୍ଣ୍ଣ ସଂଖ୍ୟା ୮ରେ ପହଞ୍ଚିଛି। ରିଲେ ସ୍ୱର୍ଣ୍ଣ ବ୍ୟତୀତ ଲିଡେକି ୮୦୦ମିଟର ଫ୍ରିଷ୍ଟାଇଲରେ ଅପରାଜେୟ ରହିଥିଲେ। ସେ ପ୍ରଥମେ ଏହି ରେସ୍ ୨୦୨୧ ଅଲିମ୍ପିକ୍ସରେ ଜିତିଥିଲେ। ଏହାପରଠାରୁ ସେ ଏହି ଇଭେଣ୍ଟରେ କେବେ ପରାଜିତ ହୋଇନାହାନ୍ତି। ୭୦୦ମିଟର ପରେ ୧୮ ବର୍ଷୀୟା କାନାଡାର ସମର ମ୍ୟାକ୍‌ଇଣ୍ଟୋସଙ୍କ ୮୦୦ ମିଟର ରେସ୍ ସ୍ୱର୍ଣ୍ଣ ଉପରେ ନଜର ଥିଲା। ମାତ୍ର ସେ ବିଫଳ ହୋଇଥିଲେ। ଏହି ରେସ୍‌କୁ ଲିଡେକି ୮:୦୫.୬୨ ଟାଇମିଂରେ ଜିତିଥିବା ବେଳେ ଅଷ୍ଟ୍ରେଲିଆର ଲାନି ପାଲିଷ୍ଟର (୮:୦୭.୨୯) ରୌପ୍ୟ ଓ ମ୍ୟାକ୍ ଇଣ୍ଟୋସ (୮:୦୭.୨୯) ବ୍ରୋଞ୍ଜ ପଦକ ପାଇଥିଲେ। ମ୍ୟାକଇଣ୍ଟୋସ ସିଙ୍ଗାପୁରରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ଥିଲେ। ମାତ୍ର ଇତିମଧ୍ୟରେ ସେ ୩ଟି ଜିତି ସାରିଛନ୍ତି। ରବିବାର ସେ ତାଙ୍କ ଫେଭରିଟ୍ ୪୦୦ମିଟର ଇଣ୍ଡିଭିଜୁଆଲ ମିଡ୍‌ଲେରେ ଭାଗ ନେବେ।



କେଟି ଲେଡେକି (ମଝି), ରୌପ୍ୟ ବିଜେତା ଅଷ୍ଟ୍ରେଲିଆର ଲାନି ପାଲିଷ୍ଟର (ବାମ) ଓ ବ୍ରୋଞ୍ଜ ବିଜେତା କାନାଡାର ସମର ମ୍ୟାକ୍‌ଇଣ୍ଟୋସ।

**ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍**

# ଖେଳାଳି, ଷ୍ଟାଫ୍‌ଙ୍କ ସହ ଚୁକ୍ତି ବାତିଲ କଲା ଓଏଫ୍‌ସି

**ଭୁବନେଶ୍ୱର, ୨।୮ (ଅନାଦି କର)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ପରବର୍ତ୍ତୀ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ଓଡ଼ିଶା ଏଫ୍‌ସି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି କ୍ଲବ ତା'ର ସମସ୍ତ ଖେଳାଳି ଓ ଷ୍ଟାଫ୍‌ଙ୍କ ଚୁକ୍ତିକୁ ସସ୍‌ପେଣ୍ଡ କରି ଦେଇଛି, ଯାହାକି ଆସନ୍ତା ୫ ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଇଏସ୍‌ଏଲ୍‌ର ୭ ଦଳ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କୁ ଏକ ବୈଠକ ଲାଗି ଅନୁରୋଧ କରିଥିବା ବେଳେ ଓଡ଼ିଶା ଏଫ୍‌ସି ଲିଗ୍‌ର ପ୍ରଥମ ଦଳ ଭାବେ ଏଭଳି ନିଷ୍ପତ୍ତି ନେଇଛି। କ୍ଲବର ମାଲିକ ରୋହନ ଶର୍ମା ସୋସିଆଲ ମିଡିଆରେ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ରୂପେ ବନ୍ଦ ହେଉ ନାହିଁ। କ୍ଲବର କିଛି ମୁଖ୍ୟ ଷ୍ଟାଫ୍ ଏବେ ବି ଅଛନ୍ତି ଏବଂ ମହିଳା ଦଳର କାର୍ଯ୍ୟ ଜାରି ରହିବ। ଆଇଏସ୍‌ଏଲ୍‌ର ଭବିଷ୍ୟତକୁ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ବେଳେ ଅଧିକ ଟଙ୍କା ଖର୍ଚ୍ଚ କରିବା ଲାଗି ନିବେଶକାରୀଙ୍କୁ ବୁଝାଇବା କଷ୍ଟକର ହେଉଥିଲା। ଆଶା କରୁଛୁ ଆମର ଏହି ନିଷ୍ପତ୍ତି ଅନ୍ୟଙ୍କୁ ସମାଧାନ ଦିଗରେ ଯଥାଶୀଘ୍ର କାମ କରିବାକୁ ବାଧ୍ୟ କରିବ।


## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ନିଶି ରଞ୍ଜନ କର (ମିଲୁ)**

**ମଲାମାଛ, କାକଟପୁର**

ଆବିର୍ଭାବ: ୧୬।୦୬।୧୯୮୪

ତିରୋଧାନ: ୦୩।୦୮।୨୦୨୨

ଜୀବନରେ ସବୁ କିଛି ମିଳିଯାଇପାରେ, ହେଲେ ମୋର ସେ ପୁରୁଣା ଦିନ ଆଉ କେବେ ମିଳେନି। ତୋ ଭଲ ପାଇବାକୁ ଖୋଜୁଛି ମୋ ମନ, କେତେ କଷ୍ଟ ପାଉଛି ମୁଁ ଜାଣିଛୁ କି ଧନ। ଏ ଜନ୍ମରେ ପାରିବିନି ଶୁଝି ତୋ ଋଣ, ସବୁ ଜନ୍ମରେ ଆସିବୁ ରହିଲା ମୋ ରାଣ। ହଜାର ଦୁଃଖ ଭିତରେ କେବଳ ତୁ ମୋ ଖୁସି, କିପରି ମତେ ଏକା ଛାଡ଼ି ଚାଲିଗଲୁ, ମୋ ଭାଇ ସରଗର ଶଶୀ। ପ୍ରଭୁ ଶ୍ରୀଜଗନ୍ନାଥ, ମା' ମଙ୍ଗଳାଙ୍କୁ କରୁଛି ମୁଁ ପ୍ରଣିପାତ, ତୋ ଅମର ଆତ୍ମା ଶାନ୍ତି ଲାଭ କରୁ କରୁଛି ମୁଁ କୋଟି କୋଟି ଦଣ୍ଡବତ।

**ହତଭାଗିନୀ ନାନୀ**

ଧ-୭୬୦୭୦


# Classified Everyday

**0674-2580101, 9692975378**



MATRIMONIAL

## BRIDE WANTED

Bride wanted. Karan Gourbarnna lower middle class well educated 30-35 years, 5'6". Contact- 7873817735. D-1524

କମ୍ପାନୀ ଚାକିରି ଓ ଭଲ ଆୟ ଥିବା +୨ ଶିକ୍ଷାଗତ ଯୋଗ୍ୟତାଯୁକ୍ତ ବ୍ରାହ୍ମଣ ପାତ୍ର ପାଇଁ ବ୍ରାହ୍ମଣ-ଅବଧାନ ଜାତିର ଗାଉଁଲି ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 7750014461. D-1525

Handsome Teli Boy 1996, 5'7", B.Sc., MA Serving Airforce. "SUNASANSAR". 9937512659. D-76300

Looking for a Fair/ Slim homely Odia Khandayat/ Kshatriya bride age 22-28 from BHUBANESWAR for a fair looking handsome groom 31 years, 163 cm, 58 kg from an established/educated Kshatriya family working as permanent State Government Doctor (Medical Officer). Only Parents or bride should Contact directly with details in WhatsApp 7682077583. No middleman/ agent/ broker please. D-1477

## GROOM WANTED

ବୟସ 28, Nurse ଚାକିରି କରୁଥିବା ସୁନ୍ଦରୀ ସୁଶୀଳ କରଣ ଜାତିର ଝିଅଙ୍କ ପାଇଁ Private/ Business/ Government ବରପାତ୍ର ଆବଶ୍ୟକ। 7326056138. D-1529



REAL ESTATE

## SALE

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376


BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

ଭୁବନେଶ୍ୱର AIIMS MEDICAL ପାଖରେ B.D.A Town Planning, Road 30ft, Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D- 1515

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286





5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

5-Story Building for rent approx 10,000sqft Palasuni, Bhubaneswar Spacious 1BHK & 2BHK units available. Ideal for Ladies/Gents Hostel, Tutorial Center, Bank or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-1519

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble floorings readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069





Positively health benefits SPA expert female therapist homely atmosphere. 9114559830. D-1516

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

Full body massage by odia therapist in homely atmosphere. 9556498382. D-75395

## AFFIDAVIT

By virtue of an affidavit sworn before the hon'ble Executive Magistrate, Bhubaneswar on dt. 02.08.2025, I, New name Turia Pradhan, Address- Pankalsahi, P.O.- Rauti, P.S.- Jagannathprasad, Dist.- Ganjam, Odisha-761121 declare that I have changed my name from Jhuria Pradhan (Old name) to Turia Pradhan (New name) for all purposes.
Turia Pradhan D-1520

I, Arjoo Gattani, W/o- Saswat Routray, resident of Plot No.- 31/2073, Lane No.- 2A, Gangotri Nagar, Sisupal Garh, Bhubaneswar- 751002, Odisha declare by this affidavit No.- 41/2025, dtd. 03.05.2025. That I now onwards I shall be known as ARZOO GATTANI for all future purposes. D-1536

By virtue of an affidavit sworn before the Executive Magistrate, Titilagarh, No.503, date 02.08.25, I, Uttam Takri, S/o- Ramlal Takri, R/o. At- Nanajhar, P.O.- Manigaon, P.S.- Titilagarh, Dist.- Bolangir, (Odisha), PIN-767033 declare that I have changed my daughter's name from Tanishka Harpal to Tanishka Takri. Henceforth, she shall be known as Tanishka Takri for all purposes.
Uttam Takri D-1523

By virtue of an affidavit sworn before Executive Magistrate, Rajnagar, 31.07.2025, Pabitra Kumar Swain, Balarampur, Kandira, Rajnagar, Kendrapara. I have changed the name of my daughter from Rajashree Swain to Rajshree Swain. Henceforth, she shall be known as Rajshree Swain for all purpose. D-1522

By virtue of an affidavit sworn before the Executive Magistrate, Athagarh, Dated 15.07.2025, I have changed my name from Master Kousendra Sahoo to Kousendra Kumar Sahoo. Henceforth, I shall described as Kousendra Kumar Sahoo for all purposes. D-1535

By virtue of an affidavit sworn before Executive Magistrate, Korapur, dated 30.07.2025, I, Kartika Dalapati, aged about 33 years, S/o- Gobinda Dalapati, R/o- Badagoluru, P.O.- Ampawalli, P.S.- Pottangi, PIN- 764039, Dist.- Koraput, Odisha declare that I have changed the name of my daughter from "Tamasha Dalapati" to "Samriddhi Dalapati". Henceforth, she shall be known as "Samriddhi Dalapati" for all purposes.
Gobinda Dalapati D- 1533

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of R.P. case No.- 59/23 and 22/23 my title has been changed from Ashok Kumar Mohanty to Ashok Kumar Das, S/o- Khirod Mohan Das, Vill- Desahi, P.S.- Aul and Dist.- Kendrapara. So I will be known as Ashok Kumar Das instead of Ashok Kumar Mohanty in all purpose. D-1527

By virtue of an affidavit sworn before Executive Magistrate, Pipili, dated 08.07.2025, I, Dhirendra Jena, Address: At- Totapada, P.O./P.S.- Pipili, Dist.- Puri, PIN- 752104 declare that I have changed my daughter's name from Sai Sarita Jena to Sai Ashrita Jena. Henceforth, she shall be known as Sai Ashrita Jena for all purposes.
Dhirendra Jena D-1518

ମୁଁ ବିଜୟନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର, ଘୋଷଣା କରୁଅଛି କି, ମୋର ବିବାହର କିଛି ବର୍ଷ ପରେ ମୋର ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣି, କୁଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୋର ବାପଘରେ ରହିଆସୁଛି। ମୁଁ ମୋର ଶାଶୁଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୩୦

By virtue of an affidavit sworn before Executive Magistrate, Rajnagar, dated 24.07.2025, I, Sima Rout, W/o- Prasanta Kumar Rout, Vill- Santhapada, P.O.- Balabhadrapur, P.S.- Rajnagar, Dist.- Kendrapara, Odisha- 754217 declare that I have changed my name from Sima Tarenia (Old name) to Sima Rout. Henceforth, I shall be known as Sima Rout for all purposes.
Sima Rout D- 1531

Anima Pandey, D/o- Lalindra Prasad Patel, W/o- Dushmanta Kumar Pandey, At- Debadihi, P.O./P.S.- Jharsuguda, Pin-768201, Odisha declare by this affidavit No.-04 on dated 02.08.2025. That now onwards I shall be known as Anima Patel for all future purposes. D-1537

By virtue of an affidavit sworn before the Executive Magistrate, Saintala, dated 02.08.2025, I, Anusuya Beska, resident of Village: At- Barahmal, P.O.- Khasbahal, P.S.- Saintala, Dist- Balangir (Odisha), Pin- 767032 declare that I have changed my name from Anusuya Bhoi to Anusuya Beska. Henceforth, I shall be known as Anusuya Beska for all purpose.
Anusuya Beska D-1532

By virtue of an affidavit sworn in the Court of Executive Magistrate, Jajpurroad, I Mita Dhal, W/o- Surendra Dhal, At/P.O.- Ragadi, P.S.- Korai, Dist.- Jajpur my Aadhaar Card No.- XXXX XXXX 1676. My name is Mita Dhal, but in Birth Certificate of my son bearing Birth Registration No.- 101130/2011 name has been written by Sumita Dhal instead of Mita Dhal. I declare that Sumita Dhal and Mita Dhal as same and one person vide affidavit No.- 3308/29.7.2025. D-1539

By virtue of an affidavit sworn before Executive Magistrate, Bonth, dated 15.07.2025, I, Narendra Prusty, S/o- Late Bhaban Prusty, Vill/P.O.- Bangorpadi, P.S.- Bonth, Dist.- Bhadrak, PIN-756114, Odisha declare that I have changed my name from Sukadeb Prusty to Narendra Prusty. Henceforth, I shall be known as Narendra Prusty for all purposes. D-1538

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

IN THE COURT OF CIVIL JUDGE (JR. DVN) CHANDBALI
C.S No.- 259/2010

Prahallad Ch. Das & others ....Plaintiffs

Vrs.

State Representing by Collector Bhadrak & others ....Defendants

ଦେୱାନୀ କାର୍ଯ୍ୟବିଧି ଆଇନର ୧ ନିୟମ ୮ ଅନୁଯାୟୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବରକାଗଜ ବିଜ୍ଞାପନ ନିମନ୍ତେ ଚିଠା ଦାଖଲ ତରଫ ବାଦୀ।

ତଫସିଲ ଚିଠା

Prahallad Ch. Das & Others

Vrs.

State Representing by Collector, Bhadrak

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ବାଦୀ ପ୍ରହ୍ଲାଦ ଚନ୍ଦ୍ର ଦାସ ଓଗେର, ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇ, ସ୍ଥିତ MS Khata- ୭୧, ଖସଡ଼ା- ୫୧/୧୪୩, ଏ୧.୩୭ଡି. ବୃତ୍ତି ନିମିତ୍ତ ତାଙ୍କର ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ପ୍ରାର୍ଥନାରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଉକ୍ତ ବୃତ୍ତି ସରକାରୀ ରକ୍ଷିତ ଖାତାଧୀନ ଝାଟି ଜଙ୍ଗଲ କିସମରେ ଖତିଆନ ପ୍ରସ୍ତୁତି ହୋଇଅଛି। ଯଦି କୌଣସି ବ୍ୟକ୍ତିଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ପୂର୍ବକ ଫଏସଲା କରାଯିବ, ଧାର୍ଯ୍ୟ ଅବଧି ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇସ୍ଥିତ MS Khata-71, ଖସଡ଼ା- ୫୧/୧୪୩, ଏ୧.୩୭ଡି, କିସମ- ଝାଟି ଜଙ୍ଗଲ

Sd./- C.J.J.D, Chandbali
D-1540


DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

T&C Apply

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବୃକ୍ଷ ଆମର ବନ୍ଧୁ

**ବ**ନ୍ଧୁତାର ସମ୍ପର୍କକୁ ଅଧିକ ନିବିଡ଼ କରିବା ଲାଗି ପାଳନ କରାଯାଏ ଫ୍ରେଣ୍ଡଶିପ୍ ଡେ'। ତେଣୁ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ନିଜ ବନ୍ଧୁଙ୍କୁ ଭେଟିବା ଲାଗି ଏକାଠି ହୁଅନ୍ତି ଏବଂ ଏହି ଦିନକୁ ବେଶ୍ ମଜାମସ୍ତିରେ ସେଲିବ୍ରେଟ୍ କରନ୍ତି। ହେଲେ ଆଉ କେତେ ଜଣଙ୍କ ପାଇଁ କେବଳ ଏତିକିରେ ସରେନି ସେଲିବ୍ରେଶନ୍। ବରଂ ସେମାନେ ଏହି ସ୍ପେଶାଲ ଦିନରେ ଏଭଳି କିଛି ନିଆରା କାର୍ଯ୍ୟକ୍ରମ କରନ୍ତି, ଯାହାକି ପାଲଟିଯାଏ ଅନ୍ୟମାନଙ୍କ ପାଇଁ ଉଦାହରଣ। ତେବେ ପରିବେଶ ସୁରକ୍ଷା ଲାଗି ବୃକ୍ଷକୁ ବନ୍ଧୁ ଭାବି ଫ୍ରେଣ୍ଡଶିପ୍ ଡେ' ଅବସରରେ ବୃକ୍ଷରୋପଣ କରିବାକୁ ଆଗେଇ ଆସିଥିବା କେତେଜଣ ଯୁବଗୋଷ୍ଠୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...





**ଆଜି ହେଉଛି ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ବନ୍ଧୁତ୍ୱର ଏହି ଦିନଟିକୁ ସ୍ପେଶାଲ୍ କରିବା ଲାଗି ଅଧିକାଂଶ ଯୁବପିଢ଼ି ପରସ୍ପରକୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍ ବାନ୍ଧିବା, ଉପହାର ଦେବା, କେକ୍ କାଟିବା ସହ ପାର୍ଟିର ଆନନ୍ଦ ନେବାକୁ ବେଶ୍ ଉତ୍କଣ୍ଠିତ। ହେଲେ ଏମିତିବି କେତେଜଣ ଅଛନ୍ତି, ଯେଉଁମାନେ ବୃକ୍ଷ ହିଁ ଆମର ସବୁଠୁ ବଡ଼ ବନ୍ଧୁ, ଏହି ବାର୍ତ୍ତା ସଭିଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି। ଆଉ ବନ୍ଧୁତ୍ୱ ଦିବସରେ ବୃକ୍ଷ କ୍ଷୟ ଯୋଗୁ ବଢ଼ୁଥିବା ପ୍ରଦୂଷଣ ରୋକିବା ଲାଗି ପୃଥିବୀକୁ ପୁଣିଥରେ ସବୁଜ ବନାନୀରେ ଭରିଦେବାକୁ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଅଭିଯାନ...**

**ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ**

ଜୀବନ ନିମନ୍ତେ ଗଛ ହିଁ ଅମୃତ ; ଗଛ ବିନା ଜୀବନର ସ୍ଥିତି ମୁହୂର୍ତ୍ତକ ମଧ୍ୟରେ ଅସମ୍ଭବ। ଯେପର୍ଯ୍ୟନ୍ତ ଗଛ ବଂଚିଛି, ସେ ପର୍ଯ୍ୟନ୍ତ ଜୀବନର ଅସ୍ତିତ୍ୱ ରହିଛି । ଜଣେ ସଚ୍ଚା ବନ୍ଧୁ ଯେମିତି ନିଃସର୍ତ୍ତରେ ପ୍ରତି ମୁହୂର୍ତ୍ତରେ ଆମ ସୁଖ ଦୁଃଖରେ ସାମିଲ ହୁଅନ୍ତି, ଠିକ୍ ସେମିତି ଗଛ ଜୀବନ ସାରା ନିଃସର୍ତ୍ତରେ ସମଗ୍ର ଜୀବଜଗତକୁ ଖାଦ୍ୟ, ପାଣି ଓ ପବନ ଯୋଗାଇ ବଂଚାଇ ରଖିଛି। ତେଣୁ ଗଛ ହେଉଛି ଆମର ବନ୍ଧୁ। କେବଳ ମାନବ ସମାଜର ନୁହେଁ ବରଂ ଏ ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ। ତେଣୁ ଆମେ ଫ୍ରେଣ୍ଡଶିପ୍ ଡେ' ଗଛ ସହିତ ପାଳନ କରୁ ବୋଲି କୁହନ୍ତି ଅନୁଗୋଳରେ ଥିବା ସାଥୀ ପରିବାର ସଂଗଠନର ସଭାପତି ସିଦ୍ଧାର୍ଥ ପ୍ରଧାନ। ସେ କୁହନ୍ତି, ଫ୍ରେଣ୍ଡଶିପ୍ ଡେ' ଅଗଷ୍ଟ ମାସରେ (ବର୍ଷାଋତୁ) ପାଳନ ହେଉଥିବାରୁ ଆମେ ଏହିଦିନ ପ୍ରତି ବର୍ଷ ବିଭିନ୍ନ ହାଇସ୍କୁଲ, ମଠ ଓ ଗାଁର ଖୋଲା ସରକାରୀ ଜାଗାରେ ବୃକ୍ଷରୋପଣ କରିଥାଉ। ସ୍କୁଲ୍ର ପିଲାମାନଙ୍କୁ ଆମ ସହ ଯୋଗଦେବାକୁ କହିଥାଉ। ସେମାନଙ୍କୁ ଘରୋଇ ଫଳଗଛ ଚାରା ବଣ୍ଟନ କରିବା ସହ ଏହି ଚାରା ରୋପଣ କରି ଯତ୍ନ ନେଇ ତାକୁ ବଡ଼ କରିବାକୁ ପରାମର୍ଶ ଦେଇଥାଉ। ପରବର୍ତ୍ତୀ ବର୍ଷରେ ନିଜେ ଲଗେଇଥିବା ଗଛ ସହ ଫଟୋ ଉଠାଇ ଗ୍ରୁପ୍ରେ ଛାତ୍ରୀଛାତ୍ରମାନଙ୍କ ଫଟୋ ପଠାଇବାକୁ ଉତ୍ସାହିତ କରିଥାଉ। ହାଇସ୍କୁଲ ସ୍ତରରେ କ୍ଲାଇମେଟ୍ ଏଜୁକେଶନ୍ (ପରିବେଶ ଅନୁକୂଳ ଜୀବନଶୈଳୀ) ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଏ। ହାତୀପ୍ରବଣ ଅଞ୍ଚଳରେ ସାଥୀ ନର୍ସରୀ ପ୍ରସ୍ତୁତ କରି ଶାଳିଆ ବାଉଁଶ ଚାରା ଲଗାଯାଏ। ଚଳିତବର୍ଷ ମଧ୍ୟ ଫ୍ରେଣ୍ଡଶିପ୍ ଡେ'ରେ ସାଥୀ ପରିବାର ପକ୍ଷରୁ ୧୦,୦୦୦ ବର ଅଶ୍ୱତ୍ଥ ଗଛ ସଂରକ୍ଷଣ କାର୍ଯ୍ୟକ୍ରମ ଜରିଆରେ ୫୦ଟି ବର ଅଶ୍ୱତ୍ଥ ଚାରା ରୋପଣ କରାଯିବ ।

**ବୃକ୍ଷକୁ ବନ୍ଧାଯାଏ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍**

ବିଶ୍ୱ ବନ୍ଧୁତା ଦିବସରେ ପ୍ରତିବର୍ଷ ବ୍ରହ୍ମପୁରରେ ଥିବା ସବୁଜ ବାହିନୀ ଯୁବ ସଂଗଠନ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଛ ସହିତ ମିତ୍ରତା ବଢ଼େଇ ସୁସ୍ଥ ପରିବେଶ ସଚେତନତା ବୃଦ୍ଧି କରିବା। ଏହି ଅବସରରେ ସଂଗଠନର ସଦସ୍ୟମାନେ ରାଜନେତା, ପ୍ରଶାସନ, ବିଦ୍ୟାଳୟର ଶିକ୍ଷାର୍ଥୀ ଓ ସାଧାରଣ ଜନତାଙ୍କ ସହ ମିଶି ବଟ ଓ ଅଶ୍ୱତ୍ଥ ବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନଡ଼ିଆ ପତ୍ର ଓ ଫୁଲରେ ତିଆରି ହୋଇଥିବା ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧିଥାନ୍ତି ଓ ପରିବେଶ ସୁରକ୍ଷା ଲାଗି ଶପଥ ନିଅନ୍ତି। ସେମାନେ ରାଲି ମାଧ୍ୟମରେ ଲୋକମାନଙ୍କୁ ସଚେତନ କରନ୍ତି। ଏହା ଦ୍ୱାରା ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ଅଧିକ ଜାଣି ପରିବେଶ ସହିତ ଜଡ଼ିତ ହେବେ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜକୁ ପ୍ରକୃତି ସହିତ ଏକତାର ବନ୍ଧନରେ ବାନ୍ଧିବା। ଏହି ଅନୁଷ୍ଠାନର ସଦସ୍ୟମାନେ ଶହ ଶହ ବର୍ଷର ପୁରୁଣା ବଟବୃକ୍ଷ, ଅଶ୍ୱତ୍ଥ ବୃକ୍ଷକୁ ସୁରକ୍ଷା ଦେବା ଓ ପ୍ରାକୃତିକ ସମ୍ପଦକୁ ନବ ଜୀବନ ଦେବା ଉଦ୍ୟମ କରନ୍ତି ଏବଂ ସବୁଜ ପରିବେଶ ଗଠନ ଦିଗରେ ନୂଆ ପଦକ୍ଷେପ ନିଅନ୍ତି। ବୃକ୍ଷକୁ ସୁରକ୍ଷା ଦେବା ଓ ଏହା ସହିତ ମିତ୍ରତା କରିବାକୁ ପ୍ରତିବଦ୍ଧ ରହିବୁ ବୋଲି ଶପଥ ଗ୍ରହଣ କରନ୍ତି। ଏହି ଅଭିଯାନକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଦସ୍ୟମାନେ ସହରର ମୁଖ୍ୟ ରାସ୍ତାରେ ରାଲି କରନ୍ତି। ରାଲିରେ ସଚେତନତାମୂଳକ ସନ୍ଦେଶ ଦିଅନ୍ତି, 'ସବୁଜ ବାହିନୀର ନୂଆ ପ୍ରୟାସ... ଗଛ ସହ ମିତ୍ରତା କରିବା ଆସ'। ଏହି କାର୍ଯ୍ୟକ୍ରମ ଏକ ଶୁଭ ପଦକ୍ଷେପ, ଯାହା ମାନବ ଓ ପ୍ରକୃତି ମଧ୍ୟରେ ଏକ ଆଧୁନିକ ମିତ୍ରତାର ଆଧାର ସୃଷ୍ଟି କରେ। ଏହି ମାଧ୍ୟମରେ ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ସଚେତନ ହୁଅନ୍ତି, ପରିବେଶ ସୁରକ୍ଷା ପ୍ରତି ମାନସିକତା ବିକାଶ ପାଏ ଓ ପ୍ରତିଟି ପର୍ବରେ ଅନ୍ନଦାନ ନୁହେଁ ବୃକ୍ଷରୋପଣ ଓ ପ୍ରତିପାଳନ ପାଇଁ ଲୋକମାନେ ଅଗ୍ରସର ହେଉଛନ୍ତି ବୋଲି ମତ ଦିଅନ୍ତି ସଂଘର ସଭାପତି ଶିବରାମ ପାଣିଗ୍ରାହୀ।



**– ପୌର୍ଣ୍ଣମାସୀ**




ସବୁଜ ବାହିନୀ ଯୁବ ସଂଗଠନର ସଦସ୍ୟମାନେ




ସାଥୀ ପରିବାରର ସଦସ୍ୟମାନେ

## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ଥିମ୍ ................ ?
୨– ଭାରତରେ ଇନ୍କମ୍ ଟାକ୍ସ ଡେ' ........... ତାରିଖରେ ପାଳନ କରାଯାଏ ?
୩– ତ୍ରିମ୍ବକେଶ୍ୱର ଶିବ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?
୪– ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ ଏକ ............ ଜନିତ ରୋଗ ?
୫– ବକ୍ସା ଟାଇଗର ରିଜର୍ଭ ........... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନୂଆଦିଲ୍ଲୀର ଶାସ୍ତ୍ରୀ ଭବନ
୨ ଶିକ୍ଷା ମନ୍ତ୍ରଣାଳୟ
୩ କର୍କି(ଡ୍ରାଗନଫ୍ଲାଏ)
୪ ତାମିଲନାଡୁ
୫ ଅଗଷ୍ଟ ୭

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସନ୍ତୋଷିନୀ ପ୍ରଧାନ ଢେଙ୍କାନାଳ


ସ୍ୱସ୍ତିକ ଷଡ଼ଙ୍ଗୀ ବାଙ୍ଗାଲୋର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଜଙ୍ଗଲ

୧– ଆମାଜନ୍ ରେନ୍ଫରେଷ୍ଟ ......................... ୫,୫୦୦,୦୦୦ ବର୍ଗ କିମି.
୨– ଦି କଙ୍ଗୋ ରେନ୍ଫରେଷ୍ଟ .........................୨,୦୦୦,୦୦୦ ବର୍ଗ କିମି.
୩– ଭାଲ୍ଡିଭିଆନ୍ ରେନ୍ଫରେଷ୍ଟ ......................... ୨,୪୮,୧୦୦ ବର୍ଗ କିମି.
୪– ଟାଇଗା/ବୋରିଏଲ୍ ଫରେଷ୍ଟ ................ ୧୭,୦୦୦, ୦୦୦ ବର୍ଗ କିମି.
୫– ଟ୍ରପିକାଲ୍ ଆଣ୍ଡେସ୍ ................................ ୧,୮୦୦,୦୦୦ ବର୍ଗ କିମି.
୬– ସୁନ୍ଦରବନ ............................................ ୧୦,୦୦୦ ବର୍ଗ କିମି.
୭– ସାଇବେରିଆନ୍ ଟାଇଗା ......................... ୧,୦୦୦,୦୦୦ ବର୍ଗ କିମି.
୮– ଆଟ୍ଲାଣ୍ଟିକ ଫରେଷ୍ଟ ......................... ୧,୫୦୦,୦୦୦୦ ବର୍ଗ କିମି.
୯– ଡେନ୍ଟ୍ରି ରେନ୍ଫରେଷ୍ଟ ......................... ୧,୨୦୦,୦୦୦ ବର୍ଗ କିମି.
୧୦– ଗ୍ରେଟ୍ ବିଅର ରେନ୍ଫରେଷ୍ଟ .................... ୬୪,୦୦୦ ବର୍ଗ କିମି.

# ରାଖୀ ଗିଫ୍ଟ ଆଇଡିଆ

**ଉପହାର ପାଇଲେ କାହାକୁ ବା ଖୁସି ନ ଲାଗେ! ଆଉ ରାଖୀପୂର୍ଣ୍ଣିମାରେ ଯେବେ ଭାଇଠାରୁ ଗିଫ୍ଟ ମିଳେ, ଭଉଣୀର ଖୁସିର ସୀମା ରହେନି। ଆଗକୁ ରାଖୀପୂର୍ଣ୍ଣିମା ଆସୁଥିବାରୁ ଭଉଣୀକୁ କ'ଣ ଗିଫ୍ଟ ଦେଲେ ତାହା ସବୁଠୁ ଖାସ୍ ତଥା ସ୍ମରଣୀୟ ହୋଇପାରିବ ବୋଲି ଯଦି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ତେବେ କେତେକ ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...**

**କଷ୍ଟମାଇଜ୍ଡ ଡ୍ରେସ୍:** ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଏହାକୁ ଅଧିକ ସ୍ପେଶାଲ କରିବା ଲାଗି ଆପଣ ଭଉଣୀ ସହିତ ନିଜର କିଛି ଭଲ ଫଟୋକୁ ଡ୍ରେସ୍ରେ ପ୍ରିଣ୍ଟ କରାଇପାରିବେ। ଏହା ବ୍ୟତୀତ କିଛି ମେସେଜ ମଧ୍ୟ ପ୍ରିଣ୍ଟ କରାଇପାରିବେ। ବର୍ତ୍ତମାନ ଟ୍ରାଡିଶନାଲ୍ କୁର୍ତ୍ତି କିମ୍ବା ଶାଢ଼ିରେ ଉପରେ ପଟଚିତ୍ର, ବିଭିନ୍ନ ଦେବଦେବୀଙ୍କ ଚିତ୍ରଠୁ ଆରମ୍ଭ କରି ଟ୍ରାଇବାଲ୍ ଡିଜାଇନ୍ ହ୍ୟାଣ୍ଡ ପେଣ୍ଟ କରାଯାଉଛି, ଯାହାକି ଗିଫ୍ଟ ପାଇଁ ବେଶ୍ ଡିମାଣ୍ଡରେ ରହୁଥିବା ଦେଖିବାକୁ ମିଳୁଛି। ଏଭଳି କୌଣସି ହ୍ୟାଣ୍ଡ ପେଣ୍ଟ ଆଉଟ୍ଫିଟ୍ ଭଉଣୀକୁ ଗିଫ୍ଟ କରନ୍ତୁ, ଦେଖିବେ ସେ କେତେ ଖୁସିହେବେ।

**ଆସେସରିଜ୍ :** ବର୍ତ୍ତମାନ ମାର୍କେଟରେ ଅନେକ ପ୍ରକାରର ଆକର୍ଷଣୀୟ ଡିଜାଇନ୍ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ହେଲେ ଯଦି କିଛି ୟୁନିକ୍ ଆସେସରିଜ୍ ଦେବାକୁ ଚାହୁଁଛନ୍ତି, ତେବେ କଷ୍ଟୋମାଇଜ୍ଡ ଜୁଏଲାରି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏଥିପାଇଁ ଭଉଣୀଙ୍କର ହେଉ କିମ୍ବା ଭାଇ-ଭଉଣୀ ଉଭୟଙ୍କ ନାଁ ଓ ଫଟୋଥିବା ବିଭିନ୍ନ କଷ୍ଟୋମାଇଜ୍ଡ ଜୁଏଲାରି ଅର୍ଡର କରି ଗିଫ୍ଟ କରିପାରିବେ।



**ମୋବାଇଲ୍ ଫୋନ୍ :** ଆଜିକାଲି ଅଧିକାଂଶ ଝିଅ ରିଲ୍ସ କରିବା, ୟୁଟ୍ୟୁବ୍ ଭିଡିଓ କରିବା ଆଦିରେ ବିଶେଷ ରୁଚି ରଖୁଛନ୍ତି। ଯଦି ଆପଣଙ୍କ ଭଉଣୀ ବି ଏଥିରେ ରୁଚି ରଖନ୍ତି, ତେବେ ଭଲ କ୍ୟାମେରା ସହ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ।

**ମେକ୍ଅପ୍ କିଟ୍:** ମେକ୍ଅପ୍ ନେବା କେଉଁ ଝିଅକୁ ବା ପସନ୍ଦ ନୁହେଁ! ତେଣୁ ରାଖୀ ଗିଫ୍ଟରେ ଭଉଣୀକୁ ମେକ୍ଅପ୍ କିଟ୍ ଦେବା ମଧ୍ୟ ଏକ ଭଲ ଆଇଡିଆ। ହେଲେ ଏହାକୁ ଗିଫ୍ଟ କରିବା ପୂର୍ବରୁ ଯଦି ସେ କେଉଁ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ପ୍ରଡକ୍ଟ ବ୍ୟବହାର କରୁଥାନ୍ତି, ତେବେ ତା' ସମ୍ପର୍କରେ ଜାଣିନିଅନ୍ତୁ।



# ହାପି ଫ୍ରେଣ୍ଡଶିପ୍ ଡେ'

**ବନ୍ଧୁତ୍ୱ, ଏକ ଏଭଳି ସମ୍ପର୍କ ଯାହାର ନିବିଡ଼ତା ମାପି ହୁଏନି, ଯାହାକୁ ଭାଷାରେ ପ୍ରକାଶ କରିବାକୁ ଶବ୍ଦ ଅଣ୍ଟେନି। ବନ୍ଧୁତ୍ୱର ଏହି ଅତୁଟ ସମ୍ପର୍କକୁ ସ୍ମରଣୀୟ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାର ଦିନ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ତେବେ ବନ୍ଧୁମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ବିଶେଷ ଅବସରରେ ବନ୍ଧୁତ୍ୱ ସମ୍ପର୍କରେ କ'ଣ କୁହନ୍ତି ଏମାନେ...**

## ବନ୍ଧୁତା ଗୋଟେ ଭାବାବେଗ



**ବ**ନ୍ଧୁତ୍ୱ ଏ ପୃଥିବୀର ସବୁଠାରୁ ସୁନ୍ଦର ସମ୍ପର୍କ, ଯେଉଁଠି ନିଃସର୍ତ୍ତ ଭଲପାଇବା ହିଁ ବାଟ କଢ଼େଇ ନେଉଥାଏ। ଆମ ଜୀବନର ଅନେକ ସମ୍ପର୍କ ଜନ୍ମଗତ, କିନ୍ତୁ ବନ୍ଧୁତା ଆମେ ନିଜେ ଗଢ଼ୁ ସମୟ, ସହାନୁଭୂତି, ସମର୍ପଣକୁ ସାଥିରେ ନେଇ। ବନ୍ଧୁତା ଗୋଟେ ଭାବାବେଗ, ଗୋଟେ ଜୀବନ୍ତ ଅନୁଭବ। ବନ୍ଧୁବିହୀନ ଜୀବନଟିଏ ପରିକଳ୍ପନା କରିବା ବି ଅସମ୍ଭବ ମନେହୁଏ। ପାରସ୍ପରିକ ସୌହାର୍ଦ୍ଦ୍ୟ ଆମ ସଭିଙ୍କ ଧ୍ୟେୟ ହେଉ।

*– ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ*

## ନିଃସ୍ୱାର୍ଥପର ମନୋଭାବ



### ବନ୍ଧୁତାକୁ କରେ ଦିବ୍ୟ

**ବ**ନ୍ଧୁତ୍ୱ ଏକ ନିଆରା ଅନୁଭବ। ସମଗ୍ର ସଂସାରରେ କୌଣସି ସମ୍ପର୍କଠାରୁ ଏହା ଅନେକ ମହତ୍ତ୍ୱପୂର୍ଣ୍ଣ। ପରସ୍ପରର ନିକଟବର୍ତ୍ତୀ ହୋଇ ଦୁଃଖ ଏବଂ ସୁଖକୁ ସମାନ ଭାବରେ ବାଣ୍ଟିନେବା ହେଉଛି ପ୍ରକୃତ ବନ୍ଧୁତା। ନିଃସ୍ୱାର୍ଥପର ମନୋଭାବ ହିଁ ବନ୍ଧୁତାକୁ ଏକ ଦିବ୍ୟ ସମ୍ପର୍କରେ ପରିଣତ କରିଥାଏ। ଅନ୍ଧବିଶ୍ୱାସୀ ନ ହୋଇ ପ୍ରକୃତ ବନ୍ଧୁତା ବ୍ୟକ୍ତିତ୍ୱର ବିକାଶ କରିଥାଏ।



ତେବେ ସମସ୍ତ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ବନ୍ଧୁତା ହିଁ ମଣିଷର ମନରେ ସ୍ନେହ, ସଦିଚ୍ଛା, ଶ୍ରଦ୍ଧା ପରି ଭାବନାର ଉଦ୍ରେକ କରିଥାଏ।

*– ଐଶ୍ୱର୍ଯ୍ୟା ରାଉତ, ଶିକ୍ଷୟିତ୍ରୀ, ମୟୁରଭଞ୍ଜ*

## ଦୁନିଆର ସବୁ ସମ୍ପର୍କଠୁ ଊର୍ଦ୍ଧ୍ୱରେ ବନ୍ଧୁତା



ବନ୍ଧୁତା ଗୋଟିଏ ଶବ୍ଦ ନୁହେଁ, ଗୋଟେ ଅନୁଭୂତି। ଦୁନିଆର ସବୁ ସମ୍ପର୍କଠୁ ଊର୍ଦ୍ଧ୍ୱରେ ଏ ସମ୍ପର୍କ, ଯାହା ରକ୍ତର ନୁହେଁ ଭଲପାଇବାର। ଯିଏ ସାଥିରେ ଥିଲେ ନୂଆ ଦୁନିଆ ହୁଏ ତିଆରି, ଯାହା ସହ କଥା ହେଲେ ସମୟ ନିଅଣ୍ଟ ହୁଏ। ହସ ହସ ମୁହଁରୁ ଦୁଃଖ ପଢ଼ିପାରୁଥିବା ସେଇ ଯାଦୁକରର ନାଁ ବନ୍ଧୁ, ଯାହାର ପାପୁଲି ସ୍ପର୍ଶରେ ଲୁହର ବି ରଙ୍ଗ ବଦଳିଯାଏ, ଯାହାର ତାଗିଦାରେ ଅସଜଡ଼ା ମଣିଷଟେ ସଜାଡ଼ି ହୁଏ, ସେଇ ବନ୍ଧୁକୁ ବନ୍ଧୁତା ଦିବସର ଅଭିନନ୍ଦନ।

*– ଲିଜା ସେନାପତି, ଛାତ୍ରୀ, ମାଲକାନଗିରି*

## ସୁସ୍ଥ ଜୀବନ ପାଇଁ ଭଲ ବନ୍ଧୁଟେ ଲୋଡ଼ା



**ଆ**ମେ ଜାଣିଛେ ଜନ୍ମରୁ ମୃତ୍ୟୁଯାଏ ମଣିଷଟେ ସମ୍ପର୍କରେ ବନ୍ଧା। ଅନେକ ସମ୍ପର୍କ ଆମେ ଜନ୍ମହେବାର ଢେର ଆଗରୁ ଆମ ସହ ଯୋଡ଼ି ହୋଇଥାଏ, ମାତ୍ର ବନ୍ଧୁତା ଏମିତି ଏକ ସମ୍ପର୍କ ଯାହା ଆପେ ଆପେ ତିଆରି ହୁଏ। ବନ୍ଧୁତା କେବଳ ମଣିଷ-ମଣିଷ ଭିତରେ ହୁଏନି, ବରଂ ବେଳେବେଳେ ମଣିଷଟେ ପଶୁପକ୍ଷୀ, ଗଛଲତା ଏବଂ ପ୍ରକୃତିକୁ ନିଜର ବନ୍ଧୁ ବୋଲି ଗ୍ରହଣ କରିପାରେ। ଏଣୁ ବନ୍ଧୁତାରେ କୌଣସି ଲିଙ୍ଗ ନ ଥାଏ ବୋଲି ମୋର ମତ। ଯେମିତି ସମାଜ ପାଇଁ ସାହିତ୍ୟ ଦର୍ପଣ, ଘର ପାଇଁ ଝିଅଟେ ସୁନ୍ଦର, ନଈ ପାଇଁ ନାଆଟେ, କ୍ଷେତ ପାଇଁ ଚଷାଟେ ସେମିତି ସୁସ୍ଥ ଜୀବନଟେ ପାଇଁ ଭଲ ବନ୍ଧୁଟେ ଲୋଡ଼ା।

କଥାରେ ଅଛି– ''ଭଲ ବନ୍ଧୁଟେ ମାଟିରୁ ଉଠେଇ ନେଇ ସୁନା କରିଦେଇପାରେ ଏବଂ କୁସଙ୍ଗତି ସୁନାମୁଣ୍ଡାକୁ ବି ଅଙ୍ଗାର କରିଦେଇପାରେ।'' ଏଣୁ ବନ୍ଧୁତା ବୟସରୁ ନୁହେଁ, ମାନସିକତାରୁ ହେଉ। ବନ୍ଧୁତା ଜଖମର ଇଲାଜ ହେଉ, ମାତ୍ର ମୁଣ୍ଡ ଉପରେ ବୋଝ ନ ହେଉ ।

**– ବୀରେନ୍ଦ୍ର ନାୟକ, ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**

ଉପସ୍ଥାପନା: **ସୌମ୍ୟରଞ୍ଜନ ରାଉତ**

# ଜୟସ୍ୱାଲଙ୍କ ଶତକ

# ଦୃଢ଼ ସ୍ଥିତିରେ ଭାରତ


ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

ଲଣ୍ଡନ,୨।୮

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ଫଳରେ ୨୩ ରନରେ ପଛୁଆ ଥିବା ଭ୍ରମଣକାରୀ ଭାରତ ଦ୍ୱିତୀୟ ଇନିଂସରେ ତୃତୀୟ ଦିନ ୮୩ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୩୫୫ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ରବୀନ୍ଦ୍ର ଜାଡେଜା ୫୩ ଓ ୱାଶିଂଟନ ସୁନ୍ଦର ୧୫ ରନରେ ବ୍ୟାଟିଂ କରୁଛନ୍ତି। ମ୍ୟାଚ୍‌ରେ ଏବେ ଭାରତୀୟ ଦଳ ହାତରେ ୩ ଉଇକେଟ ସୁରକ୍ଷିତ ରଖି ୩୩୨ ରନରେ ଆଗରେ ରହିଛି। ମ୍ୟାଚ୍ ବେଳେ ଭାରତୀୟ ଦିନିକିଆ ଦଳର

## ପଞ୍ଚମ ଟେଷ୍ଟ

ଅଧିନାୟକ ରୋହିତ ଶର୍ମା ଗ୍ରାଉଣ୍ଡରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ମ୍ୟାଚ୍‌ର ତୃତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୫/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍ ୱାଚମ୍ୟାଚ୍ ଭାବେ ଚତୁର୍ଥ କ୍ରମରେ ବ୍ୟାଟିଂ କରିଥିବା ଆକାଶ ଦୀପ ଧୈର୍ଯ୍ୟର ସହ ପ୍ରାୟତଃ ପ୍ରଥମ ସେସନ ଖେଳିଥିଲେ। ଜୟସ୍ୱାଲ ୧୪ ଚୌକା ଓ ୨ ଛକା ସହାୟତାରେ ୧୧୮ ରନର ଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଷଷ୍ଠ ଶତକ ଥିଲା। ଆକାଶ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ଥିଲା। ଦୁହେଁ ଆଉଟ୍ ହେବା ପୂର୍ବରୁ ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ। ଆକାଶ ୧୨ତମ ଖେଳାଳି ଭାବେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୧୦ ଉଇକେଟ ସଫଳତା ସହ ଏକ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ସମ୍ମାନଜନକ କ୍ଲବରେ ଅଷ୍ଟ୍ରେଲିଆର ଶେନ ୱର୍ଣ୍ଣ, ହ୍ୟୁଗ ଟ୍ରମ୍ବଲ, କେଇଥ ମିଲର, ପାକିସ୍ତାନର ଇମ୍ରାନ ଖାନ ଓ ନ୍ୟୁଜିଲାଣ୍ଡର ରିଚାର୍ଡ ହାଡଲିଙ୍କ ଭଳି ମହାନ କ୍ରିକେଟରଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଏହା ଛଡ଼ା ଆକାଶ ଚତୁର୍ଥ ଭାରତୀୟ ଭାବେ ଚଳିତ ଶତାବ୍ଦିରେ ନଂ-୪ ପୋଜିଶନରେ ଚତୁର୍ଥ ବ୍ୟାଟର ଭାବେ ଇଂଲଣ୍ଡରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ପୋଜିଶନରେ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ଗିଲ ଅର୍ଦ୍ଧଶତକ କରିଥିଲେ। ଅଧିନାୟକ ଶୁବମନ ଗିଲ (୧୧) ଓ କରୁଣ ନାୟର (୧୭) ବିଫଳ ହୋଇଥିଲେ। ଦୁହେଁ ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଜାଡେଜା ଓ ଜୁରେଲ ସପ୍ତମ ଉଇକେଟରେ ୫୦ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୩୨୩ ହୋଇଥିବା ବେଳେ ଜୁରେଲ ୩୪ ରନ କରି ପାଭିଲିଅନ ଫେରିଥିଲେ। ଜାଡେଜା ଅଷ୍ଟମ କ୍ରମରେ ଆସିଥିବା ୱାଶିଂଟନ୍‌ଙ୍କ ସହ ମିଶି ଅବିଭାଜିତ ଅଷ୍ଟମ ଉଇକେଟରେ ୩୨ ରନ୍ ଯୋଡ଼ିଛନ୍ତି। ଏହି ଅବସରରେ ଜାଡେଜା ତାଙ୍କ କ୍ୟାରିୟର୍‌ର ୨୭ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚଳିତ ସିରିଜ୍‌ରେ ଏହା ତାଙ୍କର ୫ମ ଅର୍ଦ୍ଧଶତକୀୟ ପାଳି। ଇଂଲଣ୍ଡ ପକ୍ଷରୁ ଆଟକିନସନ ୩ ଉଇକେଟ ନେଇଥିବା ବେଳେ ଜୋଶ ଟଙ୍ଗ ଓ ଜେମି ଓଭରଟନ ଦୁଇଟି ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୮୩ ଓଭରରେ ୩୫୫/୭ (ଯଶସ୍ୱୀ ଜୟସ୍ୱାଲ-୧୧୮, ଆକାଶ ଦୀପ-୬୬, ରବୀନ୍ଦ୍ର ଜାଡେଜା-୫୩*, ଧ୍ରୁବ ଜୁରେଲ-୩୪, ଗସ ଆଟକିନସନ-୩/୧୦୪, ଜୋଶ ଟଙ୍ଗ-୨/୧୦୯, ଜେମି ଓଭରଟନ-୨/୯୮)।




# ଭାରତ ଆସିବେ ମେସି

ନୂଆଦିଲ୍ଲୀ,୨।୮(ପି.ଟି.)



ଆସନ୍ତା ଡିସେମ୍ବରରେ ଫୁଟ୍‌ବଲ ସୁପରଷ୍ଟାର ତଥା ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଭାରତ ଟୁର୍‌ରେ ଆସିବେ। ତାଙ୍କର ଏହି ଟୁର କୋଲକାତାରୁ ଆରମ୍ଭ ହୋଇ ଅହମ୍ମଦାବାଦ ଓ ମୁମ୍ବାଇ ଦେଇ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଶେଷ ହେବ। ଏହି ଗସ୍ତ ଲାଗି ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବାବେଳେ ମେସିଙ୍କଠାରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି, ଯାହା କି ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ, ମେସି ଡିସେମ୍ବର ୧୨ ତାରିଖ ରାତି ପ୍ରାୟ ୧୦ଟାରେ କୋଲକାତା ବିମାନ ବନ୍ଦରରେ ପହଞ୍ଚିବେ ଏବଂ ୨ ଦିନ ଓ ଗୋଟିଏ ରାତି ରହିବେ।

ଗସ୍ତର ପ୍ରଥମ ଦିନ ଅର୍ଥାତ ୧୬ ତାରିଖରେ କୋଲକାତା ଲେକ ଟାଉନ ଶ୍ରୀଭୂମିରେ ତାଙ୍କର ଏକ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଆୟୋଜକଙ୍କ ଦାବି ଅନୁଯାୟୀ, ଏହା ବିଶ୍ୱକପ୍ ବିଜୟୀ ମେସିଙ୍କର ପ୍ରଥମ ଓ ସର୍ବୋଚ୍ଚ ଷ୍ଟାଚ୍ୟୁ। ଏହାପରେ ସେ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ଏଥିରେ ସେ ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ, ଜନ ଆବ୍ରାହମ, ବାଇଚୁଙ୍ଗ ଭୁଟିଆଙ୍କ ଭଳି ସ୍ପୋର୍ଟ୍ସ ସେଲିବ୍ରିଟିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ସେଭେନ ସାଇଡ୍-ସଫ୍ଟ ବଲ ମ୍ୟାଚ୍ ଖେଳିବେ। ଇଡେନ ଗାର୍ଡେନ୍ସରେ ମେସିଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବର୍ଦ୍ଧିତ କରିପାରନ୍ତି। ୧୩ ତାରିଖ ସନ୍ଧ୍ୟାରେ ମେସି ଆଦାନୀ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅହମଦାବାଦ ଯିବେ। ଏହାପରେ ସେ ମୁମ୍ବାଇ ଯିବେ। ସେଠାରେ ସେ ୱାଙ୍ଖେଡେ ଷ୍ଟାଡିୟମରେ ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀଙ୍କ ସହ ଏକ ସେଭେନ-ଏ-ସାଇଡ୍ କ୍ରିକେଟ ମ୍ୟାଚ୍ ଖେଳିପାରନ୍ତି। ଭାରତୀୟ ଫୁଟବଲ ଦଳର ଖେଳାଳିଙ୍କ ସହ ମଧ୍ୟ ସେ ଆଲୋଚନା କରିବେ। ଡିସେମ୍ବର ୧୫ରେ ମେସି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ। ପରେ ଫେରୋଜ ଶାହା କୋଟଲାରେ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ପ୍ରତ୍ୟେକ ସହରରେ ମେସି ପରବର୍ତ୍ତୀ ପିଢ଼ିର ଭାରତୀୟ ଫୁଟବଲରଙ୍କୁ ପ୍ରେରଣା ଦେବା ପାଇଁ ଛୁଆଙ୍କର ଏକ ମାଷ୍ଟରକ୍ଲାସ ନେବେ।

## ସାଇନା-କଶ୍ୟପ ପୁଣି ଏକାଠି

**ହାଇଦ୍ରାବାଦ, ୨।୮:** ବିବାହ ବିଚ୍ଛେଦ ଘୋଷଣା କରିବାର ପାଖାପାଖି ଏକ ମାସ ପରେ ସାଇନା ନେହ୍ୱାଲ ଓ ପାରୁପଲୀ କଶ୍ୟପ ସେମାନଙ୍କ ବିବାହକୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୮ରେ ବିବାହ କରିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦମ୍ପତି ଗତ ଜୁଲାଇରେ ସୋସିଆଲ ମିଡିଆ ଜରିଆରେ ଆପୋସ ବୁଝାମଣାରେ ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ। କିନ୍ତୁ ଶନିବାର ସାଇନା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟ ଫ୍ୟାନ୍ସଙ୍କୁ ଚକିତ କରି ଦେଇଛି। କଶ୍ୟପଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପ୍‌ଶନରେ 'ବେଳେବେଳେ ଦୂରତା ତୁମ ଉପସ୍ଥିତିରେ ମୂଲ୍ୟ ଶିଖାଏ। ଆମେ ଏବେ ପୁଣି ଉଦ୍ୟମ କରୁଛୁ' ବୋଲି ସାଇନା ଉଲ୍ଲେଖ କରିଛନ୍ତି।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ରାକେଶ ଚାମ୍ପିୟନ

ଭୁବନେଶ୍ୱର,୨।୮(ଅନାଦି କର)

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଶୁତୋଷ ପାଢ଼ୀଙ୍କୁ ହରାଇ ରାକେଶ ରୋଶନ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ରାକେଶଙ୍କୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ଆଶୁତୋଷଙ୍କୁ ରନରଅପ୍ ଟ୍ରଫି ସହ ସାଢ଼େ ୧୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ସେମିଫାଇନାଲରେ ପରାସ୍ତ ହୋଇଥିବା ସୁବ୍ରତ ଦାସ ଓ ଅବିନାଶ ମହାପାତ୍ରଙ୍କୁ ୬ ହଜାର ଲେଖାଏ ଏବଂ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୩ ହଜାର ଲେଖାଏ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଫାଇନାଲର ପ୍ରଥମ ଫ୍ରେମରେ ଚମତ୍କାର ୭୬ ସ୍କୋର କରିଥିବା ଆଶୁତୋଷଙ୍କୁ ୫୦୦୦ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ମୋଷ୍ଟ ପ୍ରୋମିଜିଂ ପ୍ଲେୟର ସେହିଭଳି ନିଶି ପ୍ରକାଶ ଦାସଙ୍କୁ ଆୱାର୍ଡ ପ୍ରଦାନ କରାଯାଇଛି।



ଚାମ୍ପିୟନ ରାକେଶ ରୋଶନ ପ୍ରଧାନ ଓ ରନରଅପ୍ ଆଶୁତୋଷ ପାଢ଼ୀ।

**ଡୁରାଣ୍ଡ କପ୍ ଫୁଟ୍‌ବଲ**

## ନବାଗତ ଲଦାଖ ଏଫ୍‌ସିର ପ୍ରଥମ ମ୍ୟାଚ୍ ଡ୍ର

**ଜାମଶେଦପୁର, ୨।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଗ୍ରୁପ୍ 'ସି'ରେ ନବାଗତ ଲଦାଖ ଏଫ୍‌ସି ଓ ନେପାଳର ତ୍ରିଭୁବନ ଆର୍ମି ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ରେ ଅମୀମାଂସିତ ରହିଛି। ଡିଫେଣ୍ଡର ସିଜୁ ୨୩ତମ ମିନିଟରେ ଲଦାଖର ପ୍ରଥମ ଖେଳାଳି ଭାବେ ଏହି ଆଇକନିକ ଟୁର୍ନାମେଣ୍ଟରେ ଗୋଲ ସ୍କୋର କରି ଇତିହାସ ସୃଷ୍ଟି କରିଥିଲେ। ମଧ୍ୟାନ୍ତର ପୂର୍ବରୁ ଅର୍ଥାତ୍ ଖେଳର ୪୦ତମ ମିନିଟ୍‌ରେ ନିରଞ୍ଜନ ଧାମି ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଆସିଥିଲେ।

## ୱାର୍ଲ୍ଡ ଚାମ୍ପିୟନ ରିଚାର୍ଡସନ ଗିରଫ

**ସିଆଟେଲ,୨।୮:** ୟୁଏସ୍ ଟ୍ରାକ ଓ ଫିଲ୍ଡ ଚାମ୍ପିୟନଶିପ୍ ଆରମ୍ଭ ହେବାର ୪ ଦିନ ପୂର୍ବରୁ ୧୦୦ ମିଟର ୱାର୍ଲ୍ଡ ଚାମ୍ପିୟନ ଶାକାରି ରିଚାର୍ଡସନଙ୍କୁ ଘରୋଇ ହିଂସା ଲାଗି ସିଆଟେଲ ବିମାନବନ୍ଦରରୁ ଗିରଫ କରାଯାଇଛି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ୨୫ ବର୍ଷୀୟା ରିଚାର୍ଡସନ ବିମାନବନ୍ଦରରେ ତାଙ୍କ ପୁରୁଷ ସାଥୀଙ୍କ ସହ ଯୁକ୍ତିତର୍କ ପରେ ତାଙ୍କୁ ଧକ୍କା ଦେଇଥିଲେ, ଯାହା ଫଳରେ ତାଙ୍କ ପୁରୁଷ ସାଥୀ ଏକ ଖୁମ୍ବରେ ପିଟି ହୋଇଯାଇଥିଲେ। ଏକ ରିପୋର୍ଟ ମୁତାବକ, ରିଚାର୍ଡସନଙ୍କୁ ୨୭ ତାରିଖ ସନ୍ଧ୍ୟାରେ ଗିରଫ କରାଯାଇ ପରଦିନ ଛଡ଼ା ଯାଇଥିଲା। ଗତ ଶୁକ୍ରବାର ସେ ଅତ୍ୟଧିକ ଖରା କାରଣରୁ ଅରେଗନର ୟୁଜିନରେ ୧୦୦ ମିଟର ସେମିଫାଇନାଲରେ ଓହରି ଯାଇଥିଲେ।


ନାଗପୁର (ମହାରାଷ୍ଟ୍ର): ଗ୍ରାଣ୍ଡମାଷ୍ଟର ତଥା ମହିଳା ବିଶ୍ୱକପ୍ ଚାମ୍ପିୟନ ଦିବ୍ୟା ଦେଶମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦିବ୍ୟାଙ୍କୁ ଶୁଭେଚ୍ଛା ଜଣାଇଲେ ସିଜେଆଇ

ନାଗପୁର,୨।୮

ଭାରତର ମୁଖ୍ୟ ବିଚାରପତି ଭୂଷଣ ଗଭାଇ ଶନିବାର ନୂଆ କରି ଫିଡେ ଚେସ୍ ୱାର୍ଲ୍ଡକପ୍ ଚାମ୍ପିୟନ ତଥା ଗ୍ରାଣ୍ଡମାଷ୍ଟର ହୋଇଥିବା ଦିବ୍ୟା ଦେଶମୁଖଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି। ୧୯ ବର୍ଷୀୟା ଦିବ୍ୟା ଗତ ୨୮ ତାରିଖରେ ବାଟୁମିଠାରେ ପ୍ରଥମ ଭରତୀୟ ଭାବେ ମହିଳାଙ୍କ ବିଶ୍ୱକପ୍ ଜିତିଥିଲେ। ସିଜେଆଇଙ୍କ ଘର ଅମରାବତୀ ହୋଇଥିବା ବେଳେ ଦେଶମୁଖଙ୍କ ଜେଜେବାପା ସ୍ୱର୍ଗତ ଡ. କେଜି ଦେଶମୁଖ ସେଣ୍ଟ ଗେଜ ବାବା ଅମରାବତୀ ୟୁନିଭର୍ସିଟିର ଭିସି ଥିଲେ। ଗଣମାଧ୍ୟମ ସହ କଥା ହେଲା ବେଳେ ସିଜେଆଇ କହିଛନ୍ତି ଯେ, ତାଙ୍କ ବାପା ଓ ସ୍ୱର୍ଗତ କେଜି ଦେଶମୁଖ ଘନିଷ୍ଠ ବନ୍ଧୁ ଥିଲେ। ଆମେ ଏକ ପରିବାର ଭାବେ ବଡ଼ ହୋଇଛୁ। ଏଠାକୁ ଭିଜିଟ୍ ଯୋଗୁ ମୋର ପୁରୁଣା କଥା ମନେପଡ଼ୁଛି। ୫୦ରୁ ୫୫ ବର୍ଷ ତଳ କଥା ମନେପଡ଼ୁଛି। ଏହା ମୋ ପାଇଁ ଏକ ଖୁବ୍ ଭଲ ପୁନର୍ମିଳନ ଥିଲା। ଆମ ସଭିଙ୍କୁ ଗର୍ବିତ କରିଥିବା ଦିବ୍ୟାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମୁଁ ଏଠାକୁ ଆସିଥିଲି।

# ହାଇଦ୍ରାବାଦରେ ଫିଫା ଟ୍ୟାଲେଣ୍ଟ ଏକାଡେମୀ

ହାଇଦ୍ରାବାଦ,୨।୮(ପି.ଟି.)



ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା) ଭାରତର ଯୁବ ଖେଳାଳିମାନଙ୍କ ପାଇଁ ଶନିବାର ଏକ ଟ୍ୟାଲେଣ୍ଟ ଏକାଡେମୀ ପ୍ରତିଷ୍ଠା କରିବ। ଏଥିରେ ଦେଶର ପ୍ରତିଭା ସମ୍ପନ୍ନ ଫୁଟ୍‌ବଲ ଖେଳାଳିମାନେ ଉଚ୍ଚ ସ୍ତରୀୟ ଟ୍ରେନିଂ ଯୋଗାଇ ଦିଆଯିବ। ଏହି ପରିପ୍ରେକ୍ଷୀରେ ଏଆଇଏଫ୍‌ଏଫ୍, ଫିଫା ଓ ତେଲେଙ୍ଗାନା ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ତୃଣମୂଳ ସ୍ତରରେ ଫୁଟବଲ ଖେଳର ପ୍ରସାର କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ସ୍ଥାନୀୟ ଗାଚିବାଓଲି ଷ୍ଟାଡିୟମରେ ଏକାଡମୀ ପ୍ରତିଷ୍ଠା ହେବ। ଏଥିରେ ପ୍ରତ୍ୟେକ ବର୍ଗରେ ତେଲେଙ୍ଗାନର ୧୦ ଖେଳାଳିଙ୍କ ସମେତ ୬୦ ଏଲିଟ୍ ଖେଳାଳି ଯଥା ୩୦ ବାଳକ (୧୪ବର୍ଷରୁ କମ୍) ଓ ୩୦ ବାଳିକା (୧୬ ବର୍ଷରୁ କମ୍)ଙ୍କୁ ଓ୍ୱର୍ଷସାରା ହାଇପରଫର୍ମାନ୍ସ ଟ୍ରେନିଂ, ଆବାସିକ ସୁବିଧା, ଶିକ୍ଷା, ଚିକିତ୍ସା ସେବା, ପୃଷ୍ଟିସାର ଓ ମାନସିକ ସୁସ୍ଥତା ସମେତ ବର୍ଷସାରା ଉଚ୍ଚ ପାରଦର୍ଶିତା ତାଲିମ ପ୍ରଦାନ କରାଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ସିଂ ଚୌବେ କହିଛନ୍ତି, ଭାରତରେ ଖେଳ ପାଇଁ ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ବାଳିକା ଓ ବାଳକଙ୍କ ଲାଗି ଦୁଇଟି ପୃଥକ ଏକାଡମୀ ପ୍ରତିଷ୍ଠା କରାଯିବ। ଚୌବେ କହିଛନ୍ତି, ଭାରତ ୧୭ ବର୍ଷରୁ କମ୍ ପୁରୁଷ ଓ ମହିଳା ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲାଗି ସ୍ୱପ୍ନ ଦେଖୁଛି। ଏହି ଏକାଡେମୀ ସ୍ୱପ୍ନକୁ ସାକାର କରିବ ବୋଲି ଆଶା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ମଧ୍ୟ ଉପସ୍ଥିତ ଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ